• Vol.- 46, Issue No. 172
• Sunday, 21 September 2025
• ରବିବାର, ୨୧ ସେପ୍ଟେମ୍ବର ୨୦୨୫
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com







### ସାର ପ୍ରସଙ୍ଗ: ବିଧାନସଭା ପୁଣି ଅଚଳ

## ମାତ୍ର ୧୫ ମିନିଟ ଚାଲିଲା ଗୃହ

- ଦୁଇଦିନରେ ମୋଟ ୨୩ ମିନିଟ
- ସୋମବାର ସକାଳ ୧୦ଟା ଯାଏଁ ମୁଲତବି

ଭୁବନେଶ୍ୱର, ୨୦।୯: ସାର ପ୍ରସଙ୍ଗକୁ ନେଇ ଶନିବାର ମଧ୍ୟ ବିଧାନସଭା ଅଧିବେଶନ ଚାଲିପାରିଲା ନାହିଁ। ରାଜ୍ୟରେ ଦେଖାଯାଇଥିବା ସାର ସମସ୍ୟାକୁ କେନ୍ଦ୍ର କରି ବିଜୁ ଜନତା ଦଳର ବିଧାୟକମାନେ ଗୃହରେ ନାରାବାଜି କରିଥିଲେ। ଆଲୋଚନା ସୁରୁଖୁରୁରେ ହେବା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଏହା ହୋଇପାରି ନାହିଁ। ଅନ୍ୟପକ୍ଷରେ ସାର ଅଭାବ ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ଦାବି କରି ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ି ମୁଖ୍ୟ ବିରୋଧୀ ଦଳ ରାଜଭବନ ଯାଇଥିଲେ। ଶନିବାର ଗୃହ କାର୍ଯ୍ୟର ଦ୍ୱିତୀୟାର୍ଦ୍ଧରେ ଆରମ୍ଭରୁ ବିଜେଡିର ବିଧାୟକମାନେ ନାରାବାଜି କରିଥିଲେ। ସାର ପ୍ରସଙ୍ଗ ଉଠାଇ ଗୃହ ମଧ୍ୟଭାଗରେ ପୋଷ୍ଟର ଦେଖାଇ ନାରାବାଜି କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ଗୃହରେ ଶୃଙ୍ଖଳା ରକ୍ଷା କରିବାକୁ ବିଜେଡି ବିଧାୟକଙ୍କୁ ନିବେଦନ କରିଥିଲେ। କିନ୍ତୁ ବିଜେଡିର ବିଧାୟକମାନେ ମାନିବାକୁ ନାରାଜ ଥିଲେ। ଶେଷରେ ବାଚସ୍ପତି ଗୃହକୁ ଆସନ୍ତା ସୋମବାର ସକାଳ ୧୦ଟା ଯାଏଁ ଗୃହ ମୁଲତବି ରଖିଛନ୍ତି।ଗୃହ ଶନିବାର ମାତ୍ର ୧୫ ମିନିଟ ପାଇଁ ଚାଲିଥିଲା। ଶୁକ୍ରବାର ମାତ୍ର ୮ ମିନିଟ ଚାଲିଥିଲା।



## ମୋହନଲାଲଙ୍କୁ ‘ଦାଦାସାହେବ ଫାଲକେ’

- ୨୩ରେ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ହେବେ ସମ୍ମାନିତ
- ୪୦୦ରୁ ଅଧିକ ଚଳଚ୍ଚିତ୍ରରେ କରିଛନ୍ତି ଅଭିନୟ
- ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇଲେ

ନୂଆଦିଲ୍ଲୀ, ୨୦।୯: ମାଲାୟାଲମ ସୁପରଷ୍ଟାର ମୋହନଲାଲଙ୍କୁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଯିବ। ଏହା ଭାରତୀୟ ଚଳଚ୍ଚିତ୍ର ତାରକାଙ୍କ ପାଇଁ ଦେଶର ସର୍ବୋଚ୍ଚ ସମ୍ମାନ । ଏହି ପୁରସ୍କାର ୨୩ ସେପ୍ଟେମ୍ବର, ୨୦୨୫ରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ପ୍ରଦାନ କରାଯିବ । ତାଙ୍କୁ ପୂର୍ବରୁ ୫ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ପଦ୍ମଭୂଷଣରେ ସମ୍ମାନିତ କରାଯାଇଛି । ମୋହନଲାଲ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ତାଙ୍କ କ୍ୟାରିଅରରେ ୪୦୦ ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ସେ କେବଳ ମାଲାୟାଲମରେ ନୁହେଁ ବରଂ ତାମିଲ, ତେଲୁଗୁ ଏବଂ ହିନ୍ଦୀ ଫିଲ୍ମ ଜଗତରେ ଯଥେଷ୍ଟ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟଏକ୍ସ ରେ ଏକ ପୋଷ୍ଟ ସେୟାର କରି ଏହା ନିଶ୍ଚିତ କରିଛି, ‘ଦାଦାସାହେବ ଫାଲକେ ପୁରସ୍କାର ଚୟନ କମିଟିର ସୁପାରିସ କ୍ରମେ, ଭାରତ ସରକାର ଘୋଷଣା କରି ଖୁସି ହେଉଛି ଯେ ମୋହନଲାଲଙ୍କୁ ୨୦୨୩ ପାଇଁ ପ୍ରତିଷ୍ଠିତ ଦାଦା ସାହେବ ଫାଲକେ ପୁରସ୍କାର ପ୍ରଦାନ କରାଯିବ ।’ ମୋହନଲାଲଙ୍କ ଉଲ୍ଲେଖନୀୟ ସିନେମା ଯାତ୍ରା ପିଢ଼ିକୁ ପ୍ରେରଣା ଦେଇ ଚାଲିଛି । ଏହି କିମ୍ବଦନ୍ତୀ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କୁ ଭାରତୀୟ ସିନେମାରେ ତାଙ୍କର ବିଶିଷ୍ଟ ଅବଦାନ ପାଇଁ ସମ୍ମାନିତ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନେତା ମୋହନଲାଲଙ୍କୁ ତାଙ୍କ ଜନ୍ମଦିନରେ ଅଭିନନ୍ଦନ ଜଣାଇଛନ୍ତି। ସେ ଲେଖିଛନ୍ତି, “ମୋହନଲାଲ ଉତ୍କର୍ଷ ଏବଂ ବହୁମୁଖୀ ପ୍ରତିଭାର ପ୍ରତୀକ। ଦଶନ୍ଧି ଧରି ସମୃଦ୍ଧ କାର୍ଯ୍ୟ ସହିତ, ସେ ମାଲାୟଲମ ସିନେମା ଏବଂ ଥିଏଟରର ଜଣେ ପ୍ରମୁଖ ଆଲୋକବର୍ତ୍ତିକା ଏବଂ କେରଳର ସଂସ୍କୃତି ପ୍ରତି ତାଙ୍କର ଗଭୀର ସମ୍ମାନ ଅଛି।’



## ବନ୍ଦ ଥିବା ୭୦ ମଦ ଦୋକାନ ଖୋଲିବ

ଭୁବନେଶ୍ୱର, ୨୦।୯: ରାଜ୍ୟରେ ବନ୍ଦ ଥିବା ମଦ ଦୋକାନକୁ ପୁନର୍ବାର ଖୋଲିବେ ରାଜ୍ୟ ସରକାର । ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ଦ ଥିବା ୭୦ଟି ମଦ ଦୋକାନ ଖୋଲିବାକୁ ଅବକାରୀ ବିଭାଗ ପକ୍ଷରୁ ଅନୁମତି ମିଳିଛି । ସେହିପରି ୪ଟି ନୂଆ ଠିପି ଖୋଲା ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବା ପାଇଁ ବିଭାଗ ପାଖରେ ପ୍ରସ୍ତାବ ଅଛି । ଏନେଇ ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଗୋଟେ ପଟେ ସରକାର ବନ୍ଦ ଥିବା ମଦ ଦୋକାନ ଖୋଲୁଥିବା ବେଳେ ଆସନ୍ତାକାଲି ଦେଶ ବ୍ୟାପୀ ଯୁବ ସମ୍ମିଳନୀ ‘ବିକଶିତ ଭାରତ ପାଇଁ ନିଶା ମୁକ୍ତ ଯୁବପିଢି’ ଅଭିଯାନରେ ଓଡ଼ିଶା ସାମିଲ ହେଉଛି ।

## ଅର୍କକ୍ଷେତ୍ରରୁ ଏକାମ୍ର କ୍ଷେତ୍ରକୁ ଗଡ଼ିବ ଟ୍ରେନ

### ନିମାପଡା ଓ ଗୋପରେ ହେବ ଲୋକେସନ ସର୍ଭେ

ଭୁବନେଶ୍ୱର/ନିମାପଡ଼ା, ୨୦।୯(ନିପ୍ର): ବହୁ ପ୍ରତୀକ୍ଷିତ କୋଣାର୍କ – ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରାଳୟ ପକ୍ଷରୁ ମଞ୍ଜୁର ମିଳିଛି । ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଚିଠି ମାଧ୍ୟମରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଏହି ରେଳ ପଥକୁ ନିମାପଡା ଓ ଗୋପ ଦ୍ୱାରା ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ । ଏହା ଦ୍ୱାରା ନିମାପଡା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଚିଠିରେ ଉଲ୍ଲେଖ କରିଥିଲେ। ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରାଳୟ ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ କୋଣାର୍କ ଭୁବନେଶ୍ୱର ରେଳପଥର ସବିଶେଷ ପ୍ରକଳ୍ପ ରିପୋର୍ଟ ପାଇଁ ଗୋପ ଓ ନିମାପଡାରେ ଚୂଡାନ୍ତ ଲୋକେଶନ ସର୍ଭେ ପାଇଁ ମଞ୍ଜୁରି ଦେଇଛନ୍ତି ।

## ୨୬ରେ ଲଘୁଚାପ, ବ୍ରାହ୍ମଣୀରେ ପୁଣି ବନ୍ୟା ଆଶଙ୍କା

ଭୁବନେଶ୍ୱର/ଧର୍ମଶାଳା, ୨୦।୯: ଆସନ୍ତା ୨୬ ତାରିଖରେ ଏକ ବଡଧରଣର ଲଘୁଚାପ ହେବାକୁ ଯାଉଛି ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହି ଲଘୁଚାପ ପୂର୍ବରୁ ରେଙ୍ଗାଲି ଡ୍ୟାମରୁ ଯଦି ବନ୍ୟାଜଳ ନିଷ୍କାସନ କରାନଯାଏ ତେବେ ବ୍ରାହ୍ମଣୀରେ ଏକ ବଡଧରଣର ବନ୍ୟା ଆସିପାରେ । ରେଙ୍ଗାଲି ଡ୍ୟାମର ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଶନିବାର ଡ୍ୟାମରେ ୧୨୩.୩୮ ମିଟର ରହିଛି । ଏହି ଜଳସ୍ତର ବୃଦ୍ଧି ପାଇ ୧୮ ତାରିଖରେ ୧୨୩.୫୧ ମିଟର ହୋଇଯାଇଥିଲା । ଫଳରେ ଡ୍ୟାମ କର୍ତ୍ତୃପକ୍ଷ ବାଧ୍ୟ ହୋଇ କିଛି ଘଂଟା ପାଇଁ ଗୋଟିଏ ଗେଟ ଖୋଲିଦେଇଥିଲେ ।

## ସମ୍ବାଦପତ୍ର ପ୍ରଭାବଶାଳୀ ହେଲେ ଜନତାଙ୍କ କଲ୍ୟାଣ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୦।୯: କୌଣସି ଖବରକାଗଜ ଏକ ଜଡ଼ବସ୍ତୁ ନୁହେଁ। ବରଂ ଏହା ଭିତରେ ଜୀବନ୍ତସତ୍ତା ନିହିତ ଥାଏ। ସମାଜକୁ ଏହା ଦେଖାଇଥାଏ ପଥ। ସମ୍ବାଦପତ୍ର ଯେତେ ସକ୍ରିୟ ଓ ପ୍ରଭାବଶାଳୀ ହେବ ସମାଜ ଓ ଜନତାଙ୍କ ପାଇଁ ସେତିକି କଲ୍ୟାଣକାରୀ ହୋଇପାରିବ ବୋଲି ଦୈନିକ ‘ନିର୍ଭୟ’ର ୧୨ତମ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗଣମାଧ୍ୟମ ଏକ ଚଳନ୍ତି ଇତିହାସ। ଗଣମାଧ୍ୟମରୁ ଆମେ ସବୁ ଖବର ଜାଣିପାରୁ। ଗଣତନ୍ତ୍ର ଆମକୁ ଶିକ୍ଷା ଦେବା ସହ ସତର୍କ ମଧ୍ୟ କରାଏ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ସାରର ଅଭାବ ବିଷୟ ଉଦାହରଣ ଆକାରରେ ଦେଇଥିଲେ। ଖବରକାଗଜ ଗୁଡ଼ିକରେ ସାରର ଅଭାବ ଥିବା କଥା ପ୍ରକାଶ ପାଇଥିଲା। ଆମେ ଏହାକୁ ବିରୋଧୀ ଦଳଙ୍କ କଥା ବୋଲି କହି ଦୂରେଇ ଦେଇନଥିଲୁ। ମୁଖ୍ୟମନ୍ତ୍ରୀ ନିଜେ ଏହା ଉପରେ ସମୀକ୍ଷା କରିଥିଲେ। ପ୍ରତ୍ୟେକ ଜିଲ୍ଲାୱାରୀ ବୈଠକ ହୋଇଥିଲା ଏବଂ ଜିଲ୍ଲାପାଳମାନଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ମୁଁ ପ୍ରଦାନ କରିଥିଲି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ ମାଝୀ। ତେବେ ସେ ଗଣମାଧ୍ୟମକୁ ସତର୍କ କରି କହିଥିଲେ ସମ୍ବାଦ ଯଦି ଉଦ୍ଦେଶ୍ୟ ପ୍ରଣୋଦିତ ହେଲା ତାହେଲେ ତାହା ବିଶ୍ୱାସଯୋଗ୍ୟ ହେବ ନାହିଁ। ମିଡିଆ ଯଦି ମିସଗାଇଡ଼ କରେ ତା ହେଲେ ସମାଜର କ୍ଷତି ହୁଏ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ସମ୍ପାଦକ ନବୀନ ଦାସ ସାମ୍ବାଦିକଙ୍କୁ ପେନସନର ଦାବି ରଖିଥିଲେ। ବାର୍ଷିକ ଉତ୍ସବରେ ବୀରେନ୍ଦ୍ର ସାମନ୍ତରାୟଙ୍କୁ ଓଡ଼ିଶା ଗୌରବ ସମ୍ମାନ ମିଳିଥିଲା।

## ୟୁରୋପୀୟ ବିମାନବନ୍ଦରରେ ସାଇବର ଆକ୍ରମଣ

**ବହୁ ବିମାନ ବିଳମ୍ବିତ ଏବଂ ବାତିଲ**

**ଆକ୍ରମଣ ପଛରେ କାହା ହାତ ସ୍ପଷ୍ଟ ହୋଇନାହିଁ**

ବ୍ରସେଲ୍ସ, ୨୦।୯: ଚେକ୍-ଇନ୍ ଏବଂ ବୋର୍ଡିଂ ସିଷ୍ଟମ୍ ପ୍ରଦାନକାରୀଙ୍କ ଉପରେ ଏକ ସାଇବର ଆକ୍ରମଣ ଯୋଗୁଁ ମହାଦେଶର ସବୁଠାରୁ ବ୍ୟସ୍ତବହୁଳ ଲଣ୍ଡନର ହିଥ୍ରୋ ସମେତ ଅନେକ ପ୍ରମୁଖ ୟୁରୋପୀୟ ବିମାନବନ୍ଦରରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ଶନିବାର ବିମାନ ବିଳମ୍ବ ଏବଂ ବାତିଲ ହୋଇଛି। ହିଥ୍ରୋ ପକ୍ଷରୁ କୁହାଯାଇଛି ଯେ ବିଶ୍ୱବ୍ୟାପୀ ବିମାନବନ୍ଦରରେ ଅନେକ ଏୟାରଲାଇନ୍ସ ପାଇଁ ସିଷ୍ଟମ ପ୍ରଦାନ କରୁଥିବା କଲିନ୍ସ ଏରୋସ୍ପେସ୍ ଏକ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେଉଛି ଯାହା ଯାତ୍ରୀମାନଙ୍କୁ ପ୍ରସ୍ଥାନ କରିବାରେ ବିଳମ୍ବ କରିପାରେ। ବ୍ରସେଲ୍ସ ବିମାନବନ୍ଦର ଏବଂ ବର୍ଲିନ୍ ବିମାନବନ୍ଦର ମଧ୍ୟ ପ୍ରଭାବିତ ହୋଇଛି, ସେମାନେ ପୃଥକ ଭାବରେ କହିଛନ୍ତି। କଲିନ୍ସ ଏରୋସ୍ପେସ୍‌ର ମୂଳ କମ୍ପାନୀ ଆରଟିଏକ୍ସ (ଆରଟିଏକ୍ସ ଏନ), ନୂତନ ଟ୍ୟାବ୍ ଖୋଲିଛି, କଲିନ୍ସ ଏରୋସ୍ପେସ୍‌ର ମୂଳ କମ୍ପାନୀ କହିଛି ଯେ ଏହା କିଛି ନାମ ନ ନେଇ, ମନୋନୀତ ବିମାନବନ୍ଦରରେ ଏହାର ମ୍ୟୁଜ୍ ସଫ୍ଟୱେର୍‌ରେ ‘ସାଇବର-ସମ୍ବନ୍ଧୀୟ ବାଧା‘ ବିଷୟରେ ଅବଗତ ଅଛି। କିଛି ଘଣ୍ଟା ପରେ, ଡବଲିନ୍ ବିମାନବନ୍ଦର କହିଛି ଯେ ଏହା ଡବଲିନ୍ ପରେ ଆୟରଲ୍ୟାଣ୍ଡର ଦ୍ୱିତୀୟ ବୃହତ୍ତମ କର୍କ ବିମାନବନ୍ଦର ସହିତ ଏହି ସମସ୍ୟାର ସାମାନ୍ୟ ପ୍ରଭାବର ସମ୍ମୁଖୀନ ହେଉଛି। ‘ଏହି ପ୍ରଭାବ ଇଲେକ୍ଟ୍ରୋନିକ୍ ଗ୍ରାହକ ଚେକ୍-ଇନ୍ ଏବଂ ବ୍ୟାଗେଜ୍ ଡ୍ରପ୍ ପର୍ଯ୍ୟନ୍ତ ସୀମିତ ଏବଂ ମାନୁଆଲ୍ ଚେକ୍-ଇନ୍ କାର୍ଯ୍ୟ ଦ୍ୱାରା ଏହାକୁ ହ୍ରାସ କରାଯାଇପାରିବ। ‘ ଆରଟିଏକ୍ସ’ ଏକ ଇମେଲ ବିବୃତିରେ କହିଛି, ଏହା ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ କାମ କରୁଛି। ଆକ୍ରମଣ ପଛରେ କିଏ ଥାଇପାରେ ସେ ବିଷୟରେ କୌଣସି ସୂଚନା ଦେଇନାହିଁ।



### ପ୍ରଥମ ଗୋଲାପ ଆପଲ୍ ସମେତ ୧୫ ନୂତନ ଉଦ୍ୟାନ କୃଷି ଫସଲ

## ରାଜ୍ୟ କୃଷି କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

ଭୁବନେଶ୍ୱର, ୨୦।୯: ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଭାରତର ପ୍ରଥମ ଗୋଲାପ ଆପଲ୍ ସମେତ ୧୫ଟି ନୂତନ ଉଦ୍ୟାନ କୃଷି ଫସଲ ଶନିବାର ଉନ୍ମୋଚିତ ହୋଇଛି। ଏହା ଓଡ଼ିଶାର କୃଷି କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ବିହନ ଉପ-କମିଟି ବୈଠକରେ ୧୫ଟି ନୂତନ ଉଦ୍ୟାନ କୃଷି ଫସଲ କିସମ ପ୍ରକାଶ କରିଛି। ଚାଷୀ ଜୀବିକା ଏବଂ କୃଷି ବିବିଧତା ବୃଦ୍ଧି କରିବା ପାଇଁ ଅଭିନବ ଏବଂ କ୍ଷେତ୍ର-ନିର୍ଦ୍ଦିଷ୍ଟ ଫସଲକୁ ପ୍ରୋତ୍ସାହିତ କରିବାରେ ଏହି କାର୍ଯ୍ୟକ୍ରମ ଏକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି ।ନୂତନ ଭାବରେ ପ୍ରକାଶିତ କିସମଗୁଡ଼ିକ ମଧ୍ୟରେ ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ରୁ ଆଠଟି ଅନ୍ତର୍ଭୁକ୍ତ: କଳିଙ୍ଗ ଲଙ୍କା, ବିଲାତି, ଅମରାନ୍ଥସ୍, ଟମାଟୋ, କାଜୁ, ଆମ୍ବ ଅଦା, କଳା ହଳଦୀ (କଳିଙ୍ଗ କଳା ହଳଦୀ-୧), ଏବଂ କଳିଙ୍ଗ ବେବି ଆଳୁ, ଯାହାକୁ ଫୁଲବାଣୀ ଆଳୁ ମଧ୍ୟ କୁହାଯାଏ, ଏହାର ସ୍ୱତନ୍ତ୍ର ସ୍ୱାଦ ପାଇଁ ପ୍ରସିଦ୍ଧ। କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ ଦୁଇଟି କିସମ - ମିଠା ଆଳୁ ଏବଂ ଯମ ବିନ୍ - ପ୍ରଦାନ କରିଛି। କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ବିଲାତି ସହିତ ପାଞ୍ଚଟି ପ୍ରଚଳନ କରିଛି। ଯେଉଁଥିରେ ଗୋଲାପ ଆପଲ୍ ଏବଂ ତିନି ପ୍ରକାରର ଅମରାନ୍ଥସ୍ ଅନ୍ତର୍ଭୁକ୍ତ । ଉଲ୍ଲେଖ ଯୋଗ୍ୟ, ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ଗୋଲାପ ଆପଲ୍ କିସମ ଭାରତରେ ମୁକ୍ତିଲାଭ କରିଥିବା ପ୍ରଥମ ପ୍ରକାର। ଏହା ଫଳ ଚାଷରେ ଏକ ନୂତନ ପରିମାଣ ଯୋଡ଼ିବାର ପ୍ରତିଶ୍ରୁତି ଦେଇଛି। ଓୟୁଏଟି କଳିଙ୍ଗ କଳା ହଳଦୀ-୧ ଏହାର ଔଷଧୀୟ ଗୁଣ ପାଇଁ ସ୍ୱତନ୍ତ୍ର, ଚାଷୀମାନଙ୍କ ପାଇଁ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଲାଭ ଏବଂ ଆର୍ଥିକ ସୁଯୋଗ ପ୍ରଦାନ କରିଛି। କଳିଙ୍ଗ ବେବି ଆଳୁ, ଏହାର ଅନନ୍ୟ ସ୍ୱାଦ ସହିତ, ଗ୍ରାହକମାନଙ୍କ ମଧ୍ୟରେ ଏକ ପ୍ରିୟ ଏବଂ ଫୁଲବାଣୀର ସ୍ଥାନୀୟ ଚାଷୀଙ୍କ ପାଇଁ ଏକ ଆଶୀର୍ବାଦ ହେବ ବୋଲି ଆଶା କରାଯାଉଛି। ବୈଠକରେ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ସ୍ୱତନ୍ତ୍ର ସଚିବ ଦିଲ୍ଲୀପ ପରିଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



### କାର୍ତ୍ତିକ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

## ରୁପାଇଟା ଶ୍ରୀମନ୍ଦିରକୁ ଅଣାଯିବା ପାଇଁ ପ୍ରସ୍ତାବ

ପୁରୀ, ୨୦।୯: ଶ୍ରୀମନ୍ଦିର ଛତିଶାନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଶେଷ କରି କାର୍ତିକ ମାସର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । କାର୍ତିକ ମାସରେ ଭୋର୍ ୪ଟାରୁ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତି ହୋଇଛି ।ବିଭିନ୍ନ ନିଯୋଗର ସଭାପତି ସମ୍ପାଦକ ଓ ବରିଷ୍ଠ ସଭ୍ୟମାନେ ଏଥିରେ ଯୋଗ ଦେଇଥିଲେ । ଚଳିତବର୍ଷ କାର୍ତ୍ତିକ ବ୍ରତ ଓ ବାଳଧୂପ ନୀତିନିର୍ଘଣ୍ଟ ମୁତାବକ ଭୋର ୪ଟାରୁ ଦ୍ୱାରଫିଟା ହେବ। ପଞ୍ଚୁକ ତିଥିରେ ଶ୍ରୀଜୀଉଙ୍କ ବେଶ ପାଇଁ ବିସ୍ତୃତ ଆଲୋଚନା ହୋଇଛି । କାର୍ତ୍ତିକ ମାସପରେ ନାଟମଣ୍ଡପରେ ଧାଡି ଦର୍ଶନ କରାଯିବ। ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ଉପରେ ଆଲୋଚନା ହୋଇଛି । ଖୁବଶୀଘ୍ର ଦିବ୍ୟାଙ୍ଗ ଦର୍ଶନ ପାଇଁ ଏସଓପି ହେବ। ନୀତି ଶୃଙ୍ଖଳା ପାଇଁ କମିଟି ଗଠନ । ଏମାରମଠରୁ ରୁପାଇଟା ପ୍ରସଙ୍ଗ ନେଇ କୁହାଯାଇଛି ଯେ ମାନ୍ୟବର କୋର୍ଟଙ୍କ ପାଖରେ ବିଚାରଧୀନ ରହିଛି । ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ ରୁପାଇଟା ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବ । ସୁନାବେଶ ବ୍ୟତିତ ମହାପ୍ରଭୁଙ୍କ ପାଇଁ ଅଳଙ୍କାର ସେଟ୍ ହେବ ।





# ମହାଳୟା: ପୂର୍ବଜଙ୍କ ପାଇଁ ଶ୍ରଦ୍ଧା

ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ଏବଂ ପିତୃଋଣରୁ ମୁକ୍ତି ପାଇବାର ପର୍ବ ପିତୃପକ୍ଷର ଅନ୍ତିମ ତିଥି ମହାଳୟା । ଅବଶ୍ୟ ପିତୃପକ୍ଷର ପୂର୍ଣ୍ଣିମା ଶ୍ରାଦ୍ଧ ପିତୃ ବିସର୍ଜନୀ ଅମାବାସ୍ୟାରେ ମଧ୍ୟ କରାଯାଇପାରେ । ଏଥର ଅମାବାସ୍ୟା ଅକ୍ଟୋବର ୪ ତାରିଖରେ ପଡୁଛି । ବିଦ୍ୱାନମାନଙ୍କ ମତରେ ପ୍ରତ୍ୟେକ ମଣିଷ ପାଇଁ ତିନିପ୍ରକାର ଋଣ ଥାଏ - ଦେବ, ଋଷି ଏବଂ ପିତୃ । ଏ ମଧ୍ୟରୁ ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ କରାଯାଏ । ଯେଉଁ ବ୍ୟକ୍ତିଙ୍କର ଯେଉଁ ତିଥିରେ ମୃତ୍ୟୁ ଘଟିଥିଲା ତାଙ୍କୁ ସେହି ତିଥିରେ ଶ୍ରାଦ୍ଧ ଦେବା ନିମନ୍ତେ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି ।

## ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ

ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପୁରୁଷଙ୍କୁ ପିଣ୍ଡଦାନ କରୁଥିବା ପୁରୁଷ ଦୀର୍ଘାୟୁ ହେବା ସହ ସନ୍ତାନ, ଯଶ, ଶାନ୍ତି, ବଳ, ଲକ୍ଷ୍ମୀ, ଗୋଧନ ଆଦି ପ୍ରାପ୍ତି କରନ୍ତି । ପିତୃପୁରୁଷଙ୍କ ଆଶାଥାଏ ଆମର ପୁଅ ନାତି ଆମକୁ ପିଣ୍ଡଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶାରେ ସେମାନେ ପିତୃଲୋକରୁ ପୃଥିବୀଲୋକକୁ ଆସନ୍ତି । ତେଣୁ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ପିତୃପକ୍ଷରେ ଶ୍ରାଦ୍ଧ କରନ୍ତି । ପ୍ରତ୍ୟେକ ଧର୍ମର ଆଧାର ଶ୍ରଦ୍ଧା । ପ୍ରତି ଧର୍ମରେ ପିତୃପୁରୁଷଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧାକୁ ଗୁରୁତ୍ୱ ଦିଆଯାଏ । ସନାତନ ଧର୍ମରେ ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ । ଶ୍ରାଦ୍ଧକୁ ପିତୃଯଜ୍ଞ ମଧ୍ୟ କୁହାଯାଏ । ଶାସ୍ତ୍ରରେ ଆଶ୍ୱିନ ପ୍ରତିପଦା ଠାରୁ ଆରମ୍ଭ କରି ଅମାବାସ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ



ପିଣ୍ଡଦାନ କରିବାର ଭିନ୍ନ ଭିନ୍ନ ଫଳ ମିଳିଥାଏ। ଏହାକୁ କୁହାଯାଏ ମହାଳୟା ଶ୍ରାଦ୍ଧ। 'ମହ'ର ଅର୍ଥ ଉତ୍ସବର ଦିନ ଏବଂ 'ଆଳୟ'ର ଅର୍ଥ ନିବାସ, ଅର୍ଥାତ କୃଷ୍ଣପକ୍ଷ ହିଁ ପୂର୍ବଜଙ୍କ ନିବାସ । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ କରାଯାଏ।

## ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ

ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ଏବଂ ପିତୃଋଣରୁ ମୁକ୍ତି ପାଇବାର ପର୍ବ ପିତୃପକ୍ଷର ଅନ୍ତିମ ତିଥି ମହାଳୟା । ଅବଶ୍ୟ ପିତୃପକ୍ଷର ପୂର୍ଣ୍ଣିମା ଶ୍ରାଦ୍ଧ ପିତୃ ବିସର୍ଜନୀ ଅମାବାସ୍ୟାରେ ମଧ୍ୟ କରାଯାଇପାରେ । ଏଥର ଅମାବାସ୍ୟା ଅକ୍ଟୋବର ୪ ତାରିଖରେ ପଡୁଛି । ବିଦ୍ୱାନମାନଙ୍କ ମତରେ ପ୍ରତ୍ୟେକ ମଣିଷ ପାଇଁ ତିନିପ୍ରକାର ଋଣ ଥାଏ - ଦେବ, ଋଷି ଏବଂ ପିତୃ । ଏ ମଧ୍ୟରୁ ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ କରାଯାଏ । ଯେଉଁ ବ୍ୟକ୍ତିଙ୍କର ଯେଉଁ ତିଥିରେ ମୃତ୍ୟୁ ଘଟିଥିଲା ତାଙ୍କୁ ସେହି ତିଥିରେ ଶ୍ରାଦ୍ଧ ଦେବା ନିମନ୍ତେ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ପୁରାଣର କାହାଣୀ ଅନୁଯାୟୀ ମନୁସ୍ମୃତି ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗରୁଡ଼ ପୁରାଣ ପରି



ପ୍ରମୁଖ ଶାସ୍ତ୍ର ଅନୁଯାୟୀ ପରଲୋକଗତ ବ୍ୟକ୍ତିଙ୍କ ପରିବାରରେ ଜ୍ୟେଷ୍ଠପୁତ୍ର ବା କନିଷ୍ଠପୁତ୍ର ଶ୍ରାଦ୍ଧ ଦେଇପାରିବେ । ପୁତ୍ର ନ ଥିଲେ ଭଣଜା, ପୁତୁରା, ନାତି ବା ଶିଷ୍ୟ ତିଳତର୍ପଣ ଓ ପିଣ୍ଡ ଦାନ କରିପାରିବେ । ଏପରି ଅନେକ ବ୍ୟକ୍ତି ଯେଉଁମାନେ ସନ୍ତାନହୀନ ଥାଆନ୍ତି ସେପରି ପୂର୍ବଜଙ୍କ ପାଇଁ ଭାଇ, ଭଣଜା, ପୁତୁରା ବା ପରିବାରର ପୁରୁଷ ସଦସ୍ୟ ପିତୃପକ୍ଷରେ ବ୍ରତ ରଖି ପିଣ୍ଡଦାନ କରିପାରିବେ । ଧର୍ମସିନ୍ଧୁ ସମତେ ମନୁସ୍ମୃତି ବା ଗରୁଡ଼ ପୁରାଣରେ ମହିଳାମାନେ ପିଣ୍ଡ ଦାନ କରିପାରିବେ ବୋଲି କୁହାଯାଇଛି ମାତ୍ର ଏହା ଅନ୍ତିମ ବିକଳ୍ପ । ବିଧବା ସନ୍ତାନହୀନ ଥିଲେ ପତିଙ୍କ ନାମରେ ଶ୍ରାଦ୍ଧ ସଂକଳ୍ପ ରଖି ବ୍ରାହ୍ମଣଙ୍କ ଦ୍ୱାରା ପିଣ୍ଡଦାନ କରାଇପାରିବେ। ସେମିତି ଯେଉଁ ପୂର୍ବଜଙ୍କ ବଂଶରେ କେବଳ ଝିଅ ଅଛନ୍ତି ସେମାନେ ମଧ୍ୟ ସଂକଳ୍ପ କରି ବ୍ରାହ୍ମଣ ଦ୍ୱାରା ପିଣ୍ଡଦାନ କରାଇପାରିବେ ।

## ପିତୃପକ୍ଷରେ ନ ଥାଏ ମାଙ୍ଗଳିକ ବିଧାନ



ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ । ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା । ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ ନ ଥାଏ । ଏପରିକି ଏହି ସମୟରେ ନୂଆ ଆସବାବ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ । କିନ୍ତୁ ବିଦ୍ୱାନମାନଙ୍କ ମତ ଭିନ୍ନ । ସେମାନଙ୍କ କହିବା ଅନୁଯାୟୀ ପିତୃପକ୍ଷରେ ଅନ୍ୟ ଶୁଭ ଦିନ ପରି ସବୁ କାମ କରିହେବ ବରଂ ପିତୃପକ୍ଷରେ ନିଜର ପରଲୋକଗତ ବଂଶଜଙ୍କ ଦିବ୍ୟାଶୀର୍ବାଦ ରହୁଥିବାରୁ ଏହି ଦିନ ଅନ୍ୟ ଦିନ ତୁଳନାରେ ଅଧିକ ଶୁଭ । ଶାସ୍ତ୍ର ବିଧାନକୁ ଉଲ୍ଲେଖ କରି ସେମାନେ କୁହନ୍ତି ଯେ ଯଦି ସଠିକ୍ ଭାବରେ ଅର୍ପଣ, ତର୍ପଣ ସହ ପୂଜା ନୈବେଦ୍ୟ ସମର୍ପିତ ହୋଇଥାଏ ତେବେ ଏହାର ଫଳ ମିଳିଥାଏ । ଶ୍ରାଦ୍ଧର ମହତ୍ତ୍ୱକୁ ବୁଝିବା ପାଇଁ ଆମ୍ଭମାନଙ୍କୁ ଭାରତୀୟ ଉତ୍ସବର ପ୍ରାଚୀନ ପରମ୍ପରାକୁ ବୁଝିବାକୁ ହୋଇଥାଏ।

ଶ୍ରାଦ୍ଧ ଯୋଗୁଁ ମିଳେ ପିତୃପୁରୁଷଙ୍କ ଆଶୀର୍ବାଦ

ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନୀଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତୁମାସ କୁହାଯାଇଥାଏ ।

## ଶ୍ରାଦ୍ଧ ଯୋଗୁଁ ମିଳେ ପିତୃପୁରୁଷଙ୍କ ଆଶୀର୍ବାଦ



ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନୀଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ । ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତୁମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ। ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ବିଚାର କରାଯାଏ ପିତୃପକ୍ଷରେ ନିଜ ପୂର୍ବଜଙ୍କ ସ୍ମରଣ କରାଯାଉଥିବାରୁ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ । ଆଉ ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ।

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ମୋ: ୯୪୩୭୦୫୧୯୫୭

## ଜୀବିତ ଥିବା ସମୟରେ ପିଣ୍ଡଦାନ ?

ହିନ୍ଦୁ ଧର୍ମରେ ପୂର୍ବପୁରୁଷଙ୍କ ଆତ୍ମାର ଶାନ୍ତି ଏବଂ ମୋକ୍ଷ ପାଇଁ ଶ୍ରାଦ୍ଧ ଦେବାର ପରମ୍ପରା ବେଶ ପ୍ରଚଳିତ । ଶ୍ରାଦ୍ଧ ସାଧାରଣତଃ ମୃତ ବ୍ୟକ୍ତିଙ୍କ ପରିବାର ଦ୍ୱାରା କରାଯାଏ କିନ୍ତୁ ହିନ୍ଦୁ ଧର୍ମରେ କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଜଣେ ଜୀବିତ ବ୍ୟକ୍ତି ମଧ୍ୟ ନିଜର ଶ୍ରାଦ୍ଧ କରିପାରିବେ। ଏହାକୁ ଆତ୍ମଶ୍ରାଦ୍ଧ କିମ୍ବା ଜୀବିତ ଶ୍ରାଦ୍ଧ ବୋଲି କୁହାଯାଏ । ଏହା ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇପାରନ୍ତି କିନ୍ତୁ ଏହା ସତ୍ୟ । ତେବେ ଜୀବିତ ଥିବା ସମୟରେ କିଏ ନିଜ ପାଇଁ ପିଣ୍ଡ ଦାନ କରନ୍ତି ଏବଂ ସେମାନେ ଏପରି କାହିଁକି କରନ୍ତି ? ନାଗା ସାଧୁମାନେ ସର୍ବଦା ଭାରତୀୟ ସଂସ୍କୃତିରେ ଏକ ରହସ୍ୟମୟ ଏବଂ ପୂଜ୍ୟ ସ୍ଥାନ ଅଧିକାର କରିଆସିଛନ୍ତି । ସେମାନଙ୍କ ଜୀବନକୁ ତ୍ୟାଗ, ତପସ୍ୟା ଏବଂ ଆଧ୍ୟାତ୍ମିକତାର ପ୍ରତୀକ ଭାବରେ ବିବେଚନା କରାଯାଏ । ସେମାନେ ଦୁନିଆର ଭୌତିକ ସୁବିଧାରୁ ବହୁତ ଦୂରରେ ଅର୍ଥାତ ପର୍ବତ, ଜଙ୍ଗଲରେ ବାସ କରନ୍ତି । ସାଧାରଣତଃ ଏମାନେ କୁମ୍ଭମେଳାରେ ମଧ୍ୟ ଦେଖିବାକୁ ମିଳନ୍ତି । ସେମାନଙ୍କର ଜୀବନଶୈଳୀ ଏତେ କଷ୍ଟକର ଯେ ସାଧାରଣ ବ୍ୟକ୍ତି ଏହା କଳ୍ପନା ମଧ୍ୟ କରିପାରିବେ ନାହିଁ । କିନ୍ତୁ ଜାଣନ୍ତି କି ଜଣେ ବ୍ୟକ୍ତି କିପରି ନାଗା ସାଧୁ ହୁଏ ? ଏହି ପ୍ରକ୍ରିୟାରେ ତାଙ୍କୁ ସବୁଠାରୁ କଠିନ ପରୀକ୍ଷା କ'ଣ ସହିବାକୁ ପଡ଼ିଥାଏ ? ଏହି ପରୀକ୍ଷା ହେଉଛି ଜୀବିତ ଥିବା ସମୟରେ ନିଜର ପିଣ୍ଡ ଦାନ କରିବାର କାର୍ଯ୍ୟ । ନାଗା ସାଧୁମାନଙ୍କୁ ଏକ କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥାଏ । ନାଗା ସାଧୁ ହେବା ସହଜ କାମ ନୁହେଁ । ଏହା ଏକ କଷ୍ଟକର



ଆଧ୍ୟାତ୍ମିକ ଯାତ୍ରା, ଯେଉଁଥିରେ ଜଣେ ସାଧକଙ୍କୁ ତାଙ୍କର ପରିଚୟ, ପରିବାର ଏବଂ ସମାଜ ସହିତ ଜଡିତ ସମସ୍ତ ସମ୍ପର୍କକୁ ସବୁଦିନ ପାଇଁ ଭାଙ୍ଗିବାକୁ ପଡ଼ିଥାଏ । ଏହି ଯାତ୍ରା ଜଣେ ଗୁରୁଙ୍କୁ ଖୋଜିବା ସହିତ ଆରମ୍ଭ ହୁଏ, ତା'ପରେ ବର୍ଷ ବର୍ଷ ଧରି ସେବା ଏବଂ କଠୋର ତପସ୍ୟା କରାଯାଏ । ଏହି ସମୟରେ ସାଧକଙ୍କ ମନ, ଶରୀର ଏବଂ ଆତ୍ମାର ପରୀକ୍ଷା କରାଯାଏ ଯାହା ଦ୍ୱାରା ସେ ତ୍ୟାଗର ପଥ ଅନୁସରଣ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି କି ନାହିଁ ତାହା ନିଶ୍ଚିତ ହୁଏ । ଏହି କଠୋର ଅଭ୍ୟାସ ପରେ ଯେତେବେଳେ ସାଧକ ଦୀକ୍ଷିତ ହୁଅନ୍ତି ସେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅନ୍ତିମ ଚରଣକୁ ପ୍ରାପ୍ତ ହୁଅନ୍ତି । ଏହି ବିଧି ସମୟରେ, ସାଧକଙ୍କୁ ୧୭ଟି ପିଣ୍ଡ ଦାନ କରିବାକୁ ପଡିବ । ଏଥିମଧ୍ୟରୁ ମଧ୍ୟରୁ ଷୋହଳଟି ତାଙ୍କ ପୂର୍ବପୁରୁଷଙ୍କ ପାଇଁ, ଯାହା ତାଙ୍କୁ ସେମାନଙ୍କ ପୂର୍ବପୁରୁଷଙ୍କ ଋଣରୁ ମୁକ୍ତ କରିଥାଏ । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଧି ହେଉଛି ତାଙ୍କ ପାଇଁ ୧୭ତମ ପିଣ୍ଡ ଦାନ । ଏହି ପିଣ୍ଡ ଦାନ ତାଙ୍କ ନିଜ ମୃତ୍ୟୁର ପ୍ରତୀକ । ଏହି ପ୍ରକ୍ରିୟାର ଅର୍ଥ ଖୁବ ଗଭୀର ଏବଂ ପ୍ରତୀକାତ୍ମକ । ଯେତେବେଳେ ଜଣେ ସାଧକ ଜୀବିତ ଅବସ୍ଥାରେ ନିଜର ପିଣ୍ଡ ଦାନ କରନ୍ତି, ଏହାର ଅର୍ଥ ହେଉଛି ସେ ତାଙ୍କର ପୂର୍ବ ଜୀବନ, ପରିବାର, ନାମ ଏବଂ ନିଜ ପରିଚୟକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରନ୍ତି । ଏହା ଏକ ପ୍ରକାର ଆଧ୍ୟାତ୍ମିକ ପୁନର୍ଜନ୍ମ । ଏହି ରୀତି ପରେ ସେମାନେ ସମାଜ ଏବଂ ତାଙ୍କ ପରିବାର ପାଇଁ ମୃତ ହୋଇଯାଆନ୍ତି । ତାଙ୍କର ପୁରୁଣା ନାମ, ଜାତି, ବଂଶ ଏବଂ ସମସ୍ତ ସାଂସାରିକ ସମ୍ପର୍କ ଶେଷ ହୋଇଯାଏ । ବର୍ତ୍ତମାନ ସେ କେବଳ ତାଙ୍କ ଗୁରୁ ଏବଂ ତାଙ୍କ ଇଷ୍ଟଦେବଙ୍କର । ତାଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ମୋକ୍ଷ ଏବଂ ଆଧ୍ୟାତ୍ମିକତା ପାଇଁ ଉତ୍ସର୍ଗୀକୃତ । ଏହି ରୀତି ଜଣେ ସାଧକର ତ୍ୟାଗ ଏବଂ ସମର୍ପଣର ସର୍ବୋତ୍ତମ ପ୍ରମାଣ । ଏହା ଦର୍ଶାଏ ଯେ ସେ ସାଂସାରିକ ଆସକ୍ତିକୁ କେତେ ଗଭୀର ଭାବରେ ପରିତ୍ୟାଗ କରିଛନ୍ତି । ଏହା ପରେ ସେ ନାଗା ସାଧୁ ଭାବରେ ଏକ ନୂତନ ଜୀବନ ଆରମ୍ଭ କରନ୍ତି । କେବଳ ତପସ୍ୟା, ଧ୍ୟାନ ଏବଂ ଆଧ୍ୟାତ୍ମିକ ଅଭ୍ୟାସ ପାଇଁ ଉତ୍ସର୍ଗୀକୃତ। ତାଙ୍କର ଆଉ ପରିବାର, ଘର, ଧନ କିମ୍ବା କୌଣସି ପରିଚୟ ନାହିଁ । ସେ କେବଳ ମୁକ୍ତି ଖୋଜୁଥିବା ଏକ ଆତ୍ମା । ଏହା ଜୀବିତ ଅବସ୍ଥାରେ ମୃତ୍ୟୁକୁ ଗ୍ରହଣ କରିବାର ଏକ ପରୀକ୍ଷା ଏବଂ ଏହାକୁ ଅତିକ୍ରମ କରିବା ପରେ ହିଁ ଜଣେ ପ୍ରକୃତ ନାଗା ସାଧୁ ହୋଇ ହୋଇପାରିବେ । ଏହି ପ୍ରକ୍ରିୟା ଆମକୁ ଶିଖାଏ ଯେ ତ୍ୟାଗ ଏବଂ ଆତ୍ମସମର୍ପଣ ହେଉଛି ମୋକ୍ଷ ପଥରେ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

## ଝଙ୍କଡ଼ବାସିନୀ ମା' ଶାରଳାଙ୍କ ପୀଠରେ ଷୋଡଶ ଉପଚାରରେ ଚାଲିଛି ପୂଜାର୍ଚ୍ଚନା

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ । ଏନେଇ ଚଳଚଞ୍ଚଳ ହେଲାଣି ରାଜ୍ୟର ସମସ୍ତ ଶକ୍ତିପୀଠ । ଦେବୀଙ୍କ ଆସିବାକୁ ନେଇ ସବୁଠି ଚାଲିଛି ପୂର୍ବ ପ୍ରସ୍ତୁତି । ପଲ୍ଲୀଠୁ ସହର ଯାଏ ସମସ୍ତେ ଏଥିପାଇଁ ଖୁସି । ମାଆଙ୍କ ଆଗମନ ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପଡ଼ିଥାଏ । ତେବେ ପୀଠର ଗୋଟିଏ ଦିନ ପରେ ମେଢ଼ରେ ମାଆଙ୍କ ନବଦିନାତ୍ମକ ପୂଜାକୁ ପାଳନ କରାଯାଏ । ଏନେଇ ଜଗତସିଂହପୁର ମଧ୍ୟ ବାଦ୍ ପଡ଼ିନାହିଁ । ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ପ୍ରାଚୀନ ଶକ୍ତିପୀଠ ମାଆ ଶାରଳାଙ୍କ ମନ୍ଦିର । ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ଠାକୁରାଣୀଙ୍କ ପୀଠରେ ପାର୍ବଣ ପୂଜା ଆରମ୍ଭ ହୋଇଯାଇଛି । ମା' ଙ୍କର ବିଭିନ୍ନ ବେଶ ସହିତ ଷୋଡଶ ଉପଚାରରେ ଚାଲିଛି ପୂଜାର୍ଚ୍ଚନା । ମୂଳାଷ୍ଟମୀ ଅବସରରେ ମା' ଶାରଳାଙ୍କ ପୀଠରେ ପାର୍ବଣ ପୂଜା ଆରମ୍ଭ ହୋଇଯାଇଛି । ଜଗତସିଂହପୁର ଜିଲା ଝଙ୍କଡ଼ ସ୍ଥିତ ମା' ଶାରଳାଙ୍କ ପୀଠରେ ଆରମ୍ଭ ହୋଇଛି ପାର୍ବଣ ପୂଜା । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ପାର୍ବଣ ପୂଜା ମା'ଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଏହି ପୂଜା ୧୬ ଦିନ ପଡୁଛି । ଏହି ଅବସରରେ ମା' ଜଗତ ଜନନୀଙ୍କୁ ବିଭିନ୍ନ ବେଶରେ ସୁସଜ୍ଜିତ କରାଯିବା ସହ ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ ଆଦି କରାଯାଉଛି । ଏଥି ସହିତ ମା' ଙ୍କୁ ସୁସଜିତ ବିମାନରେ ବେଢ଼ା ପରିକ୍ରମା କରାଯିବ । ପାର୍ବଣକୁ ନେଇ ସେବାୟତ ତଥା ଶ୍ରଦ୍ଧାଳୁଙ୍କ ମନରେ ବେଶ ଆନନ୍ଦ ଦେଖିବାକୁ ମିଳିଛି । ଏବେ ଠାରୁ ଭକ୍ତଙ୍କ ଆଗମନ ଆରମ୍ଭ ହେଲାଣି । ଭକ୍ତଙ୍କ ଗହଳିରେ ପ୍ରକମ୍ପିତ ହେଉଛି ପୀଠ । ଆରମ୍ଭ ହୋଇଛି ରୀତି ନୀତିରେ ମାଆଙ୍କର ପୂଜାର୍ଚ୍ଚନା। ମନ୍ଦିରରେ ରୀତି ନୀତିରେ ମା'ଙ୍କର ଷୋଡଶ ଉପଚାରରେ ଚାଲିଛି ପୂଜା ।



ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ । ଏନେଇ ଚଳଚଞ୍ଚଳ ହେଲାଣି ରାଜ୍ୟର ସମସ୍ତ ଶକ୍ତିପୀଠ । ଦେବୀଙ୍କ ଆସିବାକୁ ନେଇ ସବୁଠି ଚାଲିଛି ପୂର୍ବ ପ୍ରସ୍ତୁତି । ପଲ୍ଲୀଠୁ ସହର ଯାଏ ସମସ୍ତେ ଏଥିପାଇଁ ଖୁସି । ମାଆଙ୍କ ଆଗମନ ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣ ପକ୍ଷରେ ପଡ଼ିଥାଏ । ତେବେ ପୀଠର ଗୋଟିଏ ଦିନ ପରେ ମେଢ଼ରେ ମାଆଙ୍କ ନବଦିନାତ୍ମକ ପୂଜାକୁ ପାଳନ କରାଯାଏ ।

ଏନେଇ ରାଜ୍ୟ ଓ ରାଜ୍ୟ ବାହାରୁ ଲୋକମାନେ ମା' ଙ୍କ ଦର୍ଶନ ପାଇଁ ଆସୁଛନ୍ତି । ବିଶେଷ କରି ମନ୍ଦିରରେ ଅଷ୍ଟମୀ, ନବମୀ ଓ ଦଶମୀ ତଥା ଶେଷ ତିନି ଦିନ ଭକ୍ତମାନଙ୍କ ଅଧିକ ଭିଡ ହେବାର ସମ୍ଭାବନା ଅଛି । ଏହି ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

CMYK



## କରାଟେ ପ୍ରତିଯୋଗିତାରେ ୪ ପ୍ରତିଯୋଗୀଙ୍କ ବିଶାଖାପାଟଣା ଯାତ୍ରା

ନିମାପଡ଼ା,(ନିପ୍ର): ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନିମାପଡ଼ାର ଅମିତ ଟାଇକୋଣ୍ଡୋ ଆସୋସିଏସନ୍‌ର ୪ ଜଣ ପ୍ରତିଯୋଗୀ ବିଶାଖାପାଟଣା ଯାତ୍ରା କରିଥିବା ଅନୁଷ୍ଠାନ ସୂତ୍ରରୁ ପ୍ରକାଶ । ୨୧ରେ ଉକ୍ତ ପ୍ରତିଯୋଗିତା ଅନୁଷ୍ଠିତ



ହେବ ବୋଲି ସୂଚନା ମିଳିଛି । ଉକ୍ତ ପ୍ରତିଯୋଗିତା ପ୍ରତିବର୍ଷ ଓ୍ୱାଲଟିଆର ମାର୍ସିଆଲ୍ ଆର୍ଟସ କରାଟେ ଆସୋସିଏସନ୍ ଦ୍ୱାରା ପରିଚାଳିତ ହୋଇଆସୁଛି । ପ୍ରତିଯୋଗୀମାନେ ହେଲେ ସାଗର ଦାସ, ଅଭିଜିତ ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ସୋନାଲି ନାୟକ, ମୁଖ୍ୟ ପ୍ରଶିକ୍ଷକ ଅମିତ ରାଉତ, ସଂପାଦକ ପାର୍ଥ ସାରଥୀ ରାଉତ, ସୁରେଶ ଦାସ, ସମ୍ବିତ ସେଠୀ ପ୍ରମୁଖ ପ୍ରତିଯୋଗୀଙ୍କ ସହ ଯାତ୍ରା କରିଥିବା ସୂଚନା ମିଳିବା ପରେ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ବିଷ ପାନ କରି ମହିଳାଙ୍କ ଆତ୍ମହତ୍ୟା

ଭାପୁର,(ନିପ୍ର): ଭାପୁର ବ୍ଲକ ବଡ଼ସହରା ଗ୍ରାମ ନୁଆସାହିର ପ୍ରହଲ୍ଲାଦ ବେହେରାଙ୍କ ଦ୍ୱିତୀୟ ଝିଅ ସିଲି ବେହେରା ସାତ ବର୍ଷ ତଳେ ଧାନଚାଙ୍ଗଡ଼ା ପଂଚାୟତ କଲଟାଙ୍ଗୀ ଗ୍ରାମର ଧନି ବେହେରାଙ୍କ ପୁଅ ସନାତନ ବେହେରାଙ୍କୁ ବିବାହ କରିଥିଲେ । ତାଙ୍କ ଔରସରୁ ୬ବର୍ଷ ଏବଂ ଦୁଇ ବର୍ଷର ଦୁଇଟି ପୁଅ ଅଛନ୍ତି । ବିବାହର କିଛି ବର୍ଷ ଦାମ୍ପତ୍ୟ ଜୀବନ ହସଖୁସିରେ ଚାଲିଥିବାବେଳେ ତାପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିଶୃଙ୍ଖଳା ସୃଷ୍ଟି ହୋଇ ସିଲି ବାପ ଘର ଚାଲିଯାଇଥିଲା । ବାପ ଓ ଶାଶୁ ଘର ଭଦ୍ରଲୋକଙ୍କ ସହାୟତରେ ବିଶୃଙ୍ଖଳାର ସମାଧାନ କରାଯାଇ ସିଲି ଦୁଇ ପିଲାଙ୍କୁ ଧରି ଆସିବାର ଇଚ୍ଛା ନ ଥିଲେ ବି ଗତ ଗୁରୁବାର ଶାଶୁଘର ଆସିଥିଲେ । କିନ୍ତୁ ମନ ଭିତରେ ଆତ୍ମହତ୍ୟା କରିବେ ବୋଲି ମନସ୍ଥ କରିନେଇଥିଲେ । ଶାଶୁ ଘରେ ସେହିଦିନ ରାତ୍ରିରେ ବିଷ ପାନ କରି ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଇଛି ।

## ଭାପୁର : ଦୁର୍ନୀତିର ତଦନ୍ତ କରିବ ଇଓଡ଼ବ୍ଲ୍ୟୁ

ଭାପୁର,(ନିପ୍ର): ଭାପୁର ବ୍ଲକରେ ଅତୀତରେ ହୋଇଥିବା କୋଟିକୋଟି ଟଙ୍କାର ଦୁର୍ନୀତି ପ୍ରସଙ୍ଗରେ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ୨୦୨୨ ମସିହାରେ ଫତେଗଡ଼ ଗ୍ରାମର ସୁରମା ସ୍ୱାଇଁ ଲିଖିତ ଅଭିଯୋଗ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମାମଲା ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ଉପସ୍ଥାପିତ ହେବା ସହିତ ଆବେଦନକରି ପୂର୍ବତନ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ନିରପେକ୍ଷ ତଦନ୍ତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଘଟଣାର ତଦନ୍ତ କରିବା ନିମନ୍ତେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଏବଂ ଅନ୍ୟ ଦୁଇ ଜଣ ଅଧ୍ୟକ୍ଷଙ୍କ ସହଯୋଗୀ ହାଜର ହେବା ପାଇଁ ଇଓଡ଼ବ୍ଲ୍ୟୁ କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ସୂଚନା ମିଳିଛି ।

## ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ନିମନ୍ତେ ଆହ୍ୱାନ

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅନ୍ତର୍ଗତ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଛାତ୍ରୀଛାତ୍ରୀମାନଙ୍କ ଭିତରେ ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗିତାଙ୍କୁ ପୁରସ୍କୃତ କରାଯାଇଥିଲା । ଲାୟନ୍ସ କ୍ଲବ୍ ଲିଜେଣ୍ଡ (ଭୁବନେଶ୍ୱର) ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ସମସ୍ତ ଆଗନ୍ତୁକଙ୍କୁ ସ୍ୱାଗତ ଜଣାଇ ବୃକ୍ଷରୋପଣ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ । ଲାୟନ୍ସ କିଶୋର ମିଶ୍ର, ତୃପ୍ତି ମିଶ୍ର, ପ୍ରଭାସ ଶତପଥୀ, ହେମଲତା ଦାଶ, ଶରତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ୫୦ଟି ଆମ୍ବଗଛ, ପିଜୁଳି, ସେପେଟା, ବଉଳକୋଳି ଆଦି ଚାରା ରୋପଣ କରି ଦାୟିତ୍ୱ ନେବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ସଂପର୍କରେ ଅନୁଷ୍ଠିତ ପ୍ରବନ୍ଧ, ତର୍କ (ସିନିଅର, ଜୁନିଅର) ପ୍ରତିଯୋଗିତାରେ ପ୍ରିୟାଂଶି ପ୍ରଧାନ, ଅଭିଲିପ୍ସା ଦାଶ, ସାଇ ସ୍ୱାଗତିକା ସ୍ୱାଇଁ, ଅଭିଲିପ୍ସା ଦାସ, ଓମ୍‌ଶ୍ରୀ ବେହେରା, ସୋନାକ୍ଷି ବେହେରା, ନିରୁପମା ମହାରଣା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ଆୟୁଷ୍ମାନ ନାୟକ, ଆଦ୍ୟାଶା ପ୍ରିୟଦର୍ଶିନୀ ବରାଳ, ପି. ପ୍ରତ୍ୟୁଷା ପ୍ରିଜ୍ଞାସ୍ମିତାଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଭାସ୍କର ସାହୁ, ସମୀର ଦାଶ, ଶିକ୍ଷୟିତ୍ରୀ ମିନର୍ଭା ସାହୁ, ସରସ୍ୱତୀ ସାହୁ, ପ୍ରୀତିପୁଷ୍ପା ମଲିକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଅନ୍ୟତମ ବାଳିକା ଶିକ୍ଷାନୁଷ୍ଠାନ ପ୍ରାଚୀ ବାଳିକା ବିଦ୍ୟାପୀଠରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତି ବ୍ୟାପକ ଚାରା ଲଗାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

# ସଶକ୍ତ ହେଉ କୃଷକ, ସୁଦୃଢ଼ ହେଉ ଆର୍ଥିକ ସ୍ଥିତି

ବାଲିପାଟଣା,(ନିପ୍ର): କୃଷକ କୃଷି ହେଉଛି ଦେଶର ମେରୁଦଣ୍ଡ । ସେଥିପାଇଁ କୁହାଯାଏ ଜୟ ଜବାବ ଜୟ କିଷାନ । ଦେଶପ୍ରତି ଥିବା ଅବଦାନ ଦୃଷ୍ଟିରୁ କୃଷକମାନଙ୍କୁ ଯବାନଙ୍କ ସହିତ ତୁଳନା କରାଯାଇଛି । ଯାହାର କିଛି ନାହିଁ ତାର କୃଷି ଅଛି । ଅନିୟମିତ ପାଣିପାଗ ସହିତ କୃଷକଟିଏ ସଂଘର୍ଷ କରି କରିଥାଏ । କେଉଁଠି ମୂଲ ମିଳିଥାଏ ତ କେଉଁଠି ହାତରୁ ଯାଇଥାଏ । ତଥାପି ସେ ତାର କୃଷିରୁ ମୁହଁ ଫେରାଇ ନ ଥାଏ । ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନପ୍ରକାର ଆର୍ଥିକ ପ୍ରୋତ୍ସାହନ ଆଧୁନିକ ଜ୍ଞାନକୌଶଳ ଉନ୍ନତ ବିହନ ସାର ଆଦି ଯୋଗାଇ ଦେଇଥାନ୍ତି । କିପରି ଜଣେ କୃଷକ ଅଧିକ ଉତ୍ପାଦନ ସହିତ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବ । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କୃଷକ ମାନଙ୍କ ପାଇଁ ସର୍ବଦା ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଥିବା କହିଥାନ୍ତି । ବଦଳିଛି ଯୁଗ । ବଦଳିଛି ସମୟ ପୂର୍ବରୁ ପୁରାତନ ଚାଷ ପ୍ରଣାଳୀ ଆପଣେଇଥିବା ଭାରତୀୟ କୃଷକ ଆଜି ଉନ୍ନତ ଆଧୁନିକ ଚାଷ ପ୍ରଣାଳୀ ଆପଣାଇ ଢେର ଆଗରେ । ଆଉ ନାହିଁ ସେଇ ହଳ ଲଙ୍ଗଳ କି ଶଗଡ଼ । ଆଧୁନିକ ଯନ୍ତ୍ରପାତି ଦ୍ୱାରା ହେଉଛି ଚାଷ । ସେଭଳି ଆବଶ୍ୟକ ହେଉନି ମାନବ ସମ୍ବଳ । ଆଧୁନିକ କୃଷି ସୃଷ୍ଟି କରିଛି ଏକ ବିପ୍ଳବ । ବୃଦ୍ଧି ପାଇଛି



ଉତ୍ପାଦନ କୃଷି କ୍ଷେତ୍ରରେ ଆଧୁନିକତାର ପ୍ରୟୋଗରେ ସହଜ ସୁଲଭ ସୁଗମ ହୋଇଛି କୃଷି । ଏହାରି ମଧ୍ୟରେ କୃଷି ପାଇଁ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି ମଧ୍ୟମ ନିମ୍ନ ମଧ୍ୟମ କୃଷକ । ସଠିକ ଭାବରେ ପାଇପାରୁନି କୃଷି ପ୍ରୋତ୍ସାହନ । ଆଧୁନିକ କୃଷି ଜ୍ଞାନକୌଶଳ ବିହନ ସାର ଇତ୍ୟାଦି । ଉତ୍ପାଦିତ ସାମଗ୍ରୀକୁ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାରର ଅଭାବ ବଜାରର ଚାହିଦା ଉପରେ ନିର୍ଭର କରୁଛି ଏମାନଙ୍କର କୃଷିର ଭବିଷ୍ୟତ । ନା ପାଇପାରୁଛି ଉନ୍ନତ ବିହନ ନା ସରକାରୀ ପ୍ରୋତ୍ସାହନ । ଏସବୁକୁ ଲକ୍ଷ୍ୟକରି ଏହି ଶ୍ରେଣୀର କୃଷକମାନଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ।

ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରେ ବର୍ଷକୁ ଦୁଇ ହଜାର କରି ତିନୋଟି କିସ୍ତିରେ ୬ ହଜାର ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ରାଜ୍ୟର ପ୍ରାୟ ୩୩ ଲକ୍ଷ୍ୟ କୃଷକ ଏହି ସହାୟତା ପାଉଛନ୍ତି ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ କୃଷକ କଲ୍ୟାଣ ଯୋଜନାରେ ୨ ହଜାର ଲେଖା ୬ ହଜାର ଟଙ୍କା ପାଉଛନ୍ତି । ଏହି ଆର୍ଥିକ ସହାୟତା ମଧ୍ୟମ ନିମ୍ନମଧ୍ୟମ କୃଷକଙ୍କୁ ଆର୍ଥିକ ଦୃଷ୍ଟିରୁ ସହାୟତା କରୁଥିବ ନିଶ୍ଚୟ ।ଦେଶ ତଥା ରାଜ୍ୟର ଏକ ସିଂହଭାଗ ଲୋକ କୃଷି ଉପରେ ନିର୍ଭର କରୁଥିବା ଏବଂ ଭାରତ ଗୋଟିଏ କୃଷି ପ୍ରଧାନ ଦେଶ ହୋଇଥିବାରୁ କୃଷି କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ଅଧିକରୁ ଅଧିକ ଶୀତଳ ଭଣ୍ଡାର ନିର୍ମାଣ ସହିତ ଉତ୍ପାଦିତ ସାମଗ୍ରୀର ବଜାର ସୃଷ୍ଟି ଆମଦାନୀ ହେଉଥିବା କୃଷିଜାତ ପଦାର୍ଥର ନିଜ ଦେଶ ରାଜ୍ୟରେ ଉତ୍ପାଦନ ପାଇଁ ତ୍ୱରିତ ଫଳପ୍ରଦ ପଦକ୍ଷେପ ନିହାତି ଜରୁରୀ ।

## ପୌରପରିଷଦର ଦୁର୍ନୀତିକୁ ଲୋକଲୋଚନକୁ ଆଣିବା, କଂଗ୍ରେସର ପଥପ୍ରାନ୍ତ ସଭା

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ସହରର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପୌରପାଳିକାର ଧ୍ୟାନ ନାହିଁ । ବରଂ ଲୋକଙ୍କର ସମସ୍ୟା ହେଲେ କୁମ୍ଭୀର କାନ୍ଦଣା କରୁଛନ୍ତି । ବର୍ଷା ଋତୁ ପୂର୍ବରୁ ସହରରେ ଥିବା ବଡ ଓ ଛୋଟ ଡ୍ରେନ ମରାମତି ତଥା ଉଚିତ ସଫେଇ କରିବା ତଥା ପୌରପାଳିକା ସେ କାମକୁ ଯଥୋଚିତ ସମୟରେ ନ କରିବାରୁ ଅସରାଏ ବର୍ଷାରେ ସହରବାସୀ ପାଣିରେ ଉଟବୁଟ ହେଉଛନ୍ତି । ସେ କଥାକୁ ନେଇ ବିରୋଧୀ ହିସାବରେ ନଗର କଂଗ୍ରେସ ପ୍ରତିବାଦ କଲେ ଭିତ୍ତିହୀନ, ଦାୟିତ୍ୱହୀନ ଅଭିଯୋଗ କରୁଛନ୍ତି ପୌରାଧ୍ୟକ୍ଷା ।

ଗତ କିଛି ବର୍ଷ ହେବ ଟାଉନ ହଲକୁ ପୌର ପରିଷଦ ଗୋଦାମ ଗୃହ ଭାବେ ବ୍ୟବହାର କରୁଛନ୍ତି । ପୂର୍ବରୁ ସହରର ସରକାରୀ, ବେସରକାରୀ, ସାଂସ୍କୃତିକ ଅନୁଷ୍ଠାନ ମାନ ଅନୁଷ୍ଠିତ ହେଉଥିଲା କିନ୍ତୁ ଆଜି ତାହା ଗୋଦାମ ଗୃହରେ ପରିଣତ ହୋଇଛି । ମହାରାଣୀ ସାଗର ପାଇଁ ଆସିଥିବା କୋଟି କୋଟି ଟଙ୍କାକୁ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଦଳ ନାଁ ରେ କାର୍ଯ୍ୟାଦେଶ ନେଇ ଜଣେ ଲୋକ କାମ କରି କୋଟି କୋଟି ଟଙ୍କା ହଡପ କରିଛନ୍ତି । ଏ ସବୁକୁ ନେଇ ବିଗତ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ନଗର କଂଗ୍ରେସ ତରଫରୁ ଧାରଣା ଦିଆଯାଇଥିଲା । ଏହାକୁ ବିରୋଧ କରି ପୌରାଧ୍ୟକ୍ଷା ବିଗତ ୧୦ ବର୍ଷରେ ବିଗତ ଦିନର ବିଧାୟକଙ୍କ କାର୍ଯ୍ୟକଳାପ ଓ ଲକ୍ଷ୍ମୀଜୋର ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରୁଛନ୍ତି । ଆଜିର ତାର ପ୍ରତିବାଦରେ ସହରର ବିଭିନ୍ନ ସ୍ଥାନରେ ଯଥା



ସୁଦପଡା, ସରକାରୀ ବସଷ୍ଟାଣ୍ଡ, ଭାଗିରଥି ଛକ, ବିକ୍ରମ ଛକ ପ୍ରଭୃତି ସ୍ଥାନରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ଅବଗତ କରାଇବା ସହ ବିଗତ ଦିନରେ ପୂର୍ବତନ ବିଧାୟକଙ୍କ କାର୍ଯ୍ୟକଳାପ ସହ ଲକ୍ଷ୍ମୀଯୋର ପ୍ରକଳ୍ପର ଦୁର୍ନୀତି ବିଷୟରେ ଭିଜିଲାନ୍ସ ତଦନ୍ତ ଦାବି କରି ଦୋଷୀ ସାବ୍ୟସ୍ତ ହେଲେ କଂଗ୍ରେସ ସାଦରରେ ଗ୍ରହଣ କରିବ । କିନ୍ତୁ ମହାରାଣୀ ସାଗର ପ୍ରକଳ୍ପରେ ଦୁର୍ନୀତି ଏବଂ ପୌର ପରିଷଦର ଦୁର୍ନୀତିରେ ଭିଜିଲାନ୍ସ ତଦନ୍ତ ଦାବିକୁ ପୌରାଧ୍ୟକ୍ଷା ଗ୍ରହଣ କରିବେ କି ବୋଲି ପଥପ୍ରାନ୍ତ ସଭାରେ ସଭାପତି ବୁଲୁ ଦାନିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଆହ୍ୱାନ ଦେଇଥିଲେ । ନଗର କଂଗ୍ରେସ ସଭାପତି ବୁଲୁ ଦାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଥପ୍ରାନ୍ତ ସଭାରେ କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଦଳିତ ନେତା ଓମ୍ ପ୍ରକାଶ କୁମ୍ଭାର, ଅଜୟ ବାଲି, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଚିନ୍ମୟ ବେହେରା, ସଂଜୟ ମିଶ୍ର, କିରନ ସେଠ, ସମିର କୁମ୍ଭାର, ସୀତାରାମ କୁମ୍ଭାର, ନାରୀ ନେତ୍ରୀ ଅନ୍ନପୂର୍ଣ୍ଣା ବଢ଼ିଆ, ମିରା ମଣ୍ଡଳ, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ଅବଦୁଲ ରଜାକ, ସନ୍ତୋଷ ଗୌଡ, ସରଗମ ଭୋଇ, କୁଞ୍ଜବିହାରି ବଳିଆ, ପଂଚାନନ ସେଠ, ଆୟୁଷ କମ୍ପ, ଆବ୍ରାହମ ନାଗ, ପ୍ରେମରାଜ ମାଝି, ଅଭିଜିତ ସିଂ, ବେଲାର, ପ୍ରିତମ ସୁନା, ଦୀପ୍ତି ରଂଜନ ସାଏ, ରିପୁନ ପ୍ରଧାନ, ରାଜେଶ ରଣା ପ୍ରମୁଖ ସାମିଲ ଥିଲେ ।

## 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନରେ ସ୍ୱାସ୍ଥ୍ୟ ଶିବିର

ନିରାକାରପୁର,(ନିପ୍ର): ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଳିପଡା ଆନୁକୂଲ୍ୟରେ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ସ୍ୱତନ୍ତ୍ର ବିଶେଷଜ୍ଞ ପରାମର୍ଶ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇ ଯାଇଛି । ଏହି ଶିବିରକୁ ଖୋର୍ଦ୍ଧା ପ୍ରକଳ୍ପ ଅଧିକାରୀ ନନ୍ଦିତା ମହାନ୍ତି,ମଳିପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ଲିପ୍ସା ରାୟ,ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସୋନାଲି ଶ୍ରୀଚନ୍ଦନ ପ୍ରମୁଖ ଉଦ୍ଘାଟନ କରିଥିଲେ । ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଲିପ୍ସା ରାୟ, ଦନ୍ତ ବିଭାଗରେ ଡାକ୍ତର ସୁଶ୍ରୀ ତ୍ରିପାଠୀ,ଚକ୍ଷୁ ବିଭାଗରେ ଅମିଷା ମହାନ୍ତି,ଭେଷଜ ବହିର୍ବିଭାଗରେ ଡାକ୍ତର ଅବିନାଶ ପଟ୍ଟନାୟକ ଶିବିରକୁ ଆସିଥିବା ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ୩୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କ ଉଚ୍ଚ ରକ୍ତଚାପ,ମଧୁମେହ ଯାଞ୍ଚ,କିଶୋରୀ ଏବଂ ମହିଳାଙ୍କ ରକ୍ତହୀନତା ଯାଞ୍ଚ ଏବଂ ଆବଶ୍ୟକୀୟ ରକ୍ତ ପରୀକ୍ଷା ମାଗଣାରେ କରାଯାଇ ଔଷଧ ବଣ୍ଟନ କରା ଯାଇଥିଲା । ଯକ୍ଷ୍ମା ବିଭାଗରେ ବରିଷ୍ଠ ଚିକିତ୍ସା ପରିଦର୍ଶକ ପ୍ରକାଶ ଚମ୍ପତିରାୟ ଓ ଟିବି ଚାମ୍ପିୟନ ବାଳକୃଷ୍ଣ ସାମନ୍ତରାୟ ନିକ୍ଷା ପୋର୍ଟାଲରେ ପଞ୍ଜୀକରଣ ଓ ଯକ୍ଷ୍ମା ରୋଗ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରି ଥିଲେ । ସିଏଚଓ ଗାୟତ୍ରୀ ମନ୍ଦାରୀ , ନର୍ସିଂ ଅଫିସର୍ ସୁଚରିତା ପଣ୍ଡା ,ସ୍ୱାସ୍ଥ୍ୟ କର୍ମୀ ନିବେଦିତା ମହାନ୍ତି , ଲିପିଶ୍ରୀ ନାୟକ, ଭାଗ୍ୟଶ୍ରୀ



ଷଡ଼ଙ୍ଗୀ ,ଅସିତ୍ କୁମାର ରଥ,ବିପିନ୍ ବିହାରୀ ନାୟକ, ଲାବ୍ ଟେକ୍ନିସିଆନ୍ ରତି ରଞ୍ଜନ କର , ସ୍ୱେଚ୍ଛାସେବୀ ନୃସିଂହ ସାମନ୍ତରାୟ ପ୍ରମୁଖ ସହଯୋଗ କରି ଥିଲେ ।ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ମଳିପଡା ସେକ୍ଟରର ସମସ୍ତ ଅଙ୍ଗନୱାଡ଼ି କର୍ମୀ 'ପୋଷଣ ମାସ' ଖାଦ୍ୟ ପ୍ରଦର୍ଶନୀ କରି ଥିଲେ । କିଶୋରୀ ବାଳିକାଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ସୁପର୍ ଭାଇଜର ସୁନନ୍ଦା ସେଠୀ ଓ ସିଡ଼ିପିଓଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ।

ସ୍ୱାସ୍ଥ୍ୟ ପରିଦର୍ଶକ କାହ୍ନୁ ଚରଣ ନାୟକ ଓ ସ୍ୱାସ୍ଥ୍ୟକର୍ମୀ ଗୋପୀନାଥ ପଲେଇ ଶିବିର ପରିଚାଳନା କରି ଥିଲେ । ଶିବିରକୁ ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ପରେଶ୍ କୁମାର ଆଚାର୍ଯ୍ୟ,ବିପିମ୍ ଅଂଶୁମାଳୀ ଦାସ, ପିଏଚଇଓ ଆଶୁତୋଷ ମହାନ୍ତି ପରିଦର୍ଶନ କରି ଥିଲେ । ଶିବିରରେ ୨୦୦ ରୁ ଅଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

## ସୀମା ବିବାଦକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ

ଭାପୁର,(ନିପ୍ର): ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମାବତୀ ଏବଂ ତଳ ମାରଡ଼ା ଦୁଇ ଗ୍ରାମ ମଧ୍ୟରେ ସୀମା ବିବାଦକୁ ନେଇ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ବି ସମାଧାନର ନିଷ୍କର୍ଷ ବାହାରୁ ନାହିଁ ।ତଳମାରଡ଼ା ଗ୍ରାମ୍ୟ ସୀମା ଭିତରେ ରହିଥିବା ପଦ୍ମାବତୀ ଗ୍ରାମର ହାଇସ୍କୁଲ ଖେଳ ପଡିଆରେ ଦଶହରା ଉତ୍ସବ ପାଳନ କରିବା ପାଇଁ ପଦ୍ମାବତୀ ଗ୍ରାମର ଯୁବକମାନେ ସ୍ଥିର କରି ଥିବାବେଳେ ତଳମାରଡ଼ା ଗ୍ରାମବାସୀ ବିରୋଧ କରି ପଡିଆ ଭିତରକୁ ପଦ୍ମାବତୀ ଗ୍ରାମବାସୀଙ୍କୁ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଛନ୍ତି । ଏହାକୁ ନେଇ ପଦ୍ମାବତୀ ଗ୍ରାମବାସୀ ନୟାଗଡ଼ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଜଣେଇ ଥିବାରୁ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପଦର, ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡା, ଖଣ୍ଡପଡା ଏସ.ଡି.ପି.ଓ. ମଦନ ମୋହନ ପ୍ରଧାନ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ, ସେଥିରେ କୌଣସି ସମାଧାନ ବାଟ ଫିଟି ନ ଥିଲା ଯାହାକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି ।

## ଶ୍ରମିକ ସଂଘ ପକ୍ଷରୁ ଚାରାରୋପଣ

ଡେରାବିଶ,(ନି:ପ୍ର): ଡେରାବିଶ ବ୍ଲକ ଛତା ଛକ ସ୍ଥିତ ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ କୃଷକ ଭବନ ପରିସରରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୭୫ ତମ ଜନ୍ମୋତ୍ସବ ଉପଲକ୍ଷେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଶିକ୍ଷାବିତ୍ ପ୍ରଭାକର ସାମଲ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତି ସଭ୍ୟ ନିରଞ୍ଜନ କର ଓ ବ୍ଲକ ମିଶନ ଶକ୍ତି ଅଧ୍ୟକ୍ଷା ପ୍ରମିଳା ଦାସ



ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିବା ସହ ମା'ଙ୍କ ନାମରେ ଗୋଟିଏ ଗୋଟିଏ ଚାରାରୋପଣ କରିଥିଲେ ।ଏଥିସହିତ ସଂଘର ସଦସ୍ୟ ଓ ଉପସ୍ଥିତ ବୁଦ୍ଧିଜୀବି ମାନଙ୍କ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶତାଧିକ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରାଯାଇଥିଲା ।ଏହି ଅବସରରେ ଜିଲ୍ଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ରଙ୍କ ସଭାପତିତ୍ୱରେ ବୃକ୍ଷରୋପଣ ଓ ପରିବେଶ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାକ୍ତନ ସରପଞ୍ଚ ମହେନ୍ଦ୍ର ସିଂହ, କ୍ରୀଡାବିତ ସାହାଜାହାନ ଖାଁ, ଅନନ୍ତ ଭୂୟାଁ, କୃଷ୍ଣଚନ୍ଦ୍ର ଦାସ, କୃତିବାସ ଦାସ,ମଦନ ମହାନ୍ତି,ଆଦିକନ୍ଦ ବଳ,ଭରତ ସିଂ, ଗୋପିନାଥ ମଲ୍ଲିକ,ରଣଜିତ ସାମଲ ଓ ଅକ୍ଷୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷାରେ ଚାରାରୋପଣର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

## ଭତ୍ତା ପାଇଁ ସଂଘର୍ଷ କରୁଛନ୍ତି କପାଳେଶ୍ୱର ଗ୍ରାମର ନରେନ୍ଦ୍ର

### ||||||||||| ବ୍ଲକ ଧାଇଁ ଧାଇଁ ନିରାଶ |||||||||||

କେନ୍ଦ୍ରାପଡ଼ା,(ନିପ୍ର): ସରକାର ସାଧାରଣ ଗରିବ ଖଟିକିଆ ମଜୁରିଆ ପାଇଁ କେତେ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ କପାଳେଶ୍ୱର ଗ୍ରାମ ପଞ୍ଚାୟତ କପାଳେଶ୍ୱର ଗ୍ରାମର ନରେନ୍ଦ୍ର ନାଥ ଆଚାର୍ଯ୍ୟ ଭତ୍ତାଟିଏ ତାଙ୍କ ପାଇଁ ସାଜିଛି ସାତ ସପନ । ସେ ଜଣେ ଦିନମଜୁରିଆ । କିନ୍ତୁ ବୟସର ତାଙ୍କୁ ଘରେ ବସାଇ ଦେଇଛି । ନିକଟରେ ସ୍ତ୍ରୀ ପକ୍ଷାଘାତ ରୋଗରେ ପଡି ଆରପାରିକୁ ଚାଲିଯାଇଥିବା ବେଳେ ନରେନ୍ଦ୍ର ଏବେ ସମ୍ପୂର୍ଣ୍ଣ ଭାବେ ଏକୁଟିଆ ଓ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ବେଳେ ସରକାରଙ୍କ ଭତ୍ତାଟିଏ ତାଙ୍କୁ ମିଳିପାରିଲା ନାହିଁ । ବ୍ଲକକୁ ବାରମ୍ବାର ଦୌଡ଼ି ପଚାରିଲେ ମଧ୍ୟ ଅଧିକାରୀମାନେ କହୁଛନ୍ତି କିଏ ଜଣେ ମଲେ ଆମେ ଆପଣଙ୍କ ନାଁ ଭତ୍ତା ଲିଷ୍ଟରେ ପୂରେଇବୁ । ପ୍ରକୃତରେ କିଏ ମଲେ ଯଦି ଏହି ବ୍ୟକ୍ତିର ନାଁ ଲିଷ୍ଟରେ ଭର୍ତ୍ତି ହେବ । ତେବେ ସରକାର କାହିଁକି ଏ ଯୋଜନା କରିଛନ୍ତି । କ'ଣ ଏହିଭଳି ଗରିବମାନେ ହଇରାଣ ହେବା ପାଇଁ । ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ଯଦି ବଞ୍ଚିଥିବା ବେଳେ ଭତ୍ତା ମିଳିବନି । ତେବେ କଣ ମଲାପରେ ମିଳିବ । ଯଦି ଦେଖିବା ପ୍ରକୃତ ହିତାଧିକାରୀ ଭତ୍ତା ପାଇବାର ବଞ୍ଚିତ ହେଉଛି । ନିଶ୍ଚୟ ଭାବରେ ଏହା ଏକ ନିନ୍ଦନୀୟ କଥା ଯାହା ପ୍ରଶାସନିକ ଅଧିକାରୀମାନେ କରୁଛନ୍ତି । ଉକ୍ତ ବିଷୟରେ ଜିଲ୍ଲାପାଳ ନିଶ୍ଚିନ୍ତ ଭାବରେ ସମ୍ବେଦନଶୀଳ ଘଟଣାକୁ ଦୃଷ୍ଟିଦେବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଦୁଗ୍ଧ ଉତ୍ପାଦନ ନେଇ ତାଲିମ ଶିବିର

ଶେରଗଡ଼,(ନିପ୍ର): ଶେରଗଡ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହରେ ଦୁଗ୍ଧ ଉତ୍ପାଦନ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ବୃହତ୍ତର ଦୁଗ୍ଧ ଉତ୍ପାଦନ ସଂଘ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ଅତିଥି ଭାବେ ଜେନେରାଲ ମ୍ୟାନେଜର କୁମୁଦ ଚନ୍ଦ୍ର ପାଢ଼ୀ,ଫୋଡର ଅଧିକାରୀ ବିନୋଦ ଚନ୍ଦ୍ର ପାଢ଼ୀ ,ପ୍ଲାଣ୍ଟ ସହାୟକ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଅଧିକ ଦୁଗ୍ଧ ଉତ୍ପାଦନ ହୋଇପାରିବ ସେ ଦିଗରେ ବିଭିନ୍ନ ଉପାୟ ମାନ ବୁଝାଇଥିଲେ । ପଶୁ ଅନୁ ନିରୀକ୍ଷକ ଉମା ଶଙ୍କର ନାୟକ ସଂଯୋଜନାରେ ଅନୁଷ୍ଠିତ ତାଲିମ ଶିବିରର ଉନ୍ନତମାନର ଗାଈ, ସେମାନଙ୍କ ଉପଯୁକ୍ତ ଯତ୍ନ, ସମୟ ଅନୁସାରେ ଖାଦ୍ୟ, ଗୁହାଳରେ ସ୍ୱଚ୍ଛତା ଅବଲମ୍ବନ,ଦୁହାଁଳିଆ ସମୟରେ ଉପଯୁକ୍ତ ପଥ୍ୟ ଅନୁସରଣ କରିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗାଇମାନଙ୍କ ଯତ୍ନ ନେବା ଆବଶ୍ୟକ ବୋଲି କହିଥିଲେ । ଓମଫେଡର ସହାୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ଦୁଗ୍ଧ ସମବାୟ ସମିତି ଅଧୀନରେ ଥିବା ଦୁଗ୍ଧ ଚାଷୀମାନେ ତାଲିମ ନେଇଥିଲେ ।

## ବଡମଠରେ ମହନ୍ତମାନଙ୍କ ସମ୍ମେଳନ

ଶେରଗଡ଼,(ନିପ୍ର): ଶେରଗଡ଼ ସ୍ଥିତ ବଡ଼ ମଠରେ ମହନ୍ତ ମାନଙ୍କ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ବଡ଼ ମଠର ମହନ୍ତ ପରମାନନ୍ଦ ଦାସ ଗୋସ୍ୱାମୀଙ୍କ ସଂଯୋନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହନ୍ତମାନେ ଧର୍ମ ଚର୍ଚ୍ଚା କରିବା ସହ ମଠ ମନ୍ଦିରର ସଂସ୍କୃତି ନେଇ ଭଜନ କୀର୍ତ୍ତନ କରିଥିଲେ । ଏଥିସହିତ ମଠ ବୁଲି ଦେଖିଥିଲେ । ମଠ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗଦେଇ ମହନ୍ତମାନଙ୍କ ଶୁଭେଚ୍ଛା ଜଣାଇଥିଲେ ।

## ସପ୍ତମ ଦିବସରେ କାଳରାତ୍ରୀ ବେଶରେ ମା ବନଦୁର୍ଗା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ଶାରଦୀୟ ଷୋଳପୂଜାର ସପ୍ତମ ଦିବସରେ କାଳରାତ୍ରୀ ବେଶରେ ମା ଦର୍ଶନ ଦେଇଛନ୍ତି । ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳଶ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ସହସ୍ର କୁମ୍ଭାଭିଷେକ କରାଯାଇଛି । ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ,



ଆଳତି, ଆଧରପଣା ଓ ଶ୍ରୀ ମହାପ୍ରସାଦ ମା'ଙ୍କୁ ସମର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଛି ।

## ସୁଦୃଢ଼ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା କଲା ଟିପିଏସ୍‌ଓଡିଏଲ୍: ଉପକୃତ ହେବେ ଗଞ୍ଜାମର ୪୦ ହଜାର ଉପଭୋକ୍ତା

ବ୍ରହ୍ମପୁର,: ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ହିଞ୍ଜିଳି ଗ୍ରୀଡ୍ ସବ୍‌ଷ୍ଟେସନରୁ ଶେରଗଡ ପ୍ରାଇମେରୀ ସବଷ୍ଟେସନ ପର୍ଯ୍ୟନ୍ତ ଏକ ନୂତନ ୩୩ କେଭି ଲାଇନ କାର୍ଯ୍ୟକ୍ଷମ ହୋଇଛି । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜାନ ଅଧୀନରେ ୬ କୋଟି ଟଙ୍କା ମୂଲ୍ୟ ବିନିମୟରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ନୂତନ ଭିତ୍ତିଭୂମି ପାଖାପାଖି ୪୦ ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବ । ଶେରଗଡ଼ ବ୍ଲକର ୨୨ଟି ଗ୍ରାମପଞ୍ଚାୟତର ଅଧିବାସୀମାନେ ଏହା ଦ୍ୱାରା ଉପକୃତ ହେବେ ।

ଏହି ନୂଆ ଲାଇନ ୧୮ କିଲୋମିଟର ଲମ୍ବା ହୋଇଥିବା ବେଳେ ଆଡ଼ପଡ଼ା, ଶେରଗଡ଼, କରଡାକଣା ଓ ପଳାଶପୁର ଅଞ୍ଚଳର ଉପଭୋକ୍ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି । ଏଣିକି, ସଂପୃକ୍ତ ଅଞ୍ଚଳର ସାଧାରଣ ଉପଭୋକ୍ତା, ବ୍ୟବସାୟୀ ଓ କୃଷକମାନେ ଅଧିକ ଭରସାଯୋଗ୍ୟ ବିଜୁଳି ପାଇପାରିବେ । ବର୍ତ୍ତମାନ ପର୍ଯ୍ୟନ୍ତ ଶେରଗଡ଼ ଗୋଟିଏ ଫିଡର ଉପରେ ନିଭର୍ରଶୀଳ ରହିଆସୁଥିଲା । ତେଣୁ ଲାଇନରେ କୌଣସି ଯାନ୍ତିକ ତ୍ରୁଟି କିମ୍ବା ବିଜୁଳି ମରାମତିଜନିକ କାର୍ଯ୍ୟ ହେଲେ, ହଜାର ହଜାର ଉପଭୋକ୍ତାଙ୍କୁ ଏହାଦ୍ୱାରା ପ୍ରଭାବିତ ହେବାକୁ ପଡୁଥିଲା । ତେଣୁ ହିଞ୍ଜିଳି ଗ୍ରୀଡ ସବଷ୍ଟେସନରୁ ଏକ ନୂଆ ଲାଇନ ଶେରଗଡ଼ ପ୍ରାଇମେରୀ ସବ୍‌ଷ୍ଟେସନକୁ ଅଣଯାଇଛି । ଫଳରେ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଇବା ନିମେନ୍ତ କମ୍ପାନୀ ପାଖରେ ଏକ ବିକଳ୍ପ ମାର୍ଗ ରହିଛି । ନୂତନ ଭିତ୍ତିଭୂମି ସମଗ୍ର ଅଞ୍ଚଳର ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ବିଜୁଳି ଯୋଗାଇବାରେ ସମର୍ଥ ହେବ ବୋଲି ଟିପିଏସ୍‌ଓଡିଏଲ୍ ପକ୍ଷରୁ ଆଶା କରାଯାଉଛି ।

ଗ୍ରାହକମାନେ ବର୍ତ୍ତମାନ ଉଚ୍ଚ ଭୋଲଟେଜର ବିଜୁଳି ପାଇବେ । ଜଳସେଚନ ପମ୍ପ ବ୍ୟବହାର ମଧ୍ୟ ସହଜରେ ହୋଇପାରିବ । ଦୋକାନୀ ଓ କ୍ଷୁଦ୍ର ଉଦ୍ୟୋଗମାନେ ବିନା ବାଧାରେ ନିଜ ବ୍ୟବସାୟ ଚଳାଇପାରିବେ । ଶେରଗଡ଼ ଅଞ୍ଚଳର



ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏହି ନୂଆ ବିଜୁଳି ଲାଇନ ବିଶେଷ ଭାବେ ସହାୟକ ହେବ । ନୂଆ ଲାଇନ କାର୍ଯ୍ୟକ୍ଷମ ହେବା ପରେ ଲୋକଙ୍କୁ ଅଧିକ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ସେବା ଯୋଗାଣ ସମ୍ଭବପର ହୋଇପାରିବ । ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ଏହି ପ୍ରକଳ୍ପ ଗ୍ରାମୀଣ ବିଜୁଳି ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା କ୍ଷେତ୍ରରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କୃଷି ଓ ବ୍ୟବସାୟକୁ ସମର୍ଥନ କରିବା ସହ ସମସ୍ତ ଉପଭୋକ୍ତା ସଂପ୍ରଦାୟଙ୍କ ନିମନ୍ତେ ଏକ ଗୁଣାତ୍ମକ ନେଟଓ୍ୱର୍କ ନିର୍ମାଣ ଉପରେ କମ୍ପାନୀ ଧ୍ୟାନ କେନ୍ଦ୍ରୀଭୂତ କରିଛି । "

CMYK

ତିଥି : (ଅମାବାସ୍ୟା) : (ପୂର୍ବାଫା ସିଂହ);ମହାଳୟା
ଅମୃତବେଳା: ଦିବା ଘ୬।୨୭ ଗତେ ଘ ୮।୫୧ ମଧ୍ୟେ

## ଆଜିର ଅନୁଚିନ୍ତନ

ଯାହା କିଛି ତୁମେ କଳ୍ପନା କରିବ ତାହା ବୁଝିବାକୁ ଗଲେ ବାସ୍ତବ।
-ପାବ୍‌ଲୋ ପିକାଶୋ

# ଶିକ୍ଷଣରେ ସ୍ୱଚ୍ଛତା

କୋଚିଂ ସେଣ୍ଟର ଉପରେ ଶିକ୍ଷାର୍ଥୀଙ୍କ ନିର୍ଭରତା ହ୍ରାସ ଆଧାରିତ ଏକ ବୈଠକ ଗତ ମାସରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଗତ କିଛି ପ୍ରସ୍ତାବ ଯଦି ଆପଣାଯାଏ ତେବେ କୋଚିଂ ସେଣ୍ଟର ନିର୍ଭରତା ହ୍ରାସ ପାଇବ ଏପରି ପ୍ରତୀୟମାନ ହେଉଛି। ଜଣାଶୁଣା ବିଷୟ ଯେ ବହୁ ସମୟରେ କୋଚିଂ ସେଣ୍ଟରଗୁଡ଼ିକ ଦ୍ୱାରା ସଂପୃକ୍ତ ସେଣ୍ଟରର ଉତ୍କର୍ଷ ଉପରେ ବହୁ ପ୍ରଶଂସାମୂଳକ କଥା ଉଲ୍ଲେଖ କରାଯାଇଥାଏ। ଯେପରି କି ଏକ ପଣ୍ୟଦ୍ରବ୍ୟ ବିକ୍ରୟ ବିଜ୍ଞାପନରେ ଆକର୍ଷିତ କରିବା ଭଳି। ମାତ୍ର ଅଧିକାଂଶ ସ୍ଥଳରେ ଦେଖାଯାଏ ଶିକ୍ଷାଦାତା ଭାବେ ନିଯୁକ୍ତ ଥିବା ଶିକ୍ଷକଙ୍କ ନିକଟରେ ଆବଶ୍ୟକ ତାଲିମ ନ ଥାଏ। ଟପ୍ପରମାନଙ୍କ ହାରାହାରି ସଫଳତା ଲୁଚାଯାଇଥାଏ। କେଉଁ ବିଦ୍ୟାଳୟରେ ଶିକ୍ଷାର୍ଥୀ ସଂପୃକ୍ତ କୋଚିଂ ସେଣ୍ଟରରେ ପଢୁଛି, ତାର ଶିକ୍ଷାଗତ ଫଳାଫଳ କ'ଣ, ଜେଇଇ କିମ୍ବା ନିଟ୍ କ୍ଲିୟରିଂ କରିବାରେ ପାସ୍‌ହାର କେତେ ଏ ସବୁର ତଥ୍ୟ ଯଦି ସଂପୃକ୍ତ ବିଜ୍ଞାପନରେ ଦିଆଯାଆନ୍ତା ତେବେ ସାଧୁତାର ଦିଗ ସାମ୍ନାକୁ ଆସିପାରନ୍ତା।

ଶିକ୍ଷାର୍ଥୀ ଦିନକୁ କେତେ ସମୟ ପଢା ପାଇଁ ପ୍ରସ୍ତୁତ ନେବା ଦରକାର। ତା' ନିକଟରେ ପାଠ ଚାପ କେତେ ରହିବା ଦରକାର। ଏ ସବୁର ସନ୍ତୁଳନ ବିନା ତାର ଜୀବନ ବିଗିଡିବା ଆଶଙ୍କା ବରାବର ଥାଏ। ଆଜିକାଲି ଲକ୍ଷ୍ୟ କରାଗଲାଣି ଅତ୍ୟଧିକ ଚାପ କାରଣରୁ ଜୀବନ ହାରିବା ସାଧାରଣ ଘଟଣାରେ ପରିଣତ ହେଲାଣି। ଯାହାକି ଉଦ୍‌ବେଜନକ। ମୂଳତଃ କୋଚିଂ ସେଣ୍ଟର ପ୍ରତି ଶିକ୍ଷାର୍ଥୀଙ୍କ ଆକର୍ଷିତ ହେବା ପଛର ମୁଖ୍ୟକାରଣ ସଂପୃକ୍ତ ସେଣ୍ଟର ପ୍ରକାଶ କରିଥିବା ବିଜ୍ଞାପନର ଆକର୍ଷଣୀୟ ଦିଗ। ଯେଉଁଥିରେ ଉତ୍କର୍ଷ ସମ୍ବନ୍ଧିତ ସୂଚନା ଥାଏ। କୋଚିଂ ସେଣ୍ଟରର ପୂର୍ଣ୍ଣଶିକ୍ଷଣ ପ୍ରଣାଳୀ, ଶିକ୍ଷକମାନଙ୍କ ଯୋଗ୍ୟତାରେ ସତ୍ୟତା ତଥା ଭରସା, ସଫଳତା ହାର ନେଇ ହୋଇଥିବା ଅଡିଟ୍‌ରେ ସ୍ୱଚ୍ଛତା ରକ୍ଷା ଗୁରୁତ୍ୱପୂର୍ଣ୍ଣ ବିଷୟ। ଅଧିକ ବୋଝ ନ ଲଦି ପ୍ରତ୍ୟହ ହାରାହାରି ଶିକ୍ଷଣ ସୀମା ନିର୍ଦ୍ଧାରଣ, ସଫଳତା ପାଇଁ ଓ ଶିକ୍ଷାର୍ଥୀଙ୍କ ମୂଳ ସ୍କୁଲ ସଂପର୍କରେ ନିର୍ଭୁଲ ତଥ୍ୟ, ପାଠକ୍ରମରେ ପରିବର୍ତ୍ତନ ପୂର୍ବକ ଶ୍ରେଣୀ କକ୍ଷରେ ହିଁ ଏମ୍‌ସିକ୍ୟୁ ଓ ଏମ୍‌ଆର୍‌ଆର୍‌ର ପ୍ରାକ୍ଟିସ, ଚାପ କମାଇବା ପାଇଁ ପ୍ରତିବର୍ଷ ଏକାଧିକବାର ନିଟ୍/କ୍ୟୁଟ୍ ପ୍ରବେଶିକା ପରୀକ୍ଷା ଆୟୋଜନ କରିବା, ବିଶ୍ୱସନୀୟତା ରଖିବା ପାଇଁ ବୋର୍ଡର ପରୀକ୍ଷା ଫଳାଫଳକୁ ପ୍ରାଧାନ୍ୟ ଦେବା ଇତ୍ୟାଦି ଆବଶ୍ୟକ। ସେମିତି ସୃଜନଶୀଳ ଆକଳନ ଓ କ୍ୟାରିୟର ବିବିଧତା ବିବେଚନାକୁ ନେବା ବାଞ୍ଛନୀୟ। ମୋଟ ଉପରେ କୌଣସି ଶିକ୍ଷାର୍ଥୀ ବିଜ୍ଞାପନର ଭେଳିକି ଭିତରେ ଖସି ନ ପଡନ୍ତୁ, ଏଥିପ୍ରତି ସତର୍କତା ଗୁରୁତ୍ୱପୂର୍ଣ୍ଣ।

ଏ ଦୃଷ୍ଟିରୁ ଶିକ୍ଷଣର ପ୍ରଥମ କେନ୍ଦ୍ର ସ୍କୁଲ ହେବା ଆବଶ୍ୟକ। ମକ୍-ଟେଷ୍ଟ ସେଣ୍ଟର ଜରିଆରେ ମଧ୍ୟ ଦକ୍ଷତା ଆକଳନ କରାଇବା ଲୋଡ଼ା। ବଛା ବଛା ସଫଳତାର କାହାଣୀ ପ୍ରକାଶନ ଜରିଆରେ ନୂତନ ଶିକ୍ଷାର୍ଥୀଙ୍କ ଠାରେ ପହଞ୍ଚିହେବ। କାରଣ ଏହା ସେମାନଙ୍କ ପାଇଁ ପ୍ରେରଣାପ୍ରଦ ହୋଇଥାଏ। ଯଦି ବିଦ୍ୟାଳୟ ସ୍ତରରୁ ଏ ସ୍ତରର ପ୍ରଶିକ୍ଷଣ ଆରମ୍ଭ ହୋଇଯାଏ, ତେବେ ଶିକ୍ଷାର୍ଥୀମାନେ ବ୍ୟବସାୟିକ କୋଚିଂ ସେଣ୍ଟର ଜାଲରେ ଶିକାର ହେବା ପାଇଁ ଚାହିଁବେ ନାହିଁ। ସେପରି ସେଣ୍ଟରର ମିଥ୍ୟା ବିଜ୍ଞାପନ ଜାଲରେ ଫସି ଯିବେନାହିଁ। ସୁତରାଂ କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ବିବେକିତା ତଥା ବିଚାରପୂର୍ଣ୍ଣ ଭାବେ ପଦକ୍ଷେପ ନେଲେ ସମଗ୍ର ଦେଶରେ ଶିକ୍ଷାର୍ଥୀଙ୍କ ଉପରେ ଚାପ କମିବା ସହିତ ଆତ୍ମହତ୍ୟା ହାର ହ୍ରାସ ହୋଇପାରିବ, ଏହା ନିଶ୍ଚିତ ଭାବରେ କୁହାଯାଇପାରେ।

# ଶିଶୁଟି ଆହା କି ସୁନ୍ଦର...

## ଡକ୍ଟର ସୁରେଶ କୁମାର ନାୟକ

କଥାରେ ଅଛି ଅଭ୍ୟାସ ବଳେ ସବୁ ଗ୍ରନ୍ଥ ପଢ଼ି ହୋଇବ ଜ୍ଞାନବନ୍ତ। ଅର୍ଥାତ୍, ସବୁ କାମରେ ସଫଳତା ପାଇବାକୁ ହେଲେ ଅଭ୍ୟାସ ଜାରି ରଖିବାକୁ ହେବ। ପ୍ରତିଦିନ ଅଭ୍ୟାସ କରୁଥିଲେ କୌଣସି କାମରେ ବିଫଳତା ସ୍ପର୍ଶ କରିପାରିବ ନାହିଁ। ସେଥିପାଇଁ ତ ପିଲାମାନଙ୍କୁ ଛୋଟ ବେଳରୁ ହିଁ ଅଭ୍ୟାସ କରିବା ପାଇଁ ଶିକ୍ଷା ଦିଆଯାଇଥାଏ। ଘରେ ହେଉ ବା ସ୍କୁଲରେ ସବୁ କ୍ଷେତ୍ରରେ ସଫଳତା ପାଇଁ ବାରମ୍ବାର ଅଭ୍ୟାସ କରିବାକୁ ଶିକ୍ଷା ଦିଆଯାଏ। ଅବଶ୍ୟ ପ୍ରଥମେ ହିଁ ପିଲାମାନଙ୍କୁ ସାହାଯ୍ୟ କରନ୍ତି। ସେହିମାନଙ୍କ ପାଇଁ ସମସ୍ତ ଜୀବନରେ ଅନେକ ଅଭ୍ୟାସ ପିଲାବେଳରୁ ଆମ ଅଜାଣତରେ ହିଁ ହୋଇଯାଇଥାଏ। ଯାହା ଜୀବନର ଅନେକ କ୍ଷେତ୍ରରେ ଆମକୁ ସଫଳତାର ମାର୍ଗ ଦେଖାଇଥାଏ। ତେଣୁ କୌଣସି ଏକ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ହେଲେ ନିରନ୍ତର ଅଭ୍ୟାସ କରି ଅନେକ କିଛି କରିବାକୁ ହେବ ଓ ସେହି ଅନୁରୂପ ଆମକୁ ପ୍ରସ୍ତୁତି କରିବାକୁ ହେବ।

**ଅଭ୍ୟାସ ସ୍ଥିର କରନ୍ତୁ :** ପ୍ରଥମେ ନିଜ ଲକ୍ଷ୍ୟ ଅନୁସାରେ କେଉଁ ସବୁ ଅଭ୍ୟାସ କରିବେ ସ୍ଥିର କରନ୍ତୁ। ଅର୍ଥାତ୍, ପ୍ରତିଦିନ କ'ଣ ସବୁ କାମ କରିବେ ସେ ନେଇ ନିଶ୍ଚିତ ହୁଅନ୍ତୁ। ମନେକର ଆପଣ ସବୁଦିନ ବ୍ୟାୟାମ କରିବାକୁ ଚାହୁଁଛନ୍ତି ଅଥବା ପ୍ରତିଦିନ କିଛି ପୃଷ୍ଠା ପଢ଼ିବାକୁ କିମ୍ବା ଲେଖିବାକୁ ଚାହୁଁଛନ୍ତି, ଇତ୍ୟାଦି। ଏଭଳି କୌଣସି କାମକୁ ଆପଣ ଯଦି କରିବାକୁ ଚାହୁଁଛନ୍ତି ସେନେଇ ପ୍ରଥମେ ନିଜେ ସ୍ଥିର କରନ୍ତୁ। ପ୍ରଥମେ ଲକ୍ଷ୍ୟ ସ୍ଥିର ହେଲେ ସେହି ଅନୁସାରେ ଅଭ୍ୟାସ ନିମନ୍ତେ ପ୍ରସ୍ତୁତ ହେବାକୁ ପଡ଼ିବ।

**ନିରନ୍ତର ଅଭ୍ୟାସ ବ୍ୟତିକ୍ରମ ନୁହେଁ :** କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ କାମ ଆରମ୍ଭ କଲେ ତାହା ଅଭ୍ୟାସରେ ପରିଣତ ହେବା ପାଇଁ କିଛି ସମୟ ଲାଗିବ। ସେଥି ନିମନ୍ତେ ଧୈର୍ଯ୍ୟର ସହ ନିରନ୍ତର ଅଭ୍ୟାସ ଜରୁରୀ। କୌଣସି ଦିନ ବି ଅଭ୍ୟାସ ବନ୍ଦ କରନ୍ତୁ ନାହିଁ। ବେଳେ ବେଳେ ଇଛା ହେଉନି କି ଦେହ ଭଲ ନାହିଁ ଅବା ପାଗ ଭଲ ନାହିଁ ଏମିତି କିଛି କହି ଅଭ୍ୟାସ ଅନୁସାରେ କାମ ବନ୍ଦ କରିବା ଆଦୌ ଠିକ ନୁହେଁ। ଯେକୌଣସି ପରିସ୍ଥିତିରେ ବି ଅଭ୍ୟାସ ନିମନ୍ତେ କାମ କରନ୍ତୁ।

**ଅନ୍ୟଙ୍କୁ ଜଣାନ୍ତୁ :** ନିଜର ଲକ୍ଷ୍ୟ ତଥା ଅଭ୍ୟାସ ସମ୍ପର୍କରେ ଅନ୍ୟମାନଙ୍କୁ ଜଣାନ୍ତୁ। ଅନ୍ୟମାନେ ଆପଣ ଅଭ୍ୟାସ ସମ୍ପର୍କରେ ଜାଣିବା ଫଳରେ ଆପଣ ସତର୍କ ରହିବେ। କାମରେ କୌଣସି ଭୁଲ ହେବାମାତ୍ରେ ଅନ୍ୟମାନେ ଆପଣଙ୍କ ଉପର ଦୃଷ୍ଟି ରଖିଥିବେ। ଏହା ଫଳରେ ଆପଣଙ୍କୁ କେହି ଜଣେ ଜଗି ରହିବା ଭଳି ମନେ ହେବ। ଫଳରେ ପ୍ରତିଦିନ ଅଭ୍ୟାସ କରିବା ନିମନ୍ତେ ଅଧିକ ଯତ୍ନଶୀଳ ହୋଇପାରିବେ।

**ଆତ୍ମ ସମୀକ୍ଷା :** ଭଲ ଅଭ୍ୟାସଟିଏ ଆରମ୍ଭ କରିଥିଲେ ନିଜକୁ ନିଜେ ସମୀକ୍ଷା କରନ୍ତୁ। ପ୍ରତିଦିନ ଅଭ୍ୟାସ ଅନୁସାରେ କାମ କରୁଛନ୍ତି ଓ କିଛି ଦିନ ପରେ ଧୀରେ ଧୀରେ ନିଜର କିଛି ପରିବର୍ତ୍ତନ ହେଉଛି କି ନାହିଁ ସେ ନେଇ ନିଜକୁ ପରୀକ୍ଷା କରନ୍ତୁ। କିଛିଦିନ ମଧ୍ୟରେ ନିଜେ ଅନୁଭବ କରିପାରିବେ ଯେ ନିଶ୍ଚିତ ଭାବେ କିଛି ସକାରାତ୍ମକ ପରିବର୍ତ୍ତନ ହେଉଛି। ଫଳରେ ପ୍ରତିଦିନର କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ନିଜ ମନରୁ ମଧ ପ୍ରେରଣା ଆସିବ। ସମୟ ପୂର୍ବରୁ ମନକୁ ମନ ସଚେତନ ହୁଅନ୍ତୁ। ଅର୍ଥାତ୍ ଆସନ୍ତାକାଲି ସକାଳୁ ଉଠି କୌଣସି କାମ କରିବାକୁ ଥିଲେ ପୂର୍ବଦିନ ରାତିରୁ ହିଁ ମନ ଭିତରେ ପ୍ରସ୍ତୁତି କରି ଶୋଇବାକୁ ହେବ। ଏଭଳି ଭାବେ ସମୟ ଆସିବ ପ୍ରାକୃତିକ ଭାବେ ଆପଣ ସେହି ସବୁ କାମ ଠିକ ସମୟରେ ଉଠି କରିପାରିବେ।

**ଆତ୍ମ ସନ୍ତୋଷ :** କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ପାଇଁ ମାସ ମାସ କି ବର୍ଷ ବର୍ଷ ଲାଗି ନପାରେ। ଦୃଢ଼ ମନୋବଳ ଆଉ ଇଚ୍ଛାଶକ୍ତି ଥିଲେ ହୁଏତ ମାତ୍ର କିଛି ଘଣ୍ଟା ମଧ୍ୟରେ ବି ଅଭ୍ୟାସରେ ପରିଣତ ହୋଇପାରେ। କିଛି ଅଭ୍ୟାସ ଏପରି ଅଛି ଯାହା ଏକ କ୍ଷଣରେ ବି ହୋଇପାରେ। ଉଦାହରଣ ସ୍ୱରୂପ ଆପଣ ଏକ ଗରମ ଜିନିଷରେ ହାତ ଲଗାଇ ଦେବା ଫଳରେ ହାତ ପୋଡ଼ି ଯାଇପାରେ। ସେହି ଘଟଣା ପରଠାରୁ ସେଭଳି କୌଣସି ଜିନିଷରେ ହାତ ଲଗାଇବା ପୂର୍ବରୁ ଆପଣ ସତର୍କ ହୋଇ ପ୍ରଥମେ ଧୀରେ ଧୀରେ ଅନ୍ୟ କୌଣସି ଉପାୟରେ ହାତ ଲଗାଇବେ। ତେଣୁ ଏଭଳି କିଛି ଅଭ୍ୟାସ ରହିଛି, ଯାହା ମାତ୍ର କିଛି ମିନିଟ ମଧ୍ୟରେ ହୋଇପାରେ।

**ନିଜକୁ ପୁରସ୍କୃତ କରନ୍ତୁ :** କୌଣସି କାମକୁ ଅଭ୍ୟାସରେ ପରିଣତ କରିବା ନେଇ ଅନୁଭବ କରିବା ପରେ ଖୁସି ହୁଅନ୍ତୁ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନେଇ ମାତ୍ର କିଛି ପାହାଚ ଅତିକ୍ରମ କରିପାରିଥିଲେ ବି ସେଥିରେ ଖୁସି ଜାହିର କରନ୍ତୁ। ପିଲାମାନଙ୍କୁ ଗଢ଼ି ତୋଳିବାରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସର୍ବପ୍ରଥମେ ଅଭିଭାବକ, ପରିବାର ଓ ସେ ମିଶୁଥିବା ସମସ୍ତଙ୍କର ମଧ୍ୟ ଉତ୍ତମ ଦିଗଦର୍ଶନର ସହଯୋଗିତା ରହିଛି।

ସେକ୍ଟର-୯, ସିଡିଏ, କଟକ

# ପ୍ରତିବାଦର ବିଶ୍ୱବ୍ୟାପୀ ଲହରୀ !

## ଅସିତ ମହାନ୍ତି

"ଯୁକେରେ ଟମି ରବିନସନଙ୍କ ରାଲି ଷଡ଼ଯନ୍ତ୍ର ତତ୍ତ୍ୱ ଉପରେ ନିର୍ଭର କରିଥିଲା, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ବିଶ୍ୱାସକୁ ନଷ୍ଟ କରିପାରେ। ସରକାରଙ୍କ ପ୍ରତିକ୍ରିୟା: ତିନୋଟି କ୍ଷେତ୍ରରେ, ସରକାରଗୁଡ଼ିକ କଠୋର ପ୍ରତିକ୍ରିୟା ପାଇଁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ (ଯଥା: ଯୁକେ ପୋଲିସ ସଂଘର୍ଷ, ନେପାଳର ସୋସିଆଲ ମିଡିଆ ବ୍ଲାକଆଉଟ୍, ଫ୍ରାନ୍ସର ଗିରଫଦାରି)। ଯଦି ନାଗରିକମାନେ ପ୍ରତିବାଦ କରିବା ପାଇଁ ନୀରବ କିମ୍ବା ଦଣ୍ଡିତ ଅନୁଭବ କରନ୍ତି, ତେବେ ଏହା ମୁକ୍ତ ମତବ୍ୟକ୍ତର ଗଣତାନ୍ତ୍ରିକ ନୀତିକୁ ଦୁର୍ବଳ କରିପାରେ।

ଯଦି ଦେଖାଯାଏ, ସେ ବ୍ରିଟେନ ହେଉ, ନେପାଳ ହେଉ, ବାଂଲାଦେଶ ହେଉ ବା ଫ୍ରାନ୍ସ, କାରଣ ଭିନ୍ନ ହୋଇପାରେ, କିନ୍ତୁ ଲୋକତନ୍ତ୍ରକୁ ନେତୃତ୍ୱ ଦେଉଥିବା ନେତାମାନେ ଗଣତନ୍ତ୍ରର ନାମ ନେଇ ବାସ୍ତବରେ ଆଚରଣ ଭିତରେ ନିରଙ୍କୁଶତାର ଚରିତ୍ର ଦେଖାଇଛନ୍ତି । ପରିଣାମତଃ ବିରୋଧ ପ୍ରଦର୍ଶନ ଏବଂ ଶେଷରେ ରକ୍ତପାତର ପରିବେଶ ସୃଷ୍ଟି ହୋଇଛି । ଏହା କେବଳ ଏହି ଦେଶ ମାନଙ୍କରେ ନୁହେଁ ବରଂ ବିଶ୍ୱ ପୁଞ୍ଜିବାଦର ସ୍ଥିତି ଠିକ୍ ଏହିପରି । ଏଥିରୁ ପାରି ହେବା ପାଇଁ ବିଶ୍ୱର ନେତାମାନେ ଜନ ବିରୋଧୀ କାନୁନ ତିଆରି କରୁଛନ୍ତି । କିନ୍ତୁ ସେମାନଙ୍କୁ ମନେ ରଖିବାକୁ ହେବ ଯେ ଜନ ବିରୋଧ କାନୁନ ବିରୋଧରେ ବିଶାଳ ଜନ ସମୁଦ୍ର ରାସ୍ତାରେ ଓହ୍ଲାଇବେ ଯାହାକୁ ବ୍ୟବସ୍ଥା ସମ୍ଭାଳିବାରେ ବିଫଳ ହେବ । ଏହା ହେଉଛି ଇତିହାସ । ଭାରତରେ ଆନ୍ନା ଆନ୍ଦୋଳନ ହେଉଛି ଏହାର ସଦ୍ୟତମ ଉଦାହରଣ । ଏହି ଆନ୍ଦୋଳନ ମାଧ୍ୟମରେ ଦେଶରେ ଏକ ପ୍ରମୁଖ ଦଳ କ୍ଷମତାକୁ ଆସିଛି । ସେ ଯାହାହେଉ ଏଠାରେ ବ୍ରିଟେନ ବିଷୟରେ ଆଲୋଚନା କରିବା ଆବଶ୍ୟକ ।

ସେପ୍ଟେମ୍ବର ୧୩, ୨୦୨୫ରେ, ୧୧୦,୦୦୦ରୁ ଅଧିକ ଲୋକ କେନ୍ଦ୍ରୀୟ ଲଣ୍ଡନ ଦେଇ ଏକ ଶୋଭାଯାତ୍ରା କରିଥିଲେ ଯାହାକୁ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ବିରୋଧ ରାଲି ଭାବରେ ବର୍ଣ୍ଣନା କରାଯାଇଛି। ଯାହାକୁ କର୍ମୀ ଟମି ରବିନସନ 'ୟୁନାଇଟ୍ ଦି କିଙ୍ଗଡମ' ବ୍ୟାନର ତଳେ ଆୟୋଜନ କରିଥିଲେ। ଏହି ପ୍ରତିବାଦ ଏକ ଗ୍ରୀଷ୍ମକାଳୀନ ଉତ୍ତେଜନାକୁ ପରିଣାମ ଦେଇଥିଲା। ଯେଉଁଥିରେ ଶରଣାର୍ଥୀ ଏବଂ ପ୍ରବାସୀମାନଙ୍କୁ ବାସ କରୁଥିବା ହୋଟେଲ ବାହାରେ ଛୋଟ ଛୋଟ ପ୍ରଦର୍ଶନ ଅନ୍ତର୍ଭୁକ୍ତ ଥିଲା। ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା, ଅଧିକାରୀମାନଙ୍କୁ ପ୍ରୋଜେକ୍ଟାଇଲ୍ ଦ୍ୱାରା ଆକ୍ରମଣ କରାଯାଇଥିବା ଏବଂ ଅତି କମ୍‌ରେ ୨୬ ଜଣ ଆହତ ହୋଇଥିବା ରିପୋର୍ଟରୁ ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ପ୍ରବାସ ବିରୋଧରେ ଭାଷଣ ଦିଆଯାଇଥିଲା, ଏଲୋନ୍ ମସ୍କଙ୍କ ସମେତ ବକ୍ତାମାନେ ସରକାରୀ ନୀତିକୁ ସମାଲୋଚନା କରିବା ପାଇଁ ଭର୍ଚୁଆଲ୍ ଭାବରେ ଉପସ୍ଥିତ ହୋଇଥିଲେ।

ପ୍ରତିବାଦର ମୁଖ୍ୟ କାରଣ: ପ୍ରଦର୍ଶନଗୁଡ଼ିକ ମୁଖ୍ୟତଃ ଯୁକେ ସରକାରଙ୍କ ପ୍ରବାସ ନୀତିର ବିରୋଧ ଦ୍ୱାରା ପରିଚାଳିତ ହୋଇଥିଲା, ବିଶେଷକରି: ଅନିୟମିତ ପ୍ରବାସର ଉଚ୍ଚ ସ୍ତର: ପ୍ରଦର୍ଶନକାରୀମାନେ ଇଂରାଜୀ ଚ୍ୟାନେଲ ଦେଇ ଛୋଟ ଡଙ୍ଗା ପାର ହେବାର ରେକର୍ଡ ସଂଖ୍ୟକ (୨୦୨୫ ରେ ଏପର୍ଯ୍ୟନ୍ତ ୩୦,୦୦୦ ରୁ ଅଧିକ) ଏବଂ ପ୍ରଧାନମନ୍ତ୍ରୀ କୀର ଷ୍ଟାରମରଙ୍କ ଅଧୀନରେ ଲେବର ସରକାର ସୀମା ନିୟନ୍ତ୍ରଣ କରିବାରେ କିମ୍ବା ବିଫଳ ଆଶ୍ରୟ ପ୍ରବକ୍ତାମାନଙ୍କୁ ଦେଶାନ୍ତର କରିବାରେ ବିଫଳ ହେବାର ଅଭିଯୋଗ କରିଥିଲେ। ସାର୍ବଜନୀନ ସେବା ଉପରେ ଚାପ: ବାସଗୃହ ଅଭାବ, ଚାପ ଏବଂ ପ୍ରବାସୀମାନଙ୍କ ପାଇଁ ଅପରାଧ ବୃଦ୍ଧି ଉପରେ କେନ୍ଦ୍ରିତ ଅଭିଯୋଗ, 'ସାମୂହିକ ପ୍ରବାସ' ଏବଂ 'ଦୁଇ-ସ୍ତରୀୟ ପୋଲିସିଂ' (ସ୍ଥାନୀୟ ବ୍ରିଟିଶମାନଙ୍କ ପ୍ରତି କଠୋରତା ବନାମ ପ୍ରବାସୀମାନଙ୍କ ପ୍ରତି ଅନୁକମ୍ପା ଅନୁଭବ) କୁ ନିନ୍ଦା କରୁଥିବା ସ୍ଲୋଗାନ ଏବଂ ସଙ୍କେତ ସହିତ।



ବ୍ୟାପକ ପ୍ରତିଷ୍ଠା ବିରୋଧୀ ଭାବନା: ରବିନସନ୍ ଏବଂ ସହଯୋଗୀମାନେ ଏହାକୁ 'ବିଶ୍ୱବ୍ୟାପୀ' ପ୍ରଭାବ, ସେନ୍ସରସିପ୍ ଏବଂ ଶ୍ରମିକ-ବର୍ଗର ଚିନ୍ତା ପାଇଁ ଅଭିଜିତ ଅଣଦେଖା ବିରୁଦ୍ଧରେ ଏକ ଲଢ଼େଇ ଭାବରେ ପ୍ରସ୍ତୁତ କରିଥିଲେ।

ଏହି ଘଟଣାଗୁଡ଼ିକ ଯୁକେରେ ୨୦୨୫ ପ୍ରବାସ-ବିରୋଧୀ ଅଶାନ୍ତିର ଏକ ଲହରର ଅଂଶ, ଯାହା ଜୁଲାଇରେ ସାଉଥପୋର୍ଟ ଛୁରାମାଡ଼ ଭଳି ହାଇ-ପ୍ରୋଫାଇଲ୍ ଘଟଣା ପରେ ଆରମ୍ଭ ହୋଇଥିଲା। ଯାହା ଅନେକ ସହରରେ ଦଙ୍ଗାକୁ ପ୍ରୋତ୍ସାହିତ କରିଥିଲା। ସେପ୍ଟେମ୍ବର ୨୦୨୫ ରେ ଯୁକେ, ନେପାଳ ଏବଂ ଫ୍ରାନ୍ସରେ ପ୍ରତିବାଦର ଲହର - ପ୍ରତ୍ୟେକଟି ପ୍ରବାସ, ଦୁର୍ନୀତି ଏବଂ କଟକଣା ପରି ଭିନ୍ନ ଅଭିଯୋଗ ଦ୍ୱାରା ପରିଚାଳିତ - ଗଣତନ୍ତ୍ର, ଉଦ୍ଦେଶ୍ୟ ଅନୁଯାୟୀ କାର୍ଯ୍ୟ କରୁଛି କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଇଥାଏ।

ଏହି ପ୍ରତିବାଦଗୁଡ଼ିକ କାହିଁକି ଗଣତନ୍ତ୍ର ସଂଘର୍ଷ କରୁଛି ବୋଲି ସୂଚାଇପାରେ: ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ଅବିଶ୍ୱାସ: ଯୁକେରେ, ପ୍ରତିବାଦକାରୀମାନେ ଲେବର ସରକାରଙ୍କ ପ୍ରବାସ ନୀତି ପ୍ରତି ହତାଶା ପ୍ରକାଶ କରିଛନ୍ତି, ଶ୍ରମିକ-ଶ୍ରେଣୀର ଚିନ୍ତାକୁ ଅଣଦେଖା କରୁଥିବା ଅଭିଜିତ ବ୍ୟକ୍ତିଙ୍କୁ ଅଭିଯୋଗ କରିଛନ୍ତି। X ପୋଷ୍ଟଗୁଡ଼ିକ ଏହାକୁ ଆହୁରି ବୃଦ୍ଧି କରିଛନ୍ତି, @UKPatriot ୨୦୨୫ ପରି ବ୍ୟବହାରକାରୀମାନେ ଦାବି କରିଛନ୍ତି ଯେ 'ରାଜନେତାମାନେ ଲୋକଙ୍କ ନୁହେଁ, ବିଶ୍ୱବାଦୀଙ୍କ ସେବା କରନ୍ତି।' ନେପାଳରେ, ଜେନ୍-ଜେଡ୍ ନେତୃତ୍ୱରେ ପ୍ରତିବାଦ ବ୍ୟବସ୍ଥାଗତ ଦୁର୍ନୀତିକୁ ଟାର୍ଗେଟ କରିଛି, ୭୨ ଜଣଙ୍କ ମୃତ୍ୟୁ ଦାୟୀ ନୁହେଁ ବୋଲି ଶାସନ ପ୍ରତି ଗଭୀର କ୍ରୋଧର ସଙ୍କେତ ଦେଇଛି। ଫ୍ରାନ୍ସରେ, କଟକଣା ବିରୁଦ୍ଧରେ ସବୁକିଛି ଅବରୋଧ କର। ଆନ୍ଦୋଳନ ମାକ୍ରୋନଙ୍କ ଉପର-ଡାଉନ୍ ସଂସ୍କାର ପ୍ରତି ନିରାଶାକୁ ପ୍ରତିଫଳିତ କରେ, ଯାହାକୁ ଧନୀମାନଙ୍କୁ ପକ୍ଷପାତିତା କରୁଥିବା ଭାବରେ ଦେଖାଯାଏ। ଏହି ଅବିଶ୍ୱାସ ଗଣତାନ୍ତ୍ରିକ ସରକାର ଏବଂ ସେମାନଙ୍କର ନାଗରିକମାନଙ୍କ ମଧ୍ୟରେ ଏକ ବ୍ୟବଧାନକୁ ସୂଚାଇଥାଏ। ଯେଉଁଠାରେ ନିର୍ବାଚିତ ଅଧିକାରୀମାନଙ୍କୁ ଅଣଦେଖା ଭାବରେ ବିବେଚନା କରାଯାଏ କିମ୍ବା ବିଶେଷ ସ୍ୱାର୍ଥ ଦ୍ୱାରା କବ୍‌ଜା କରାଯାଏ। ଧ୍ରୁବୀକରଣ ଏବଂ ହିଂସା: ଯୁକେର ଦୂର-ଡାହାଣ ରାଲିରେ ୨୬ ଜଣ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଯାହା ଦର୍ଶାଉଛି ଯେ ପ୍ରତିବାଦ କିପରି ଅଶାନ୍ତିର ରୂପ ନେଇପାରେ। ଫ୍ରାନ୍ସର ୪୭୩ ଜଣ ଗିରଫ ଏବଂ ନେପାଳର ମାରାତ୍ମକ ଦଙ୍ଗା ଆହୁରି ସ୍ପଷ୍ଟ କରେ ଯେ ଆଲୋଚନା ଭାଙ୍ଗିଗଲେ ଗଣତାନ୍ତ୍ରିକ ଅଭିବ୍ୟକ୍ତି କିପରି ବିଶୃଙ୍ଖଳିତ ହୋଇପାରେ। ଯୁକେର 'ଦୁଇ-ସ୍ତରୀୟ ପୋଲିସିଂ' କାହାଣୀ କିମ୍ବା ଫ୍ରାନ୍ସର ଶ୍ରେଣୀ-ଭିତ୍ତିକ ବିଭାଜନରେ ସ୍ପଷ୍ଟ ଧ୍ରୁବୀକରଣ - ଗଣତାନ୍ତ୍ରିକ ମାନଦଣ୍ଡକୁ ଚାପ ଦିଏ, କାରଣ ଗୋଷ୍ଠୀମାନେ ଅନୁଭବ କରନ୍ତି ଯେ ସେମାନଙ୍କର ସ୍ୱରକୁ ଦମନ କରାଯାଇଛି କିମ୍ବା ଅପମାନିତ କରାଯାଇଛି। ଲୋକପ୍ରିୟତାବାଦୀ ଉଷ୍ମତା: ଏହି ପ୍ରତିବାଦଗୁଡ଼ିକ ଏକ ଲୋକପ୍ରିୟତାବାଦୀ ସୂତ୍ରକୁ ଅଂଶୀଦାର କରନ୍ତି, 'ଲୋକ ବନାମ ଅଭିଜିତ' ଭାବରେ ପ୍ରସଙ୍ଗଗୁଡ଼ିକୁ ପ୍ରସ୍ତୁତ କରନ୍ତି। ଯଦି ଏହା ଉଗ୍ରବାଦକୁ ପ୍ରୋତ୍ସାହିତ କରେ କିମ୍ବା କୋର୍ଟ କିମ୍ବା ନିର୍ବାଚନ ଭଳି ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରେ ତେବେ ଏହା ଗଣତାନ୍ତ୍ରିକ ସ୍ଥିରତାକୁ ଚ୍ୟାଲେଞ୍ଜ କରିପାରେ।

ଉଦାହରଣ ସ୍ୱରୂପ, ଯୁକେରେ ଟମି ରବିନସନଙ୍କ ରାଲି ଷଡ଼ଯନ୍ତ୍ର ତତ୍ତ୍ୱ ଉପରେ ନିର୍ଭର କରିଥିଲା, ଯାହା ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ବିଶ୍ୱାସକୁ ନଷ୍ଟ କରିପାରେ। ସରକାରଙ୍କ ପ୍ରତିକ୍ରିୟା: ତିନୋଟି କ୍ଷେତ୍ରରେ, ସରକାରଗୁଡ଼ିକ କଠୋର ପ୍ରତିକ୍ରିୟା ପାଇଁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ (ଯଥା: ଯୁକେ ପୋଲିସ ସଂଘର୍ଷ, ନେପାଳର ସୋସିଆଲ ମିଡିଆ ବ୍ଲାକଆଉଟ୍, ଫ୍ରାନ୍ସର ଗିରଫଦାରି)। ଯଦି ନାଗରିକମାନେ ପ୍ରତିବାଦ କରିବା ପାଇଁ ନୀରବ କିମ୍ବା ଦଣ୍ଡିତ ଅନୁଭବ କରନ୍ତି, ତେବେ ଏହା ମୁକ୍ତ ମତବ୍ୟକ୍ତର ଗଣତାନ୍ତ୍ରିକ ନୀତିକୁ ଦୁର୍ବଳ କରିପାରେ।

ଗଣତନ୍ତ୍ର 'ସଠିକ ପଥେ ନାହିଁ' କି? ଏହା ଦୃଷ୍ଟିକୋଣ ଉପରେ ନିର୍ଭର କରେ: ଅକାର୍ଯ୍ୟର ଲକ୍ଷଣ: ଏହି ପ୍ରତିବାଦଗୁଡ଼ିକରେ ପରିମାଣ, ହିଂସା ଏବଂ ଅବିଶ୍ୱାସ ସୂଚାଇ ଦିଏ ଯେ ଗଣତନ୍ତ୍ର ଚାପରେ ଅଛି। ଯେତେବେଳେ ସରକାରଗୁଡ଼ିକ ଯୋଗାଯୋଗରୁ ଦୂରେଇ ଯାଆନ୍ତି (ଯଥା, ଯୁକେର ସୀମା ନୀତି, ଫ୍ରାନ୍ସର କଟକଣା ଚାପ) କିମ୍ବା ଦୁର୍ନୀତିଗ୍ରସ୍ତ (ନେପାଳ), ନାଗରିକମାନେ ବିଶ୍ୱାସ ହରାଇ ଦିଅନ୍ତି ଏବଂ ଧ୍ରୁବୀକରଣ ବୃଦ୍ଧି ପାଏ। ଯଦି ସମାଧାନ କରାନଯାଏ, ତେବେ ଏହା ଗଣତାନ୍ତ୍ରିକ ମାନଦଣ୍ଡକୁ ଦୁର୍ବଳ କରିପାରେ, ବିଶେଷକରି ଯଦି ଲୋକବାଦୀ କିମ୍ବା ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକ ଆକର୍ଷଣ ପାଆନ୍ତି। ପ୍ରତିବାଦ ହେଉଛି କାର୍ଯ୍ୟରେ ଗଣତନ୍ତ୍ର - ଲୋକମାନେ ଅଭିଯୋଗ ପ୍ରକାଶ କରନ୍ତି, ଦାୟିତ୍ୱ ନେବାକୁ ବାଧ କରନ୍ତି (ଯଥା, ନେପାଳର ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା), ଏବଂ ବିତର୍କ ଆରମ୍ଭ କରନ୍ତି। ଏହି ଆନ୍ଦୋଳନଗୁଡ଼ିକ ସମ୍ପୂର୍ଣ୍ଣ ଦମନ ବିନା ଘଟିପାରେ ତାହା ଦର୍ଶାଏ ଯେ ଗଣତାନ୍ତ୍ରିକ ସ୍ୱାଧୀନତା ଜାରି ରହିଛି। ଚ୍ୟାଲେଞ୍ଜ ହେଉଛି ସରକାରଗୁଡ଼ିକ ବିଶ୍ୱାସର ଫାଙ୍କକୁ ପୂରଣ କରିପାରିବେ କି ନାହିଁ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# ଆତ୍ମହତ୍ୟା : ନିରାକରଣ ସଚେତନତା

## ଯୁଧିଷ୍ଠିର ମହାରଣା

"ଦେଶରେ ପ୍ରତିଦିନ ୬୩୦ଜଣ ଆତ୍ମହତ୍ୟା କରୁଥିବାବେଳେ ରିପୋର୍ଟ ପ୍ରକାଶ ପାଇବା ଦିନ ଜଣେ ୧୮ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛି ଯିଏକି ତାର ଆତ୍ମହତ୍ୟା ଚିଠିରେ ଆତ୍ମହତ୍ୟାର କାରଣ 'ଇଞ୍ଜିନିୟରିଂ ଆଘାତ' ବୋଲି ଉଲ୍ଲେଖ କରିଛି। ଅଧିକାଂଶ ଯୁବକ ଆର୍ଥିକ ସମସ୍ୟା, ପାଠପଢ଼ାର ବୋଝ, ପରୀକ୍ଷାର ଚାପ, ବିଚ୍ଛିନ୍ନ ସମ୍ପର୍କ ଇତ୍ୟାଦି କାରଣ ଯୋଗୁଁ ଭାବପ୍ରବଣତାର ଶିକାର ହୋଇ ଜୀବନ ହାରି ଦିଅନ୍ତି। ୨୦୨୪ରେ ଘଟିଥିବା ସର୍ବମୋଟ ୨,୮୪,୩୧୪ ଆତ୍ମହତ୍ୟା ମଧ୍ୟରୁ ମହିଳାଙ୍କ ହାର ହେଉଛି ୭୧.୨ ଏବଂ ପୁରୁଷଙ୍କ ହାର ହେଉଛି ୫୭.୭ ପ୍ରତିଶତ। ସମଗ୍ର ପୃଥିବୀରେ ଯୁବ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସବୁଠାରୁ ଅଧିକ। ପୃଥିବୀର ସର୍ବମୋଟ ଜନସଂଖ୍ୟାର ୧୭.୮ ପ୍ରତିଶତ ଲୋକ ଭାରତରେ ବାସ କରନ୍ତି। କିନ୍ତୁ ପୃଥିବୀର ସର୍ବମୋଟ ଆତ୍ମହତ୍ୟାର ୩୬.୬ ପ୍ରତିଶତ ମହିଳା ଓ ୨୪.୩ ପ୍ରତିଶତ ପୁରୁଷ ଭାରତରେ ଆତ୍ମହତ୍ୟା କରନ୍ତି।

ଆବହମାନ କାଳରୁ ନିଜକୁ ହତ୍ୟା କରିବାର ପ୍ରବଣତା ମନୁଷ୍ୟ ଭିତରେ ରହିଛି। ପ୍ରାୟ ସବୁ ଧର୍ମଶାସ୍ତ୍ରରେ ଆତ୍ମହତ୍ୟା ଏକ ମହାପାପ ଭାବେ ବିବେଚିତ ଏବଂ ନିଜକୁ ନିଜେ ହତ୍ୟା କରିବା ଯେ ଏକ ପ୍ରକୃତି ବିରୋଧୀ କାର୍ଯ୍ୟ, ତାହା ମଣିଷକୁ ସତର୍କ କରାଯାଇଛି। ବୌଦ୍ଧଧର୍ମ ମତରେ, ମନରେ ଉଠୁଥିବା କୌତୂହଳ ଓ କାମନାର ଅପୂରଣୀୟତାକୁ ନେଇ ଯେଉଁମାନେ ନୈରାଶ୍ୟ ଜାଲରେ ଛନ୍ଦି ହୋଇ ଆତ୍ମହତ୍ୟା କରନ୍ତି, ସେମାନେ କେବଳ କର୍ମଫଳ ଭୋଗ ଚକ୍ରରେ ବ୍ୟାହତ ସୃଷ୍ଟି କରନ୍ତିନି ବରଂ ନୀଚ ଯୋନିରେ ଜନ୍ମ ହୋଇ ଅଶେଷ ଦୁଃଖ ଭୋଗ କରିବା ନିମନ୍ତେ ସଂସାର ଚକ୍ରରେ ବାରମ୍ବାର ନିପତିତ ହୁଅନ୍ତି। ଫଳତଃ ଜନ୍ମ-ମୃତ୍ୟୁ-ଜରା-ବ୍ୟାଧିର ସଂସାର ଚକ୍ର ସେମାନଙ୍କ ପାଇଁ ଅସରନ୍ତି ପାଲଟି ଯାଏ। ଏପରିକି ଆମ ହିନ୍ଦୁ ଶାସ୍ତ୍ରରେ ଆତ୍ମହତ୍ୟା ନିଷେଧ ସମ୍ବନ୍ଧିତ ଅନେକ ଭୟଙ୍କର ପରିସ୍ଥିତିର ବ୍ୟାଖ୍ୟା ରହିଛି। ଏହା ସତ୍ୟ ଯେ ମନୁଷ୍ୟ ବ୍ୟତୀତ ଅନ୍ୟ କୌଣସି ଜୀବ ନିଜକୁ ହତ୍ୟା କରିବାର ଦୃଷ୍ଟାନ୍ତ ନାହିଁ। ପୂର୍ବାପେକ୍ଷା ଆଜିର ପ୍ରଯୁକ୍ତିବିଦ୍ୟାର ବଜାରଭିତ୍ତିକ ଆଧୁନିକ ସମାଜରେ ବେଶି ଆତ୍ମହତ୍ୟା ଦୃଷ୍ଟିଗୋଚର ହୁଏ। ଏବେ ଏକ ଆନ୍ତର୍ଜାତିକ ରିପୋର୍ଟ ଅନୁସାରେ ଭାରତରେ ୧୮ରୁ ୩୯ ବର୍ଷ ବୟସର ଲୋକମାନଙ୍କ ଭିତରେ ଆତ୍ମହତ୍ୟା ମୃତ୍ୟୁର ଏକ ଅଗ୍ରଗାମୀ କାରଣ ଭାବେ ଉଭା ହୋଇଛି।

ଦେଶରେ ପ୍ରତିଦିନ ୬୩୦ଜଣ ଆତ୍ମହତ୍ୟା କରୁଥିବାବେଳେ ରିପୋର୍ଟ ପ୍ରକାଶ ପାଇବା ଦିନ ଜଣେ ୧୮ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆତ୍ମହତ୍ୟା କରିଛି ଯିଏକି ତାର ଆତ୍ମହତ୍ୟା ଚିଠିରେ ଆତ୍ମହତ୍ୟାର କାରଣ 'ଇଞ୍ଜିନିୟରିଂ ଆଘାତ' ବୋଲି ଉଲ୍ଲେଖ କରିଛି। ଅଧିକାଂଶ ଯୁବକ ଆର୍ଥିକ ସମସ୍ୟା, ପାଠପଢ଼ାର ବୋଝ, ପରୀକ୍ଷାର ଚାପ, ବିଚ୍ଛିନ୍ନ ସମ୍ପର୍କ ଇତ୍ୟାଦି କାରଣ ଯୋଗୁଁ ଭାବପ୍ରବଣତାର ଶିକାର ହୋଇ ଜୀବନ ହାରି ଦିଅନ୍ତି। ୨୦୨୪ରେ ଘଟିଥିବା ସର୍ବମୋଟ ୨,୮୪,୩୧୪ ଆତ୍ମହତ୍ୟା ମଧ୍ୟରୁ ମହିଳାଙ୍କ ହାର ହେଉଛି ୭୧.୨ ଏବଂ ପୁରୁଷଙ୍କ ହାର ହେଉଛି ୫୭.୭ ପ୍ରତିଶତ। ସମଗ୍ର ପୃଥିବୀରେ ଯୁବ ସମ୍ପ୍ରଦାୟଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସବୁଠାରୁ ଅଧିକ। ପୃଥିବୀର ସର୍ବମୋଟ ଜନସଂଖ୍ୟାର ୧୭.୮ ପ୍ରତିଶତ ଲୋକ ଭାରତରେ ବାସ କରନ୍ତି। କିନ୍ତୁ ପୃଥିବୀର ସର୍ବମୋଟ ଆତ୍ମହତ୍ୟାର ୩୬.୬ ପ୍ରତିଶତ ମହିଳା ଓ ୨୪.୩ ପ୍ରତିଶତ ପୁରୁଷ ଭାରତରେ ଆତ୍ମହତ୍ୟା କରନ୍ତି। ଭାରତରେ ଆତ୍ମହତ୍ୟା କ୍ଷେତ୍ରରେ ମହିଳାମାନଙ୍କ ଅନୁପାତ ହେଉଛି ୨:୧ ଯାହା ବିଶ୍ୱ ପରିସଂଖ୍ୟାନ ଠାରୁ ଅଧିକ କାହିଁକି ନା ସମଗ୍ର ବିଶ୍ୱରେ ବେଶି ପୁରୁଷ ଆତ୍ମହତ୍ୟା କରିଥାନ୍ତି। ଭାରତରେ ବେଶି ବିବାହିତା ମହିଳା ଆତ୍ମହତ୍ୟା କରନ୍ତି। ଏହା ଅବଶ୍ୟ ଚିନ୍ତାର ବିଷୟ।

ଏହି ସୁନ୍ଦର ସୃଷ୍ଟିରେ ମଣିଷ କାହିଁକି ନିଜକୁ ହତ୍ୟା କରେ, ତାହାର ଅନେକ



କାରଣ ମନୋବିଜ୍ଞାନୀମାନେ ଦର୍ଶାଇଛନ୍ତି। ଏତଦ୍ ବ୍ୟତୀତ ଆଜିର ପ୍ରତିଯୋଗିତାମୂଳକ ସମାଜରେ ମଣିଷ ସିଜୋଫ୍ରେନିଆ, ବାଇପୋଲାର, ମାନସିକ ବ୍ୟର୍ଥତା ଭଳି ମାରାତ୍ମକ ମାନସିକ ରୋଗର ମଧ ବହୁ ମାତ୍ରାରେ ଶିକାର ହେଉଛି। ଏତାଦୃଶ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ମଧ୍ୟରୁ ପ୍ରତ୍ୟେକ ଦଶ ଜଣରେ ଆତ୍ମହତ୍ୟା କରିଥାନ୍ତି ବୋଲି ମାନସିକ ରୋଗ ବିଶେଷଜ୍ଞମାନେ ମତ ଦିଅନ୍ତି।

ଏଠାରେ ଉଲ୍ଲେଖନୀୟ, ଭାରତର ପୂର୍ବତନ ରାଷ୍ଟ୍ରପତି ବୈଜ୍ଞାନିକ ଏପିଜେ ଅବଦୁଲ କଲାମ ତାଙ୍କ ପୁସ୍ତକ ଭାରତ ୨୦୨୦ରେ ସତର୍କ ବାଣୀ ଶୁଣାଇ ଲେଖିଛନ୍ତି ଯେ ଭାରତ ନିଶ୍ଚିତ ଭାବରେ ଭବିଷ୍ୟତରେ ଏକ ବିକଶିତ ରାଷ୍ଟ୍ର ହେବ ଏବଂ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି କରିବ। କିନ୍ତୁ ବିକଶିତ ଭାରତରେ ଯେଉଁ କେତେକ ସମସ୍ୟା ଉତ୍କଟ ରୂପ ଧାରଣ କରିବ, ସେଥି ମଧ୍ୟରୁ ଆତ୍ମହତ୍ୟା ଅନ୍ୟତମ। ଉକ୍ତ ପୁସ୍ତକରେ ଦର୍ଶାଯାଇଛି ଯେ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମିକୁ ଆଧାର କରି ଜୀବନଶୈଳୀକୁ ବିଶେଷକରି ଯୁବ ସମ୍ପ୍ରଦାୟଙ୍କ ମଧ୍ୟରେ ପୁନଃ ଜାଗ୍ରତ କରିବା ଭଳି ପଦକ୍ଷେପ ନେବାକୁ ପଡ଼ିବ। ଏହାର ଅର୍ଥ, ଭାରତର ମୂଳ ଶାସ୍ତ୍ର ବେଦ, ଉପନିଷଦ, ବେଦାନ୍ତ ମଣିଷକୁ କେବଳ ଆହାର, ନିଦ୍ରା, ମୈଥୁନର ଜୀବ ଭାବରେ ଦେଖିନାହିଁ ବରଂ ମହାଚେତନାର ଅଂଶ ଭାବେ ପ୍ରମାଣିତ କରିଛି ଯାହା ଏହି ଭୌତିକ ଜଗତକୁ ଅତିକ୍ରମ କରିବାର ସାମର୍ଥ୍ୟ ରଖିଛି। ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ି ଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

କଟକ
ମୋ : ୯୪୩୭୧୬୩୫୨୮,

## ସ୍କାଉଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚନ୍ଦ୍ରଭାଗା ସମୁଦ୍ର ତଟ ସଫେଇ



କୋଣାର୍କ,୨୦।୯ (ନିପ୍ର); କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ସମୁଦ୍ରତଟ ବେଳାଭୂମିକୁ ପୁରୀ ଜିଲ୍ଲା ସ୍କାଉଟ୍ ଗାଇଡ ପକ୍ଷରୁ ସମୁଦ୍ରତଟ ସଫେଇ ସପ୍ତାହ ଅବସରରେ ଏକ ମେଗା ସଫେଇ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ, ଏସଏସଡି ହାଇସ୍କୁଲ, କୋଣାର୍କ ଉଚ୍ଚ ବିଦ୍ୟାଳୟ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, ନାରାୟଣୀ ବିଦ୍ୟାପୀଠ, ନିର୍ଗୁଣ୍ଡି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସ୍କାଉଟର ଶତାଧିକ ଛାତ୍ର ମାନେ ବେଳାଭୂମି ସଫେଇ କରିବା ସହ ପର୍ଯ୍ୟଟକମାନଙ୍କୁ ସଚେତନତା କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀଙ୍କ ନିର୍ଦ୍ଦେଶ ମତେ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ଶିକ୍ଷକ ଭାଗିରଥି ପାଇକରାୟ, ମାନସ କୁମାର ମୁଦୁଲି , ଲୋକନାଥ ବେହେରା, ଭବଦୀପ୍ତ ଲେଙ୍କା, ଆଭାସ ମୁଦୁଲି, ଲୋକନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

ବାଲିଚନ୍ଦ୍ରପୁର,୨୦।୯ (ନିପ୍ର): ଗତ ବର୍ଷକ ତଳେ ବିବାହ କରିଥିବା ଜଣେ ମହିଳାଙ୍କର ମୃତ ଦେହ ତାଙ୍କ ଶାଶୁ ଘର ନିକଟସ୍ଥ ଏକ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି । ତେବେ ଖବର ପାଇ ପୋଲିସ ମୃତ ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ମୋ ଝିଅକୁ ତାର ଶାଶୁ ଘର ଲୋକେ ହତ୍ୟା କରି ଗଛରେ ଝୁଲାଇ ଆତ୍ମହତ୍ୟା ରୂପ ଦେଉଛନ୍ତି ବୋଲି ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ସୂଚନା ମୁତାବକ ବରୀ-ରାମଚନ୍ଦ୍ର ପୁର ଥାନା ଅନ୍ତର୍ଗତ ଗମ୍ଭୁ ଗ୍ରାମର ରମେଶ ଚନ୍ଦ୍ର ମଲ୍ଲିକଙ୍କ ଝିଅ ଚିତାଲି ମଲ୍ଲିକ (୨୧) ଗତ ବର୍ଷକ ପୂର୍ବରୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲେଇ ଗ୍ରାମର ପିଣ୍ଟୁ ମଲ୍ଲିକଙ୍କୁ ବିବାହ କରିଥିଲେ । ତେବେ ସକାଳେ ଚିତାଲିଙ୍କ ମୃତଦେହ ଶାଶୁ ଘର ପାଖ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା । କୌଣସି କାରଣରୁ ଚିତାଲି ଆତ୍ମହତ୍ୟା କରିଥିବା ନେଇ ଶାଶୁ ଘର ଲୋକେ କହୁଥିବା ବେଳେ ମୋ ଝିଅକୁ ତା'ର ଶାଶୁ, ସ୍ୱାମୀ, ଯାଆ ଓ ଦେଢଶୁର ମିଶି ହତ୍ୟା କରି ପରେ ଗଛରେ ଝୁଲାଇ ଦେଇ ଆତ୍ମହତ୍ୟା ରୂପ ଦେଉଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବିବାହ ପର ଠାରୁ ମୋ ଝିଅକୁ ଶାଶୁ ଘର ଲୋକେ ନିର୍ଯାତନା ଦେବା ସହିତ ଜୀବନରୁ ମାରି ଦେବାକୁ ଧମକ ଦେଉଥାନ୍ତି ବୋଲି ରମେଶ ମଲ୍ଲିକ ଅଭିଯୋଗ କରିଛନ୍ତି । ଖବର ପାଇ ଥାନାଧିକାରୀ ସମରଜିତ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ସମ୍ବିତ ବେହେରା ମାଜିଷ୍ଟ୍ରେଟଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ ପୂର୍ବକ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଥାନା କେଶ ନମ୍ବର ୧୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

## ଦନ୍ତାହାତୀର ମୃତ୍ୟୁ ଘଟଣା , ଜଣେ ଗିରଫ

ଦେବଗଡ,୨୦।୯ (ନିପ୍ର); ଦେବଗଡ଼ ଜିଲ୍ଲା ରିଆମାଳ ବନାଞ୍ଚଳ ପଳସମା ସେକ୍ସନ କୋହ୍ଲବସା ପଞ୍ଚାୟତ ଅନ୍ତର୍ଗତ ଚିରଗୁଣିକୁଦର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିବା ଘଟଣାରେ ବନବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସେ ହେଲା ଚିରଗୁଣିକୁଦର ଗ୍ରାମର ପ୍ରାଣବନ୍ଧୁ କିସାନଙ୍କ ପୁଅ ଯାଦବ କିସାନ (୪୨) । ସୂଚନା ଅନୁସାରେ ଗତ ସେପ୍ଟେମ୍ବର ୧୨ ତାରିଖ ସକାଳୁ ଚିରଗୁଣିକୁଦର ନୁଆଁକଟା ଠାରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀ ମୃତ ହୋଇଥିଲା । ଡିଏଫଓ ରଶ୍ମି ଜି, ଏସିଏଫ୍ ସ୍ୱାଧିନତା ସାହାଣୀ, ରେଞ୍ଜର ନିରଞ୍ଜନ ଧରୁଆ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ସ୍ଥଳରେ ବନବିଭାଗ ସହ ସାଇଣ୍ଟିଫିକ୍ ଟିମ୍, ବିଦ୍ୟୁତ ବିଭାଗ, ପଶୁ ଚିକିତ୍ସାଳୟ ବିଭାଗ ମଧ୍ୟ ପହଞ୍ଚି ପରୀକ୍ଷା ନିରୀକ୍ଷା କରିଥିଲେ। ହାତୀର ଶୁଣ୍ଢରେ ବିଦ୍ୟୁତ୍ ଆଘାତ ଯୋଗୁଁ ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା ।ଏହା ପରେ ବନବିଭାଗ ପକ୍ଷରୁ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରାଯାଇ ଥିଲା । ପୂର୍ବରୁ ଅଭିଯୁକ୍ତ ଯାଦବ ବହୁ ଦିନ ହେଲା ବିଦ୍ୟୁତ୍ ତାର ବିଛାଇ ବାର୍ହା ଶିକାର କରୁ ଥିବା ଗାଁ ଲୋକଙ୍କ ପାଖରୁ ଜାଣିବାକୁ ପାଇଥିଲା ଓ ତଦନ୍ତ ଓ ସମସ୍ତ ସାକ୍ଷ୍ୟ ପ୍ରମାଣ ପାଇ ଡିଏଫଓ ଅଫିସରୁ ଏକ ସ୍ୱତନ୍ତ୍ର ଡିଭିଜନାଲ ମୋବାଇଲ ଟିମ ଉକ୍ତ ଗ୍ରାମକୁ ଯାଇ ଯାଦବକୁ ଗିରଫ କରିଥିଲେ ଓ ତାର ସାଥୀମାନେ ଫେରାର ଥିବା ବନବିଭାଗ ସୂଚନା ଦେଇଛି । ଯାଦବ କିସାନ ନିଜ ଦୋଷ ସ୍ୱୀକାର କରିବା ସହ ଉକ୍ତ କାଣ୍ଡ ଘଟାଇ ଥିବା ମାନିବାରୁ ତାକୁ କୋର୍ଟ ଚାଲାଣ କରାଯାଇଛି ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟି ଯୁଦ୍ଧ ପ୍ରତିଯୋଗିତା ସରିଲା

ପୁରୀ,୨୦।୯ (ନିପ୍ର): ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ଦୀର୍ଘ ତିନି ଦିନ ଧରି ଚାଲିଥିବା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ମୁଷ୍ଟି ଯୁଦ୍ଧ, ବ୍ୟାୟାମ ବିଦ୍ୟା ଓ ମାଲ୍ ଖମ୍ବ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଅଛି । ଏଥିରେ ସାରା ରାଜ୍ୟରୁ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ୬୦ରୁ ଅଧିକ ପ୍ରଶିକ୍ଷକ ଓ ଅଫିସିଆଲ୍ ଯୋଗଦାନ କରିଥିଲେ । କ୍ରୀଡ଼ାବିତ୍ ଗଣ ବିଭିନ୍ନ କ୍ରୀଡ଼ାରେ ନିଜ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ । ବ୍ୟାୟାମ ବିଦ୍ୟା ( ଜିମ୍ନାଷ୍ଟିକ୍) ରେ ପୁରୀ ଜିଲ୍ଲା ଚାମ୍ପିଅନ ଓ ଭୁବନେଶ୍ୱର ରନର୍ସପ୍ , ମୁଷ୍ଟି ଯୁଦ୍ଧ ( ବକ୍ସିଙ୍ଗ୍) ରେ ଗଞ୍ଜାମ ଜିଲ୍ଲା ଚାମ୍ପିଅନ ଓ ପୁରୀ ଜିଲ୍ଲା ରନର୍ସପ୍ ଓ ମାଲ୍ ଖମ୍ବରେ ପୁରୀ ଜିଲ୍ଲା ଚାମ୍ପିଅନ ହୋଇ ସମଗ୍ର ରାଜ୍ୟରେ ନିଜ ନିଜ ଜିଲ୍ଲାର ଗୈାରବ ବୃଦ୍ଧି କରି ପାରିଛନ୍ତି ।ଏହି ଉଦ୍ ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ ଯୋଗଦାନ କରି କ୍ରୀଡ଼ାବିତ୍ ମାନେ ନିଜର ଅଭ୍ୟାସ ଜାରି ରଖିଲେ ନିଶ୍ଚିତ ଭାବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ନିଜ ଜିଲ୍ଲାର ତଥା ରାଜ୍ୟର ସମ୍ମାନ କରିପାରିବେ ଓ ଏଥିପାଇଁ ପ୍ରଶିକ୍ଷକମାନଙ୍କ ନିର୍ଦ୍ଦେଶ, ପ୍ରଶିକ୍ଷଣ ନିୟମ ଓ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରିବା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ସନ୍ତୋଷ କୁମାର ପରିଡ଼ା, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କୁନି କୁନି କ୍ରୀଡ଼ାବିତ୍‌ମାନଙ୍କୁ ନିଜ ନିଜର ବକ୍ତବ୍ୟ ଦ୍ୱାରା ଉତ୍ସାହିତ କରିଥିଲେ ।

## 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ପର୍କିତ ଆଲୋଚନାଚକ୍ର

ବଡସାହି,୨୦।୯ (ନିପ୍ର): କେନ୍ଦ୍ର ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଓ ରାଜ୍ୟ ସରକାରଙ୍କ ସହଯୋଗରେ ବିଜେପି ପକ୍ଷରୁ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗତ ରାଜ୍ୟ ବିଧାନସଭାରେ ଯେଉଁ ଯୁବ ପ୍ରତିଭାମାନଙ୍କୁ ନେଇ ବିକଶିତ ଭାରତ ଯୁବ ସଂସଦ–୨୦୨୫ ଅନୁଷ୍ଠିତ ହୋଇଥିଲା । ସେମାନେ ରାଜ୍ୟ ବିଧାନସଭାରେ 'ବିକଶିତ ଭାରତ' ପାଇଁ ସେମାନଙ୍କ ପରିକଳ୍ପନା ସମ୍ପର୍କରେ ଅଭିମତ ରଖଥିଲେ । ସେମାନଙ୍କ ମଧ୍ୟରୁ ଉତ୍ତର ଓଡିଶାରୁ ମାତ୍ର ଜଣେ ଯିଏକି ମୟୁରଭାଂଜ ଜିଲ୍ଲା ବଡସାହି ଅଂଚଳର ଅଭିଷେକ ମହାନ୍ତି ଏହି ଆଲୋଚନା ଚକ୍ରରେ ଯୋଗ ଦେଇ ନିଜର ଅଭିମତ ରଖି ଚର୍ଚ୍ଚାରେ ରହିଛନ୍ତି । ସେ ହେଉଛନ୍ତି, କୋଚିଲାଖୁଣ୍ଟା ପଂଚାୟତ ପାଇକପଡା ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ସଂଯୁକ୍ତା ମହାନ୍ତିଙ୍କ ସୁପୁତ୍ର କୁମାର ଅଭିଷେକ ମହାନ୍ତି । ସେ ଜଣେ ଭଲ ଛାତ୍ର ହେଇଥିବା ବେଳେ ବର୍ତ୍ତମାନ ଏମବିବିଏସର ଶେଷ ବର୍ଷର ଛାତ୍ର ବୋଲି ଜଣାଯାଇଛି । କିପରି 'ଏକ ରାଷ୍ଟ୍ର ଏକ ନିର୍ବାଚନ' ହେଲେ ଲକ୍ଷଲକ୍ଷ କୋଟି ଟଙ୍କାର ଅପଚୟକୁ ରୋକାଯାଇପାରିବ, ଏହା ଦେଶ ବିକାଶ ତଥା ସମୃଦ୍ଧିକୁ ଆଗକୁ ବଢ଼ିବାରେ ସହାୟତା କରିବ। ଫଳରେ ଏହା ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବାରେ ସହାୟକ ହେବା ସହିତ ଶକ୍ତିଶାଳୀ, ସ୍ଥିର ଓ ସମୃଦ୍ଧ ଭାରତ ତିଆରି ହୋଇ ପାରିବ ସେ ସମ୍ପର୍କରେ ନିଜର ମତ ରଖିଛନ୍ତି।

## 'ଇଣ୍ଟରନେଟ ଯୁଗରେ ଯୁବପିଢ଼ି ସାହିତ୍ୟ ପ୍ରତି ବିତୃଷ୍ଣ'

ରମ୍ଭା,୨୦।୯(ନିପ୍ର):ସାନ ରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନସ୍ଥ ମଧୁରଚୁଆ ମଣିଶଙ୍କର ଶୈବ ପୀଠ ପରିସରରେ ଭୁବନୀ ଯୁଝାର ସିଂହ ସ୍ମୃତି ସଂସଦ ଆନୁକୂଲ୍ୟରେ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ବହୁ ପୁରାତନ ୩ ପୁସ୍ତକ ଉନ୍ମୋଚନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବ ପ୍ରସ୍ତୁତିକ୍ରମେ ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ ପାଣ୍ଡୁଲିପିକୁ ସଂଗ୍ରହ ଓ ସଂଯୋଜନା ଡ଼. ରବୀନ୍ଦ୍ର କୁମାର ନାୟକଙ୍କ ଦ୍ୱାରା କରାଯାଇଥିବା ବେଳେ ଅନେକ ପୁସ୍ତକ ଝରା ଶେଫାଳି ରଚିତ ସବିତା ରାଣୀ ରଥ ଓ ପ୍ରକାଶକ ବିଶ୍ୱନାଥ ରଥଙ୍କ ମଧ୍ୟ ପୁସ୍ତକ ଉନ୍ମୋଚନ ହୋଇଥିଲା । ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ଉପାୟରେ ମଞ୍ଚାସୀନ ଓ ଉପସ୍ଥିତ ବ୍ୟକ୍ତି ମାନଙ୍କୁ କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ ଇଣ୍ଟରନେଟ ଯୁଗରେ ୟୁଟୁବ,ଇନ୍‌ଷ୍ଟ୍ରିଗ୍ରାମ, ଫେସବୁକରେ ମସଗୁଲ ରହି ଯୁବପିଢ଼ି ସାହିତ୍ୟ ଆଗ୍ରହ ପ୍ରତି କମିଗଲାଣି। ତତସହିତ ବହିର ଦାମ ୧୫ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ତାକୁ ୧୫୦ ଟଙ୍କାରେ ବିକ୍ରି କରୁଥିବା ଦ୍ୱାରା ମାସିକ ସମାଲୋଚକ ଘଡଘଡିର ସମ୍ପାଦକ ଯୁକ୍ତି ବାଢିବା ସହ ସାହିତ୍ୟାନୁଗୀ ମାନଙ୍କ ମଧ୍ୟରେ ଆଗ୍ରହ କମୁଛି। କବି ଓ କବିତା ମାଧ୍ୟମରେ ଯୁବ ପିଢ଼ିଙ୍କୁ ଯେତିକି ସଚେତନତା ସୃଷ୍ଟି କରୁଛି ସମପରିମାଣରେ ବିପଦଗାମୀ ପାଇଁ ଅତିଶୀଘ୍ର ଆପଣାଉଛି । ଏପରିକି ମୋବାଇଲ ମାଧମରେ ବାଲ୍ୟ, ବିଧବା, ପ୍ରିୟାପ୍ରୀତି ତୋଷଣ ସହିତ ଅନେକ କାର୍ଯ୍ୟକ୍ରମ ଅକ୍ଳେଶରେ ସୃଷ୍ଟି ହୋଇପାରୁଛି। ଆୟୋଜିତ ମଞ୍ଚରେ ଦକ୍ଷିଣ ଓଡିଶା ସାହିତ୍ୟ ମହାସଚିବ ଦଣ୍ଡପାଣି ମହାପାତ୍ର , ପୁରୀ ଜଗନ୍ନାଥ ସଂସ୍କୃତି ଗବେଷକ ଦୁର୍ଗାପ୍ରସାଦ ଦାଶ , ପୁରୀ ନୀଳାଞ୍ଚଳ ସଂସ୍କୃତି ପରିଷଦ ପୂର୍ଣ୍ଣଚନ୍ଦ୍ର ବେହେରା, ସୁବାଷ ଚନ୍ଦ୍ର ପଣ୍ଡା, ଡ଼. ଲକ୍ଷ୍ମୀନାରାୟଣ ପଣ୍ଡା,ବାନାମ୍ବର ପଲେଇ ଏବଂ ଉପସ୍ଥାପକ ଭାବେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ରମ୍ଭା ଅଧକ୍ଷ ଅଭିମନ୍ୟୁ ସାହୁ, ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ସ୍ମୃତି ସମ୍ମାନ ପାଇଛନ୍ତି ଡ଼. ରବୀନ୍ଦ୍ର କୁମାର ନାୟକ, କେଳୁ ଚରଣ ନାହାକ, ଲକ୍ଷ୍ମଣ ନାହାକ ଏବଂ ସହଯୋଗରେ ବିଜୟ କୁମାର ନାୟକ, ହରି ଶଙ୍କର ନାୟକ, ରତ୍ନାକର ନାହାକ,ରାମଚନ୍ଦ୍ର ନାୟକ, ଉପେନ୍ଦ୍ର ନାହାକ, ରଞ୍ଜିତ ନାହାକ, ପ୍ରକାଶ ଚନ୍ଦ୍ର ନାହାକ,ଭୁବନୀ ଯୁଝାର ସିଂହ ସ୍ମୃତି ସଂସଦ ପାରିବାରବର୍ଗ ଏବଂ ମଧୁରଚୁଆ ଗ୍ରାମବାସୀବୃନ୍ଦ ଶିବିର ପରିଚାଳନା କରିଥିଲେ।

## ଶିଶୁ ଚାଲାଣ ବିରୋଧରେ ଗୋଷ୍ଠୀ ସଚେତନତା

ପାରଳାଖେମୁଣ୍ଡି,୨୦।୯ (ନିପ୍ର): ଗଜପତି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଗଜପତି ତରଫରୁ ଆତାରସିଙ୍ଗ ପଞ୍ଚାୟତର , ନୂଆଗଡ ବ୍ଲକ ଓ ରାମଗିରି ପଞ୍ଚାୟତ ,ଆର। ଉଦୟଗିର ବ୍ଲକ ଠାରେ ଶିଶୁ ଚାଲାଣ ବିରୋଧରେ ଗୋଷ୍ଠୀ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୂଆଗଡ ବ୍ଲକର ତିନୋଟି ପଞ୍ଚାୟତର ବାସିନ୍ଦା ଯଥା କ୍ରମେ – ତାବରଡା, ପୁତ୍ତୁରୁପଡା ଓ ଆତାରସିଙ୍ଗରୁ ପ୍ରାୟ ୩୦୦ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ଏବଂ ଆର। ଉଦୟଗିର ବ୍ଲକର ତିନୋଟି ପଞ୍ଚାୟତର ବାସିନ୍ଦା ଯଥା କ୍ରମେ- ରାମଗିରି , ତାବରସିଙ୍ଗ ଓ ଅନଘା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପ୍ରାୟ ୨୦୦ ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯକ୍ରମର ଉଦ୍ଦେଶ୍ୟ ହେଲା ଶିଶୁମାନଙ୍କର ଚାଲାଣକୁ ବିରୋଧ କରିବା ସହିତ ସେମାନଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଚଳିତ ସମସ୍ତ ଯୋଜନା ସମ୍ପର୍କରେ ଅବଗତ କରାଇବା ଓ ସେମାନଙ୍କୁ ସମାଜର ସ୍ୱତନ୍ତ୍ର ପରିଚୟ ଦେଇ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ କରିବା । କୌଣସି ଶିଶୁ ଯେପରି ତାଙ୍କର ଅଧିକାରରୁ ବଞ୍ଚିତ ନହୁଏ କିମ୍ବା ବିପଦ ସଙ୍କୁଳ ପରିବେଶକୁ ଚାଲି ନ ଯାଏ ସେଥି ନିମନ୍ତେ ଜିଲ୍ଲା ଶିଶୁସୁରକ୍ଷା ୟୁନିଟ୍ ତରଫରୁ ସମସ୍ତ ସୁବିଧା ଯୋଗାଇବା ପାଇଁ ଆଲୋଚନା କରାଯାଇଥିଲ। ଆତାରସିଙ୍ଗ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଆର. ଉଦୟଗିରି ଇନ୍‌ସପେକ୍ଟର ସ୍ୱପ୍ନରାଣୀ ବେହେରା , ନୂଆଗଡ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରାଜେଶ୍ୱରୀ ପାତ୍ର , ସମିତି ସଭ୍ୟା ରତାନି ରାଇକା , ଆତାରସିଙ୍ଗ ପଞ୍ଚାୟତର ସରପଞ୍ଚ ଜୀବନୀ ଗମଙ୍ଗୋ ,ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ସହ ସମସ୍ତ ୱାର୍ଡର ୱାର୍ଡମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଉରକେଲାରେ ହେବ ନୂତନ ଶିଳ୍ପାଞ୍ଚଳ : ଶିଳ୍ପମନ୍ତ୍ରୀ

ରାଉରକେଲା,୨୦।୯ (ନିପ୍ର): ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳର ବିକାଶକୁ ଅଧିକ ଗତିଶୀଳ ତଥା ଜିଲ୍ଲାରେ ବେକାରି ସମସ୍ୟା ଦୂର କରିବା ନିମିତ୍ତ ଦ୍ୱିତୀୟ ଶିଳ୍ପାଞ୍ଚଳର ପ୍ରତିଷ୍ଠା ନିତାନ୍ତ ଆବଶ୍ୟକତା ରହିଛି । ଏ ନେଇ ଦୀର୍ଘ ଦିନରୁ ଦାବି ହୋଇଆସୁଛି । ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପ୍ରସ୍ତାବ ପ୍ରସଙ୍ଗରେ କାଲି ବିଧାନସଭା ପ୍ରଶ୍ନୋତ୍ତର କାଳରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ବାଚସ୍ପତିଙ୍କ ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ଉତ୍ତରରେ କହିଥିଲେ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଇଡ୍‌କୋ ମାଧ୍ୟମରେ ରାଉରକେଲା ନିକଟସ୍ଥ ରିଙ୍ଗ ଗ୍ରାମରେ ମୋଟ ୯୪.୪୫୦ଏକର ଜମି ଅଧିଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ୫୪.୦୬୦ଏକର ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ପାଇଁ ସମସ୍ତ ପ୍ରକାରର ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ସରିଛି। ଅବଶିଷ୍ଟ ୩୯.୪୮ଏକର ଜମି ଇଡ୍‌କୋ ଆବଶ୍ୟକ ?ତା ଅନୁସାରେ ଆବେଦନକାରୀ, ଶିଳ୍ପପତି ତଥା ଆବେଦକଙ୍କ ଦରଖାସ୍ତର ତର୍ଜମା କରି ଜମି ବଣ୍ଟନ ଯୋଜନା ପ୍ରସ୍ତୁତ କରିବା ପାଇଁ ରହିଛି। ଏଠାରେ ସୂଚନା ଯୋଗ୍ୟ ଯେ, ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁ ଦିନରୁ ଦାବି ହୋଇଆସୁଥିଲା। ଶିଳ୍ପ ପ୍ରତିଷ୍ଠା ହେଲେ ଅଞ୍ଚଳର ବିକାଶ ହେବା ସହିତ ଜିଲ୍ଲାରେ ବେକାରି ସମସ୍ୟା ଦୂର ହୋଇପାରିବ।

## ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରେ ଦୁର୍ନୀତି ନେଇ ତଦନ୍ତ



ଧାମନଗର,୨୦।୯ (ନିପ୍ର): ଦୀର୍ଘ ବର୍ଷ ଧରି ଧାମନଗର ବ୍ଲକ ଶ୍ରୀଜଗନ୍ନାଥ ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକଙ୍କ ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାର ଦୁର୍ନୀତିକୁ ନେଇ ଓଡ଼ିଶା ସମବାୟମନ୍ତ୍ରୀ , ଉଚ୍ଚଶିକ୍ଷାମନ୍ତ୍ରୀ, ଆରସିଏସ ଭୁବନେଶ୍ୱର, ଜିଲ୍ଲାପାଳ ଭଦ୍ରକ,ଡି ଆର ସି ଏସ / ଏ ଆର ସି ଏସ ଭଦ୍ରକ,ଏବଂ ସେକ୍ରେଟାରୀ ବିବିସିସିବି ବାଲେଶ୍ୱର ପ୍ରମୁଖଙ୍କ ଗତ ୫/୧୨/୨୪ ରେ ସ୍ଥାନୀୟ ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଓଡ଼ିଶା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମବାୟ ସମିତି ନିବନ୍ଧକ ଭୁବନେଶ୍ୱର

### ଏକପାଖିଆ ତଦନ୍ତ ହେବା ନେଇ ଅଭିଯୋଗ

ବିଭାଗୀୟ ଅଧିକାରୀଙ୍କୁ ଦୁର୍ନୀତି ବିରୋଧରେ ତଦନ୍ତ କରିବା ପାଇଁ ଚିଠି ନଂ ୧୩୪୪୨/ ୧୫/୭/୨୫ ରେ ଆଦେଶ ଦେଇଥିଲେ ।ଉକ୍ତ ଆଦେଶ ମୁତାବକ ପ୍ରଥମେ ୨୪/୮/୨୫ ରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା ।ହେଲେ ଭାରପ୍ରାପ୍ତ ସମ୍ପାଦକ ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ନ ପାରିନଥିଲେ। ହେଲେ ତଦନ୍ତ କରିବାକୁ ପରବର୍ତ୍ତୀ ସମୟ ୩/୯/୨୫ ଓ ୧୧/୯/୨୫ ରହି ଦୁଇଟି ତାରିଖରେ ଧାର୍ଯ୍ୟ ହୋଇଥିଲା ବେଳେ ସମ୍ପାଦକ ନିଜର ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଛୁଟିରେ ଥିଲେ। ପରେ ତଦନ୍ତ କାରୀ ଅଧିକାରୀ ୧୯/୯/୨୫ ଶୁକ୍ରବାର ତଦନ୍ତ ହେବାକୁ ସ୍ଥିର ହୋଇଥିଲା। ସମ୍ପାଦକ ଚାଷୀଙ୍କ ଋଣ ପାସ ବହି ରଖିବା , ଋଣ ସମୟରେ ବ୍ଲାଙ୍କ ଚେକ୍‌ରେ ଆଗୁଆ ଦସ୍ତଖତ କରାଇ ଓ ଏସବୁ କୁ ନିଜ ପାଖରେ ରଖିବା,ବର୍ଷ ୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ ସମିତି ବିଭିନ୍ନ ସମୟରେ ପାଇଥିବା କୃଷି ଶସ୍ୟ ବୀମାରେ ଲକ୍ଷାଧିକ ଟଙ୍କା ହେରଫେର କରିବା ,ବର୍ଷ ୨୦୧୫ରୁ ସମିତିରେ ସାଧାରଣ ସଭା ନକରିବା , ଧାନ କ୍ରୟ ସମୟରେ ସରକାର ସମିତିକୁ ଦେଉଥିବା ମଣ୍ଡି ଚାର୍ଜ ଅର୍ଥକୁ ହଡ଼ପ କରିବା, ଋଣ ରେ ଅସମାନତା ଯୋଗୁଁ ଧାରା ୬୫ ଅନୁଯାୟୀ ଅଡିଟ କରିବା, କ୍ରପ ଇନ୍ସୁରାନ୍ସ ବୀମା ଡ଼ିପୋଜିଟ ରେ ଚାଷୀଙ୍କ ଟଙ୍କା ହେରଫେର ଆଦି ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲା ସହକାରୀ ସମବାୟ ନିବନ୍ଧକ ପ୍ରାଚିତା ଜେନା, ଉପ ସହକାରୀ ସମବାୟ ନିବନ୍ଧକ ବାବାଜୀ ମଲ୍ଲିକ ଓ ବସନ୍ତ କୁମାର ରଣା,ଜୋନାଲ ଅଫିସର ବିବିସିସିବି ଭଦ୍ରକ ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଶ୍ରୀଜଗନ୍ନାଥ ସମିତି ପରିସରରେ ଉପସ୍ଥିତ ରହି ତଦନ୍ତ କରିଥିଲେ। ଦୀର୍ଘ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ତଦନ୍ତ ହୋଇଥିଲେ ମଧ ତଦନ୍ତ କାରୀ ଅଫିସର , ଯେଉଁ ଅଭିଯୋଗ ହୋଇଥିଲା ଅଳ୍ପ କେତୋଟି କୁ ତଦନ୍ତ କରିଥିଲେ ମଧ ଅନ୍ୟ ସମସ୍ତ ଅଭିଯୋଗକୁ ସଠିକ ଭାବେ ତଦନ୍ତ ନକରି ନିଜ ମନଇଚ୍ଛା ଭାବେ ତଦନ୍ତ କରି ଫେରିଗଲେ ବୋଲି ଅଭିଯୋଗ ହେଉଛି। ଯାହାକି ଉକ୍ତ ତଦନ୍ତ ରେ ଆମ୍ଭେମାନେ ଅସନ୍ତୁଷ୍ଟ ଓ ସନ୍ଦେହ କରୁଛୁ ବୋଲି ଅଭିଯୋଗକାରୀ ତ୍ରିଲୋଚନ ନାୟକ, କପିଳେନ୍ଦ୍ର ବଳ,ଶଙ୍କର୍ଷଣ ଜେନା,ଗଦାଧର ଖୁଣ୍ଟିଆ ପ୍ରମୁଖ କହିଥିଲେ ।ଅପରପକ୍ଷେ ଭାରପ୍ରାପ୍ତ ସମ୍ପାଦକ କହିଛନ୍ତି ସମସ୍ତ ଅଭିଯୋଗ ସଠିକ୍ ଭାଇ ତଦନ୍ତ କରାଯାଇଛି । ଅନ୍ୟପକ୍ଷେ ଉପ ସହକାରୀ ସମବାୟ ନିବନ୍ଧକ ଶ୍ରୀ ରଣା କହିଛନ୍ତି ସମସ୍ତ ଅଭିଯୋଗ ସଠିକ୍ ତଦନ୍ତ ହୋଇଛି, ଅଭିଯୋଗରେ ଏକପାଖିଆ ତଦନ୍ତକୁ ଖଣ୍ଡନ କରିବା ସହ ଆଗାମୀ ଦିନରେ ତଦନ୍ତ ଫଳାଫଳକୁ ନେଇ ସହକାରୀ ଉପ ନିବନ୍ଧକ ସୂଚନା ଦେବେ।

## କଲେଜ ଛାତ୍ରୀଙ୍କୁ ଏସିଡ ମାଡ଼ ଧମକ

ପିପିଲ,୨୦।୯(ନିପ୍ର):ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଘଟଣା ଚର୍ଚ୍ଚାରେ ଥିବା ବେଳେ ଏବେ ପିପିଲିରେ ଆଉ ଏକ ଘଟଣାକୁ ପୋଲିସ ଚପାଇ ରଖିଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ହେଲାଣି ଚର୍ଚ୍ଚା। ପିପିଲି ଥାନା ଅଧୀନ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନରେ ଥିବା ପୁବାଶାସନ ଏକ ହାଏର ସେକେଣ୍ଡାରୀ ବିଦ୍ୟାଳୟରେ ଜଣେ ପ୍ରଥମ ବର୍ଷ ଛାତ୍ରୀକୁ ଜଣେ ଅସାମାଜିକ ଯୁବକ ଏସିଡ ମାଡ଼ କରିବା ଧମକ ଦେବା ସହ ଅଶ୍ଳୀଳ ଭାଷା ଗାଳି ଗୁଲଜ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେଶ ନଂ ୫୭୩/୨୫ ମାମଲା ଆଗତ କରି ଅଛି। ମାମଲା ଆଗତ ହୋଇ ଥିଲେ ମଧ ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି। ଯାହାକୁ ନେଇ ଅନେକ ପ୍ରଶ୍ନ ଉଠିଲାଣି।

## ପରିବା ବ୍ୟବସାୟ ପାଇଁ ସ୍ଥାନ ଚିହ୍ନଟ

ରାୟଗଡ଼ା,୨୦।୯ (ନିପ୍ର): ପରିବା ବ୍ୟବସାୟ ପାଇଁ ରାୟଗଡ଼ ପୌର ପରିଷଦ ଦ୍ୱାରା ସ୍ଥାନ ଚିହ୍ନଟ ହୋଇଛି। ରାୟଗଡ଼ ନୂତନ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ଫ୍ଲାଏ ଓଭର ବ୍ରିଜ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ ଖୁବଶୀଘ୍ର ଜାତୀୟ ରାଜପଥ ବିଭାଗ ଦ୍ୱାରା ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯିବ । ସେଥିପାଇଁ ଓଭର ବ୍ରିଜ ତଳେ କୌଣସି ପ୍ରକାର ବ୍ୟବସାୟ ନ କରିବା ପାଇଁ ଉଠା ଦୋକାନୀ ମାନଙ୍କୁ ପୌର ପରିଷଦ ଦ୍ୱାରା ଅବଗତ କରାଯାଇଛି । ଏବଂ ସେମାନଙ୍କ ସୁବିଧା ତଥା ଜୀବିକା ବଜାୟ ରଖିବା ପାଇଁ ରାୟଗଡ଼ ପୌର ପରିଷଦ ଦ୍ୱାରା ଦୁଇଟି ସ୍ଥାନ ଚିହ୍ନଟ କରାଯାଇଛି ଯଥା ୧. ଆର. କେ ନଗର ଠାରୁ କେନ୍ଦ୍ରୀୟ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ଭାଗରେ ଥିବା ଖାଲି ସ୍ଥାନ ଏବଂ ୨. ବହୁ ପୂର୍ବରୁ ନିର୍ମିତ କସ୍ତୁରୀ ନଗର ମାର୍କେଟ କମ୍ପ୍ଲେକ୍ସ ଯାହାକୁ ପରିବା ବିକ୍ରି କରିବା ପାଇଁ ଆବଶ୍ୟକ ମରାମତି କାର୍ଯ୍ୟ ସଂପୂର୍ଣ୍ଣ କରାଯାଇ ଅଛି । ଏଥି ସହିତ ନିୟନ୍ତ୍ରିତ ବଜାର କମିଟି ଠାରେ ମଧ ପରିବା ବିକ୍ରୟ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇ ଅଛି । ପରିଷଦ ଦ୍ୱାରା ଚିହ୍ନଟ କରାଯାଇ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ସମସ୍ତ ପରିବା ବ୍ୟବସାୟୀ ନିଜର ଦୈନନ୍ଦିନ ବ୍ୟବସାୟ ଆରମ୍ଭ କରିବା ପାଇଁ ତଥା ଓଭର ବ୍ରିଜ କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ସହଯୋଗ କରିବା ପାଇଁ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ଜନ ସାଧାରଣ ତଥା ପରିବା ବ୍ୟବସାୟୀ ମାନଙ୍କୁ ଅନୁରୋଧ କରିଛନ୍ତି ।

## ଭୂ-ଉତ୍ତରାଧିକାରୀ ନିୟମ ଉଲ୍ଲଙ୍ଘନ ବିରୋଧରେ ତେଜିଲେ ବ୍ଲକ ଆଦିବାସୀ ସମୂହ



ବଡ଼ସାହି,୨୦।୯ (ନିପ୍ର): ସ୍ଥାନୀୟ ବଡ଼ସାହି ଡ଼ାକ ବଙ୍ଗଳା ପରିସରରେ ବଡ଼ସାହି ବ୍ଲକ ଅନ୍ତର୍ଗତ ୨୧ ଗୋଟି ଗ୍ରାମପଞ୍ଚାୟତର ଆଦିବାସୀ ନେତୃମଣ୍ଡଳୀଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଚାଲିଥିବା ଜମି ପଟ୍ଟାର ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀରେ ଆଲୋଚନା କରାଯାଇଥିଲା। ଆଦିବାସୀମାନଙ୍କର ପାରମ୍ପରିକ ପ୍ରଥାନୁଯାୟୀ ଆଦିବାସୀ ଝିଅମାନେ ଉତ୍ତରାଧିକାରୀ ରହି ପାରିବେ ନାହିଁ । କିନ୍ତୁ ଓଡ଼ିଶା ସରକାର ଏହି ନିୟମକୁ ଉଲ୍ଲଂଘନ କରୁଥିବାରୁ ଆଦିବାସୀ ତୁଙ୍ଗ ନେତୃବୃନ୍ଦ ବିରୋଧ କରିଛନ୍ତି । ଏହି ଅବସରରେ ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଆଦିବାସୀ ନେତୃମଣ୍ଡଳୀଙ୍କ ସହିତ କଥାବାର୍ତ୍ତା ସମୟରେ ସାଂସଦ ଅସନ୍ତୋଷ ଜନକ ଉତ୍ତର ଦେଇଥିବାରୁ କାରଣରୁ ଆଦିବାସୀ ସମାଜ ଅସନ୍ତୋଷ ପ୍ରକାଶ କରିଛନ୍ତି । ସାଂସଦ କହିଲେ ଯେ, କାଶ୍ମୀରର ୩୭୦ ଧାରା ଉଚ୍ଛେଦ ହେବା ଭଳି ଆଗାମୀ ଦିନରେ ଆଦିବାସୀମାନଙ୍କର ସମସ୍ତ ସାମ୍ବିଧାନିକ ଆଇନ ହୋଇପାରେ । ତେଣୁ ଆଦିବାସୀମାନେ ଅସନ୍ତୁଷ୍ଟ ହୋଇ ଭବିଷ୍ୟତରେ ଭୂଉତ୍ତରାଧିକାରୀ ନିୟମ ବିରୁଦ୍ଧରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ପାଇଁ ଅଣ୍ଟା ଭିଡିଛନ୍ତି ଆଦିବାସୀ ସମାଜ। ଏହି ଅବସରରେ ଦୁଲାରାମ ମୁର୍ମୁ , ପୂର୍ଣ୍ଣଚନ୍ଦ୍ର ହାଁସଦା, ଚୈତନ୍ୟ ସୋରେନ୍ , ବସନ୍ତ କୁମାର ସିଂ, ଚିନ୍ତାମଣି ଟୁଡୁ, ବୁଧିଆ ସିଂ ଏବଂ ଅନ୍ୟମାନେ ନେତୃତ୍ୱ ନେଇଥିଲେ ।

## 'ଯୋଗ ଦର୍ଶନ' ଉପରେ ଓଡ଼ିଆ ବିଭାଗରେ ପାଠଚକ୍ର

ପାରଳାଖେମୁଣ୍ଡି,୨୦।୯ (ନିପ୍ର): ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟ ପରିସରରେ ଓଡିଆ ବିଭାଗ ତରଫରୁ 'ଯୋଗ ଦର୍ଶନ' ସମ୍ବନ୍ଧରେ ପାଠଚକ୍ର ଓ ନବାଗତାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ପାଠଚକ୍ରରେ ଅଧକ୍ଷା ଡ଼ ରୀନା ସାହୁ ସଭାପତିତ୍ୱ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ରନାଥ ରଥ ହୋଇଥିବା ବେଳେ, ସମ୍ମାନିତ ଅତିଥି ଆଶାଲତା ପାଣିଗ୍ରାହୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପରେ ତୃତୀୟ ବର୍ଷ କଳା ଛାତ୍ରୀ କଳ୍ପନା ନାଗବଂଶ ଅତିଥି ଆବହନ କରିବା ସହ, ଅଧକ୍ଷା ଓ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ, ଅତିଥିମାନଙ୍କୁ ଅଧକ୍ଷାଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭିକ ସଂଗୀତରେ ଦ୍ୱିତୀୟ ବର୍ଷ ଛାତ୍ରୀ, ସରୋଜିନୀ ଶବର, ମଞ୍ଜୁ ଶବର, ବିନିତା ଭୂୟାଁ, ମନୀଷା ଗମାଙ୍ଗ, ମମିତା ମାଝି ଭାଗ ନେଇଥିଲେ । ଅତିଥି ପରିଚୟ ଏମ୍. ଅଞ୍ଜଳି ପ୍ରଦାନ କରିଥିବା ବେଳେ ଛାତ୍ରୀ ତ୍ରୟ କଳ୍ପନା ନାଗବଂଶ, ସରିତା ରାଇକା, ଡଳିରାଣୀ ଦେବୀ ପାଠଚକ୍ରରେ ପଠନ କରିଥିଲେ । ଅଧକ୍ଷା ତାଙ୍କ ଅଭିଭାଷଣରେ କହିଥିଲେ ଯୋଗ ଦର୍ଶନ କଣ ଏହା ଆରମ୍ଭ କିପରି ହେଇଥିଲା ଏବଂ ଯୋଗ ଦର୍ଶନର ବାରଟି ଅଧାୟ ଓ ସାଂଖ୍ୟରେ ପଚିଶଟି ତତ୍ତ୍ୱ ତା ସହ ଯମ, ନିୟମ, ଆସନ, ପ୍ରଣୟନ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି ଆଠଟି ଉପାୟରେ ଯୋଗ ଦ୍ୱାରା ସମସ୍ତ ବାଧା ଦୂର କରାଯାଏ ବୋଲି କରାଯାଏ । ତା ସହ ନାଭିଚକ୍ର, ସୁଷୁମ୍ନାକାଣ୍ଡ, ଇଡା, ପିଙ୍ଗଳା ଛଅଟି ଚକ୍ର ଓ କୁଣ୍ଡଳିନୀ ନାଡୀ, ବୃହରନ୍ଧ୍ର ଉପରେ ଆଲୋଚନା କରିଥିଲେ । ତତ୍‌ସଙ୍ଗେ ମହାପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମ୍ମାନିତ ଅତିଥି ଆଶାଲତା ପାଣିଗ୍ରାହୀ ନାରୀ ଯୋଗଗୁରୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଯୋଗ ଅଭ୍ୟାସ ଶରୀର ଓ ମନ, ବର୍ମ, ବିଚାର ତଥା ମାନବ ପ୍ରକୃତି ମଧ୍ୟରେ ସନ୍ତୁଳିତ ସ୍ଥାପିତ ହୋଇଥାଏ। ଯୋଗ ଦ୍ୱାରା କିପରି ଶରୀର ଓ ମାନସିକ ସ୍ତରରେ ଉନ୍ନତି ହୋଇଥାଏ ଏବଂ ସୁସ୍ଥ ଜୀବନ ଯାପନ କରିଥାଏ । ଏବଂ କହିଥିଲେ ଯୋଗ ଅନଲାଇନ ମାଧ୍ୟମରେ କିପରି ଶିକ୍ଷା ଦିଆଯାଏ ସେ ସଂପର୍କରେ ଆଲୋକପାତ କରିଥିଲେ । ଏହି ପାଠଚକ୍ରରେ ଶ୍ରୀମତୀ ପାଣିଗ୍ରାହୀ 'ଯୋଗସନ୍ଦର୍ଶିକା', 'ପ୍ରାଣାୟମ ରହସ୍ୟ', 'ଔଷଧ ଦର୍ଶନ', ପୁସ୍ତକ ଛାତ୍ରୀମାନଙ୍କୁ ବଣ୍ଟନ କରିଥିଲେ । ପାଠଚକ୍ରରେ ମୁଖ୍ୟ ଅତିଥି ସୁରେନ୍ଦ୍ରନାଥ ରଥ ଜିଲ୍ଲା ପ୍ରଭାରୀ ଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଯେ ଯୋଗ ହେଉଛି ଭାରତୀୟ ପରମ୍ପରା ଓ ସଂସ୍କୃତିର ଅମୂଲ୍ୟ ବରଦାନ ଅଟେ । ଯୋଗ ବ୍ୟାୟାମ ଦ୍ୱାରା ଆମ ଭିତରେ ସଚେତନତା ସୃଷ୍ଟି କରିଥିଲେ । ତା ସହ ଯୋଗ ଦର୍ଶନର ଚାରଟି ପାଦ, ପାଦରେ କେତୋଟି ସୂତ୍ର ସହ ସମାଧି ପାଦ, ସାଧନ ପାଦ, ବିଭୂତି ପାଦ, କୈବଲ୍ୟ ପାଦ ଓ ହେୟର ଅଭିପ୍ରାୟ ବିଷୟରେ ଆଲୋଚନା କରିଥିଲେ । ସେ ହରିଦ୍ୱାରରେ ଆଡଭାନସ୍ ଯୋଗାଭ୍ୟାସ ତାଲିମ୍ ନେଉଥିବା ବେଳେ ରାମଦେବ ବାବାଙ୍କ ସହ ନିଜ ଅନୁଭୂତିକୁ ନିଜ ବକ୍ତବ୍ୟରେ ସାମିଲ କରିଥିଲେ। ଅତିଥି ବୃନ୍ଦ ଛାତ୍ରୀମାନଙ୍କୁ ନିତ୍ୟ ଜୀବନରେ ଯୋଗର ପ୍ରୟୋଗ ବିଷୟରେ ଉପଦେଶ ଦେଇଥିଲେ ।

## ଦନ୍ତା ହାତୀ ଆକ୍ରମଣରେ ଯୁବକ ମୃତ୍ୟୁ



କେନ୍ଦୁଝର,୨୦।୯ (ନିପ୍ର): କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଂଚାୟତ ଅନ୍ତର୍ଗତ ବାଦୁଡିଘର ଗ୍ରାମର ରାଜେଶ ମହାନ୍ତ ଘରୋଇ ଚାଷ କାମ ପାଇଁ ଶ୍ରମିକ ଆଣିବାକୁ ବଡପିଛୁଳା ଗ୍ରାମକୁ ଯିବାବେଳେ ଏକ ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି । ଗୁରୁବାରସକାଳ ପ୍ରାୟ ୮ଟା ୩୦ ମିନିଟ ସମୟରେ ରାଜେଶ ମହାନ୍ତ ମୋଟର ସାଇକେଲରେ ବଡପିଛୁଳା ଗ୍ରାମକୁ ଯିବା ବେଳେ ଏକ ଆମ୍ବ ବଗିଚାରୁ ଏକ ଗୋଠଛଡା ଦନ୍ତା ହାତୀ ହଠାତ୍ ରାସ୍ତା ଉପରକୁ ଆସି ଶୁଣ୍ଢରେ ତାକୁ କଚାଡି ଦେଇଥିଲା । ସ୍ଥାନୀୟ ଲୋକ ସଦର ରେଞ୍ଜ ନରଣପୁର ସେକ୍ସନର ବନ କର୍ମଚାରୀମାନଙ୍କ ସହାୟତାରେ ଗୁରୁତର ଅବସ୍ଥାରେ ଧରଣୀଧର ମେଡିକାଲ କଲେଜକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପ୍ରତ୍ୟେକ ଦିନ ହାତୀ ରହୁଥିବା ଅଂଚଳରେ ହାତୀର ଉପସ୍ଥିତି ନେଇ ଆଗୁଆ ସୂଚନା ଦିଆଯାଉନଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ମୃତକର ମାମୁଁ ଅଭିମନ୍ୟୁ ମହାନ୍ତ ଅଭିଯୋଗ କରିଛନ୍ତି । କେନ୍ଦୁଝର ଡିଭିଜନରେ ହାତୀ-ମଣିଷ ସଂଘର୍ଷ ଦିନକୁ ଦିନ ବଢିବା ଚିନ୍ତାର କାରଣ ହୋଇଛି । ସୂଚନାଯୋଗ୍ୟଯେ,କେନ୍ଦୁଝର ଡିଭିଜନରେ ବର୍ଷର ସବୁ ସମୟରେ ୧୭୦ରୁ ଉର୍ଦ୍ଧ୍ୱ ହାତୀ ବିଭିନ୍ନ ଜଙ୍ଗଲରେ ବସବାସ କରନ୍ତି । ବ୍ୟାପକ ଖଣି ଖନନ ଏବଂ ଜଙ୍ଗଲ କ୍ଷୟ ଯୋଗୁଁ ହାତୀମାନଙ୍କ ବାସସ୍ଥଳୀ ନଷ୍ଟ ହେଉଥିବାରୁ କେନ୍ଦୁଝର ଡିଭିଜନରେ ହାତୀ-ମଣିଷ ସଂଘର୍ଷ ନିତିଦିନିଆ ଘଟଣାରେ ପରିଣତ ହୋଇଛି ।

## ଝାରଖଣ୍ଡରେ ତୀବ୍ର ହେଉଛି କୁର୍ମୀ ଆନ୍ଦୋଳନ; ୧୦୦ରୁ ଅଧିକ ଟ୍ରେନ୍ ରଦ୍ଦ

ରାଞ୍ଚି,୨୦।୯: ଝାରଖଣ୍ଡରେ ଆଦିବାସୀ କୁର୍ମୀ ସମାଜ ର ଆନ୍ଦୋଳନ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଲକ୍ଷାଧିକ ରେଳ ଯାତ୍ରୀ । ଶନିବାର ଏହି ଆନ୍ଦୋଳନର କର୍ମକର୍ତ୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରେଳ ରୋକ କରିଥିଲେ । ଯାହାଫଳରେ ଶତାଧିକ ଯାତ୍ରୀବାହି ଟ୍ରେନକୁ ରଦ୍ଦ କରାଯାଇଥିବା ବେଳେ କେତେକ ଟ୍ରେନକୁ ବିକଳ୍ପ ମାର୍ଗରେ ପଠାଯାଇଛି କିମ୍ବା କେତେକ ସ୍ଥାନରେ ଅଟକାଯାଇଛି । ଏହା ରାଞ୍ଚି ଡିଭିଜନ ଅଧୀନର ଦକ୍ଷିଣ ପୂର୍ବ ରେଳବାଇ ଏବଂ ଧାନବାଦ ଡିଭିଜନ ଅଧୀନର ପୂର୍ବ କେନ୍ଦ୍ରୀୟ ରେଳବାଇର ବିଭିନ୍ନ ଷ୍ଟେସନରେ ବିପର୍ଯ୍ୟୟ ସୃଷ୍ଟି କରିଛି । କୁର୍ମୀ ସମାଜର ସଦସ୍ୟମାନେ ନିଜ ଜାତିକୁ ଅନୁସୂଚିତ ଜନଜାତିରେ ସାମିଲ କରିବା ଏବଂ କୁର୍ମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ଦେବାକୁ ଦାବି କରିଛନ୍ତି । ଏହି ଆନ୍ଦୋଳନ ଯୋଗୁଁ ଟ୍ରେନ ଚଳାଚଳ ଉପରେ ଗୁରୁତର ପ୍ରଭାବ ପଡିଛି । ଯେଉଁଥିପାଇଁ ୬୪ଟି ଟ୍ରେନକୁ ସଂପୂର୍ଣ୍ଣ ରଦ୍ଦ କରାଯାଇଥିବା ବେଳେ ୪୧ଟି ଟ୍ରେନକୁ ବିକଳ୍ପ ମାର୍ଗରେ ଗନ୍ତବ୍ୟସ୍ଥଳିକୁ ପଠାଯାଇଛି । ଏହାସହ ପ୍ରାୟ ୨୧ଟି ବିଭିନ୍ନ ଟ୍ରେନକୁ ବିଭିନ୍ନ ସ୍ଥାନରେ ଅଟକାଯାଇଛି ।

## ଇସ୍ରାଏଲ ସେନାର ବିମାନ ଆକ୍ରମଣରେ ୧୪ ପାଲେଷ୍ଟାଇନୀୟଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୨୦।୯: ଇସ୍ରାଏଲୀ ସେନା ଗାଜା ସହର ଉପରେ ଆଉ ଏକ ବଡ଼ ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ଅତି କମରେ ୧୪ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି । ହମାସ ବନ୍ଧକଙ୍କୁ ମୁକ୍ତ କରିବାକୁ ମନା କରିବାରୁ ଇସ୍ରାଏଲ ଗାଜାରେ ତାର ସାମରିକ ଅଭିଯାନକୁ ତୀବ୍ର କରିଛି । ଆଇଡିଏଫ ଗାଜାରେ ରହୁଥିବା ପାଲେଷ୍ଟାଇନମାନଙ୍କୁ ସହର ଛାଡିବାକୁ ନିବେଦନ କରିଛି । ଏହି ଆକ୍ରମଣ ଏପରି ସମୟରେ ହୋଇଛି, ଯେତେବେଳେ କିଛି ପଶ୍ଚିମୀ ଦେଶ ଗାଜା ଯୁଦ୍ଧରେ କ୍ଳାନ୍ତ ହୋଇପଡିଛନ୍ତି ଏବଂ ଏବେ ପାଲେଷ୍ଟାଇନ ରାଜ୍ୟକୁ ମାନ୍ୟତା ଦେବା ଦିଗରେ ଅଗ୍ରସର ହେଉଛନ୍ତି । ଏହି ପ୍ରସଙ୍ଗ ଆସନ୍ତା ସପ୍ତାହରେ ଜାତିସଂଘ ସାଧାରଣ ପରିଷଦରେ ବିଶ୍ୱ ନେତାଙ୍କ ବୈଠକରେ ଉଠିପାରେ । ଏହା ପୂର୍ବରୁ ଏହାର ଉଦ୍ଦେଶ୍ୟ ଘୋଷଣା କରିଥିଲା, କିନ୍ତୁ ବର୍ତ୍ତମାନ ତାରିଖ ଚୂଡ଼ାନ୍ତ ହୋଇଛି । ପର୍ତ୍ତୁଗାଲ ବ୍ୟତୀତ, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ, ମାଲ୍ଟା, ବେଲଜିୟମ ଏବଂ ଲକ୍ସେମବର୍ଗ ଭଳି ପାଶ୍ଚାତ୍ୟ ଦେଶ ଗୁଡ଼ିକ ମଧ୍ୟ ଆଗାମୀ ଦିନରେ ପାଲେଷ୍ଟାଇନକୁ ମାନ୍ୟତା ଦେବେ ବୋଲି ଆଶା କରାଯାଉଛି, କାରଣ ସେମାନଙ୍କର ରାଷ୍ଟ୍ରମୁଖ୍ୟମାନେ ଏହା ପୂର୍ବରୁ ସୂଚାଇ ସାରିଛନ୍ତି ।

## ୟୁକ୍ରେନ ଉପରେ ୪୦ ମିସାଇଲ, ୫୮୦ ଡ୍ରୋନ୍ ମାଡ଼

ନୂଆଦିଲ୍ଲୀ ୨୦।୯: ଋଷ ସାରା ରାତି ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି । ଋଷ ୪୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଯେଉଁଥିରେ ଥିଲା ଏଥିରେ କ୍ରୁଜ୍ ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । କେବଳ ସେତିକି ନୁହେଁ, ଋଷ ସେନା ୟୁକ୍ରେନ ଉପରେ ୫୮୦ଟି ଡ୍ରୋନ ମାଡ଼ କରିଛି । ତେବେ ଏତେ ବଡ ଆକ୍ରମଣ ପରେ ପ୍ରତିକ୍ରିୟା ରଖିଛନ୍ତି ୟୁକ୍ରେନୀୟ ରାଷ୍ଟ୍ରପତି । ଜେଲେନ୍ସ୍କି କହିଛନ୍ତି ଯେ ମୁଁ ଆମର ସମସ୍ତ ସୈନିକଙ୍କୁ ଧନ୍ୟବାଦ ଜଣାଉଛି । ଯେଉଁମାନେ ସାରା ରାତି ଆକାଶକୁ ସୁରକ୍ଷା ଦେଇଛନ୍ତି ।

## ନୀତିଶ ସଚ୍ଚୋଟ କିନ୍ତୁ ତାଙ୍କ ମନ୍ତ୍ରୀମାନେ ଦୁର୍ନୀତିଗ୍ରସ୍ତ: ପ୍ରଶାନ୍ତ କିଶୋର

ପାଟନା,୨୦।୯: ପ୍ରଶାନ୍ତ କିଶୋର(ପିକେ) ବିହାରର ଅନେକ ମନ୍ତ୍ରୀଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପିକେ ବିହାରରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି ବୋଲି କହିଛନ୍ତି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନୀତିଶ କୁମାର ସଚ୍ଚୋଟ ହୋଇପାରନ୍ତି, କିନ୍ତୁ ତାଙ୍କ ମନ୍ତ୍ରୀ ଏବଂ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ । ସେ କହିଛନ୍ତି, ମୁଁ କୌଣସି ବ୍ୟକ୍ତିବିଶେଷଙ୍କୁ ଦୋଷ ଦେବାର ରାଜନୀତିରେ ସାମିଲ ହୁଏ ନାହିଁ । ମୁଁ ଏଠାରେ ଗତ ତିନି ବର୍ଷ ଧରି ଅଛି । ଗତ ଦୁଇ ମାସ ଧରି ଆମେ କୌଣସି ଅଭିଯୋଗ କିମ୍ବା ପ୍ରତି-ଆରୋପରେ ଲିପ୍ତ ହୋଇନାହୁଁ । ବିହାରର ବର୍ତ୍ତମାନର ପରିସ୍ଥିତିକୁ ଲୋକମାନେ ସବୁଠାରୁ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥା ଭାବରେ ବର୍ଣ୍ଣନା କରୁଛନ୍ତି । ତେଣୁ, ଯଦି ତଳ ସ୍ତରରେ ଏତେ ଦୁର୍ନୀତି ଅଛି, ତେବେ ନିଶ୍ଚିତ ଭାବରେ ଉପର କୌଣସି ସ୍ଥାନରୁ ପୃଷ୍ଠପୋଷକତା ଅଛି, ଏବଂ ଲୋକମାନେ ପ୍ରତିଦିନ ସୂଚନା ପଠାଉଛନ୍ତି । ନୀତିଶ କୁମାର ବ୍ୟକ୍ତିଗତ ଭାବରେ ସଚ୍ଚୋଟ ହୋଇପାରନ୍ତି, କିନ୍ତୁ ତାଙ୍କ ଚାରିପାଖରେ ଥିବା ଲୋକମାନେ ଶହ ଶହ କୋଟି ଟଙ୍କା ଲୁଟ୍ କରିଛନ୍ତି । ଏହା ପ୍ରଥମ ଥର ଆମେ ଶୁଣିବାକୁ ପାଉଛୁ ଯେ, ବିହାରର ଅଧିକାରୀ ତଥା ନେତାମାନେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆରେ ସମ୍ପତ୍ତି କିଣୁଛନ୍ତି ।

## କେଏଫସିକୁ ଚିଠି ଲେଖିଲେ ବିଜେପି ବିଧାୟକ ନବରାତ୍ରି ସମୟରେ ଆମିଷ ଖାଦ୍ୟ ନିଷେଧ କର

ନୂଆଦିଲ୍ଲୀ,୨୦।୯: ରାଜଧାନୀ ଦିଲ୍ଲୀରେ ନବରାତ୍ରି ପାଇଁ ପ୍ରସ୍ତୁତି ଚାଲିଛି । ଏହି ସମୟରେ, ନବରାତ୍ରି ସମୟରେ ଆମିଷ ଖାଦ୍ୟ ନିଷେଧ କରିବା ପାଇଁ ମଧ୍ୟ ଦାବି ଉଠିଛି । ବିଜେପି ବିଧାୟକ କର୍ଣ୍ଣେଲ ସିଂହ ଡୋମିନୋସ, ମ୍ୟାକଡୋନାଲ୍ଡ ଏବଂ କେଏଫସିର ଆଞ୍ଚଳିକ ଅଧିକାରୀମାନଙ୍କୁ ଚିଠି ଲେଖି ନବରାତ୍ରି ସମୟରେ ଆମିଷ ଖାଦ୍ୟ ପରିବେଷଣ ନକରିବାକୁ ଅନୁରୋଧ କରିଛନ୍ତି । କର୍ଣ୍ଣେଲ ସିଂହ ଶାକୁର ବସ୍ତି ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ହୋଇଥିବାବେଳେ ଚଳିତ ବର୍ଷ ଶାରଦୀୟ ନବରାତ୍ରି ସେପ୍ଟେମ୍ବର ୨୨ ତାରିଖରେ ଆରମ୍ଭ ହେଉଛି । ନବରାତ୍ରି ଏବଂ ଦୁର୍ଗା ପୂଜା ପର୍ବ ହିନ୍ଦୁମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖେ । ନବରାତ୍ରି ସମୟରେ ପବିତ୍ରତା ଏବଂ ଭକ୍ତିର ଗୁରୁତ୍ୱ ଉଲ୍ଲେଖ କରି, ବିଜେପି ବିଧାୟକ ଆମିଷ ଖାଦ୍ୟ ନିଷେଧ କରିବାକୁ ଅନୁରୋଧ କରି ଏକ ଚିଠି ଲେଖିଛନ୍ତି । କେଏଫସି ଏବଂ ଅନ୍ୟାନ୍ୟ ଷ୍ଟୋରର ଅଧିକାରୀମାନଙ୍କୁ ଲେଖିଥିବା ଚିଠିରେ, ବିଜେପି ବିଧାୟକ ଲେଖିଛନ୍ତି, ‘ଆଗାମୀ ଦିନରେ ନବରାତ୍ରିର ପବିତ୍ର ପର୍ବ ଆରମ୍ଭ ହେବାକୁ ଯାଉଛି । ନବରାତ୍ରିର ନଅ ଦିନର ଅବଧିରେ, ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ, ଆପଣଙ୍କର ସମସ୍ତ ଆଉଟଲେଟଗୁଡ଼ିକରେ ଆମିଷ ଖାଦ୍ୟ ପରିବେଷଣ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଉଚିତ । ଧାର୍ମିକ ଭାବନାକୁ ସମ୍ମାନ ଦେବା ସହିତ ସାମାଜିକ ସଦ୍ଭାବନା ବଜାୟ ରଖିବା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଜରୁରୀ ।‘

## ‘ସମୁଦ୍ର ସେ ସମୃଦ୍ଧି’ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ମୋଦି

# ଚିପ୍ସ ହେଉ କି ଜାହାଜ, ଭାରତରେ ନିର୍ମାଣ କରିବା



ନୂଆଦିଲ୍ଲୀ,୨୦।୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଭାବନଗରରେ ୩୪,୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ‘ସମୁଦ୍ର ସେ ସମୃଦ୍ଧି’ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ସମସ୍ତ ବିଶିଷ୍ଟ ବ୍ୟକ୍ତି ଏବଂ ଜନସାଧାରଣଙ୍କୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର ୧୭ ତାରିଖରେ ତାଙ୍କୁ ପଠାଯାଇଥିବା ଜନ୍ମଦିନର ଶୁଭେଚ୍ଛା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ । ଲୋକଙ୍କଠାରୁ ତାଙ୍କୁ ମିଳିଥିବା ସ୍ନେହକୁ ଶକ୍ତିର ଏକ ମହାନ ଉତ୍ସ ଭାବରେ ବର୍ଣ୍ଣନା କରି ଶ୍ରୀ ମୋଦି ଆଲୋକପାତ କରିଥିଲେ ଯେ ଦେଶ ବିଶ୍ୱକର୍ମା ଜୟନ୍ତୀରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ, ଅର୍ଥାତ୍ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବା ପଖୱାଡା (ସେବା ପକ୍ଷ) ପାଳନ କରୁଛି । ସେ ଉଲ୍ଲେଖ କରିଥିଲେ ଯେ ଗତ ଦୁଇରୁ ତିନି ଦିନ ମଧ୍ୟରେ ଗୁଜରାଟରେ ଅନେକ ସେବାମୂଳକ କାର୍ଯ୍ୟକଳାପ ହୋଇଛି । ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ ଯେ ଶହ ଶହ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି, ଯେଉଁଥିରେ ଏପର୍ଯ୍ୟନ୍ତ ଏକ ଲକ୍ଷ ଲୋକ ରକ୍ତଦାନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ସହରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି, ଯେଉଁଥିରେ ଲକ୍ଷ ଲକ୍ଷ ନାଗରିକ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି । କୃଷ୍ଣକୁମାର ସିଂହ ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଧାନମନ୍ତ୍ରୀ ତାଙ୍କର ମହାନ ଐତିହ୍ୟକୁ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ‘ଭାରତ ବିଶ୍ୱ ଭ୍ରାତୃତ୍ୱର ଭାବନାରେ ଆଗକୁ ବଢୁଛି ଏବଂ ଆଜି ବିଶ୍ୱରେ ଭାରତର କୌଣସି ବଡ଼ ଶତ୍ରୁ ନାହିଁ, କିନ୍ତୁ ବାସ୍ତବରେ, ଭାରତର ସବୁଠାରୁ ବଡ଼ ଶତ୍ରୁ ହେଉଛି ଅନ୍ୟ ଦେଶ ଉପରେ ନିର୍ଭରଶୀଳତା । ଏହି ନିର୍ଭରଶୀଳତାକୁ ସାମୂହିକ ଭାବରେ ଦୂର କରାଯିବା ଉଚିତ ।‘ ସେ ପୁନରାବୃତ୍ତି କରିଥିଲେ ଯେ ଅତ୍ୟଧିକ ବିଦେଶୀ ନିର୍ଭରଶୀଳତା ଜାତୀୟ ବିଫଳତା ଆଡ଼କୁ ନେଇଯାଏ । ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ବିଶ୍ୱ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ଆତ୍ମନିର୍ଭରଶୀଳ ହେବା ଉଚିତ । ସେ ଚେତାବନୀ ଦେଇଥିଲେ ଯେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ଜାତୀୟ ସ୍ୱାଭିମାନକୁ ହାନି କରେ । ଭାରତର ଜାହାଜ ଚଳାଚଳ କ୍ଷେତ୍ର ହେଉଛି ତ୍ରୁଟିପୂର୍ଣ୍ଣ ନୀତି ଦ୍ୱାରା ହୋଇଥିବା କ୍ଷତିର ଏକ ପ୍ରମୁଖ ଉଦାହରଣ । ତେବେ ଯଦି ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାକୁ ହୁଏ, ତେବେ ଏହାକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ, ଆତ୍ମନିର୍ଭରଶୀଳତାର କୌଣସି ବିକଳ୍ପ ନାହିଁ ଏବଂ ସମସ୍ତ ୧୪୦ କୋଟି ନାଗରିକଙ୍କୁ ସମାନ ସଂକଳ୍ପ ନେବାକୁ ପଡିବ - ତାହା ଚିପ୍ସ ହେଉ କିମ୍ବା ଜାହାଜ, ସେଗୁଡ଼ିକୁ ଭାରତରେ ତିଆରି କରାଯିବା ଉଚିତ’ ।




## ଦେଶବ୍ୟାପୀ ଲଞ୍ଚ୍ ହେଲା ଇ-ପାସପୋର୍ଟ

ନୂଆଦିଲ୍ଲୀ,୨୦।୯: ଭାରତୀୟ ପାସପୋର୍ଟର ଆଧୁନିକୀକରଣ ଏବଂ ସୁରକ୍ଷିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଇ-ପାସପୋର୍ଟ ସୁବିଧା ଆରମ୍ଭ କରିଛି । ଏପ୍ରିଲ ୨୦୨୪ରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ ହୋଇଥିବା ଏହି ଯୋଜନା ଏବେ ଧୀରେ ଧୀରେ ସାରା ଦେଶର ପାସପୋର୍ଟ ସେବା କେନ୍ଦ୍ରଗୁଡ଼ିକରେ ପହଞ୍ଚିବାରେ ଲାଗିଛି । ଏହା ଜୁନ୍ ୨୦୨୫ରୁ ଦେଶବ୍ୟାପୀ ଆନୁଷ୍ଠାନିକ ଭାବରେ କାର୍ଯ୍ୟକାରୀ ହୋଇସାରିଛି । ଇ-ପାସପୋର୍ଟ ଏକ ପାରମ୍ପରିକ ଭାରତୀୟ ପାସପୋର୍ଟ ପରି ଦେଖାଯାଏ, କିନ୍ତୁ ଏହାର କଭରରେ ଏକ ଆରଆଇଏଫଡି ଚିପ୍ ଥାଏ, ଯାହା ପାସପୋର୍ଟ ଧାରକଙ୍କ ବାୟୋମେଟ୍ରିକ୍ ସୂଚନା, ଯେପରିକି ଆଙ୍ଗୁଠି ଛାପ ଏବଂ ଏକ ଡିଜିଟାଲ୍ ଫଟୋ ସଂରକ୍ଷଣ କରିଥାଏ । ଏହା ପାସପୋର୍ଟକୁ ନକଲି କରିବା ପ୍ରାୟତଃ ଅସମ୍ଭବ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପାସପୋର୍ଟ ଅନ୍ତର୍ଜାତୀୟ ଆଇସିଏଓ ମାନଦଣ୍ଡ ପାଳନ କରେ, ଯାହା ଏହାକୁ ବିଶ୍ୱବ୍ୟାପୀ ସ୍ୱୀକୃତି ପ୍ରଦାନ କରେ । ପ୍ରାରମ୍ଭରେ, ଏହି ସୁବିଧା କେବଳ ଚେନ୍ନାଇ, ହାଇଦ୍ରାବାଦ, ଭୁବନେଶ୍ୱର, ସୁରଟ, ନାଗପୁର, ଗୋଆ, ଜମ୍ମୁ, ସିମଲା, ରାୟପୁର, ଅମୃତସର, ଜୟପୁର, ରାଞ୍ଚି ଏବଂ ଦିଲ୍ଲୀର ପାସପୋର୍ଟ ସେବା କେନ୍ଦ୍ରଗୁଡ଼ିକରେ ଉପଲବ୍ଧ ଥିଲା । ତେବେ ପାସପୋର୍ଟ ସେବା କାର୍ଯ୍ୟକ୍ରମ ୨.୦ ଅଧୀନରେ, ଏହା ଏବେ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି । ଯଦିଓ ସମସ୍ତ କେନ୍ଦ୍ର ଏକ ସମୟରେ ଉପଲବ୍ଧ ହେବ ନାହିଁ, ନାଗରିକମାନେ ଆବେଦନ କରିପାରିବେ । ଯେଉଁମାନେ ବର୍ତ୍ତମାନ ବୈଧ ସାଧାରଣ ପାସପୋର୍ଟ ଧରନ୍ତି ସେମାନଙ୍କୁ ତୁରନ୍ତ ସେଗୁଡ଼ିକୁ ବଦଳାଇବାକୁ ପଡିବ ନାହିଁ ।

## ଭଦୋଦରାରେ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ହିଂସା

## ପଥରମାଡ଼ କଲେ ୬୦୦ ଲୋକ, ୫୦ ଅଟକ



ନୂଆଦିଲ୍ଲୀ,୨୦/୯: ଗୁଜୁରାଟର ଭଦୋଦରା ସହରର ଜୁନିଗଢ଼ୀ ଅଞ୍ଚଳରେ ଏକ ଇଣ୍ଟରନେଟ୍ ମିଡିଆ ପୋଷ୍ଟକୁ ନେଇ ବିଳମ୍ବିତ ରାତିରେ ହିଂସା ଘଟିବା ପରେ ପୋଲିସ ଶନିବାର ପ୍ରାୟ ୫୦ ଜଣଙ୍କୁ ଅଟକ ରଖିଛି । ପୋଲିସ କହିଛି ଯେ ପଥର ମାଡ଼ରେ ପୋଲିସ କର୍ମଚାରୀଙ୍କ ସମେତ କିଛି ଲୋକ ଆହତ ହୋଇଛନ୍ତି, କିନ୍ତୁ ଶୀଘ୍ର ପରିସ୍ଥିତି ନିୟନ୍ତ୍ରଣକୁ ଅଣାଯାଇଛି । ଜଣେ ଅଧିକାରୀ କହିଛନ୍ତି ଯେ ଶୁକ୍ରବାର ରାତିରେ ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ ସହର ପୋଲିସ ଷ୍ଟେସନ ବାହାରେ ଏକାଠି ହୋଇଥିଲେ ଏବଂ କହିଥିଲେ ଯେ ଏକ ଇଣ୍ଟରନେଟ୍ ମିଡିଆ ପୋଷ୍ଟ ଦ୍ୱାରା ସେମାନଙ୍କର ଧାର୍ମିକ ଭାବନା ଆଘାତ ପାଇଛି ଏବଂ ଏହାକୁ ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ପୋଲିସ କମିଶନର (ଜୋନ୍ ୪) ଆଣ୍ଡ୍ରୁ ମ୍ୟାକୱାନ୍ କହିଛନ୍ତି ଯେ ଜୁନିଗାରି ଅଞ୍ଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାୟ ୫୦୦ ରୁ ୬୦୦ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ପଥର ମାଡ଼ କରିଥିଲା ଏବଂ ଗାଡ଼ି ଭଙ୍ଗାରୁଜା କରିଥିଲା । ସେ କହିଛନ୍ତି ଯେ ଏହି ଘଟଣାରେ ପୋଲିସ କର୍ମଚାରୀଙ୍କ ସମେତ କିଛି ଲୋକ ଆହତ ହୋଇଛନ୍ତି । ଡିସିପି କହିଛନ୍ତି ଯେ ଦୁଇଟି ପୃଥକ ଏଫଆଇଆର ପଞ୍ଜିକୃତ ହୋଇଛି, ଗୋଟିଏ ଆପତ୍ତିଜନକ ପୋଷ୍ଟ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଏବଂ ଅନ୍ୟଟି ହିଂସା କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ । ସେ ଆହୁରି ମଧ୍ୟ କହିଛନ୍ତି, ‘ଆମେ ପ୍ରାୟ ୫୦ ଜଣଙ୍କୁ ଅଟକ ରଖିଛୁ ।‘ ପୋଲିସ ସୂତ୍ର ଅନୁଯାୟୀ, ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି । ଡିସିପି (ଜୋନ୍ ୩) ଲୀନା ପାଟିଲ କହିଛନ୍ତି, ‘ପରିସ୍ଥିତିକୁ ତୁରନ୍ତ ନିୟନ୍ତ୍ରଣ କରାଯାଇଥିଲା ।

## ରାହୁଲଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ

ଲକ୍ଷ୍ନୌ,୨୦।୯:ଲକ୍ଷ୍ନୌ କୋର୍ଟରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଏକ ଆବେଦନ ଦାଖଲ କରିଛନ୍ତି । ଆବେଦନରେ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟକୁ ଦେଶ ବିରୋଧୀ ଏବଂ ଭାରତର ଏକତା ବିରୋଧୀ ବୋଲି ବର୍ଣ୍ଣନା କରାଯାଇଛି । ସେ ରାହୁଲ ଗାନ୍ଧୀ ଏବଂ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ଦେଶଦ୍ରୋହ ଅଭିଯୋଗରେ ଦଣ୍ଡିତ କରିବାକୁ ଦାବି କରିଛନ୍ତି । ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଲକ୍ଷ୍ନୌ କୋର୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ରାହୁଲଙ୍କ ବକ୍ତବ୍ୟ, ‘ଆମେ ଏବେ ବିଜେପି, ଆରଏସଏସ ଏବଂ ଭାରତୀୟ ରାଜ୍ୟ ବିରୁଦ୍ଧରେ ଲଢୁଛୁ‘ ବିଷୟରେ ଉଲ୍ଲେଖ କରାଯାଇଛି । ଆବେଦନରେ ଅଭିଯୋଗ କରାଯାଇଛି ଯେ, ଏହି ବକ୍ତବ୍ୟ ଦେଶ ବିରୋଧୀ ଏବଂ ଭାରତର ଏକତା, ଅଖଣ୍ଡତା ତଥା ସାମ୍ବିଧାନିକ ପ୍ରତିଷ୍ଠାନ ବିରୁଦ୍ଧରେ ଏକ ଷଡ଼ଯନ୍ତ୍ର । ସେ କୋର୍ଟଙ୍କୁ ରାହୁଲ ଗାନ୍ଧୀ ଏବଂ ଅନେକ ବରିଷ୍ଠ କଂଗ୍ରେସ ନେତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡ ବିଧାନ, ୨୦୨୩ ଅନୁଯାୟୀ ଦେଶଦ୍ରୋହ ଏବଂ ଷଡ଼ଯନ୍ତ୍ର ପାଇଁ ମାମଲା ରୁଜୁ କରିବାକୁ ଅନୁରୋଧ କରିଛନ୍ତି । ଅଭିଯୋଗରେ କୁହାଯାଇଛି ଯେ, ରାହୁଲ ଗାନ୍ଧୀ କଂଗ୍ରେସ ମୁଖ୍ୟାଳୟର ଉଦ୍ଘାଟନ ସମୟରେ ଭାବିଚିନ୍ତି, ସମ୍ପୂର୍ଣ୍ଣ ମାନସିକ ସ୍ଥିରତା ସହିତ ଏବଂ ବିଦେଶୀ ଶକ୍ତିର ନିର୍ଦ୍ଦେଶରେ ଏହି ବକ୍ତବ୍ୟ ଦେଇଥିଲେ ।ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଯୁକ୍ତି ଦେଇଛନ୍ତି, ଏହି ବିବୃତି ଜାଣିଶୁଣି, ସମ୍ପୂର୍ଣ୍ଣ ସଚେତନ ଭାବରେ ଏବଂ ବିଦେଶୀ ଶକ୍ତିର ନିର୍ଦ୍ଦେଶରେ ଦିଆଯାଇଥିଲା ।

## ଶସ୍ତା ହେଲା ରେଳନୀର

ନୂଆଦିଲ୍ଲୀ,.୨୦।୯: ଭାରତୀୟ ରେଳବାଇରେ ଉପଲବ୍ଧ ପ୍ୟାକେଜ୍ ପାଣି ରେଲ୍ ନୀର ଏବେ ଶସ୍ତା ହୋଇଛି । ଜିଏସଟି ହ୍ରାସ ପରେ ଏହାର ଲାଭ ରେଳ ଯାତ୍ରୀଙ୍କୁ ମଧ୍ୟ ମିଳିବ । ଫଳରେ ରେଲ୍ ନୀରର ମୂଲ୍ୟ ହ୍ରାସ ପାଇଛି । ଗୋଟିଏ ଲିଟର ବୋତଲର ମୂଲ୍ୟ ଏବେ ୧୫ ପରିବର୍ତ୍ତେ ୧୪ ଟଙ୍କା ହୋଇଛି । ସେହିଭଳି ଅଧା ଲିଟର ବୋତଲ ୧୦ ପରିବର୍ତ୍ତେ ୯ ଟଙ୍କାରେ ମିଳିବ । ରେଲ୍ ନୀର ହେଉଛି ଭାରତୀୟ ରେଳବାଇର ନିଜସ୍ୱ ବ୍ରାଣ୍ଡ । ଏହା ଟ୍ରେନ ଏବଂ ଷ୍ଟେସନରେ ଯାତ୍ରୀମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଥାଏ । ଏହା ଆଇଆରସିଟିସି ଦ୍ୱାରା ପରିଚାଳିତ । ୨୦୦୩ ରେ ଏହା ଆରମ୍ଭ ହୋଇଥିଲା । ସେତେବେଳେ ଷ୍ଟେସନରେ ପ୍ରାୟତଃ ନିମ୍ନମାନର ପାଣି ମିଳୁଥିଲା । ରେଲ ନୀର ଯାତ୍ରୀମାନଙ୍କୁ ଉଚ୍ଚମାନର ପ୍ୟାକେଜ୍ ପାଣି ଯୋଗାଇବାକୁ ଲକ୍ଷ୍ୟ ରଖିଛି । ରେଳ ବୋର୍ଡର ନୂତନ ଆଦେଶ ଅନୁଯାୟୀ, ରେଳବାଇ ଦ୍ୱାରା ରେଲ ନୀର ଏବଂ ଅନ୍ୟାନ୍ୟ ପ୍ୟାକେଜ୍ ହୋଇଥିବା ପାଣି ବ୍ରାଣ୍ଡଗୁଡ଼ିକ ଏବେ ଶସ୍ତା ଦରରେ ଉପଲବ୍ଧ ହେବ । ଏହି ନିଷ୍ପତ୍ତି ଯାତ୍ରୀମାନଙ୍କୁ ସିଧାସଳଖ ଲାଭ ଦେବ । ସେମାନେ ଏବେ ଟ୍ରେନ୍ କିମ୍ବା ଷ୍ଟେସନରେ କମ୍ ମୂଲ୍ୟରେ ପାଣି ବୋତଲ କିଣିପାରିବେ । ବୋର୍ଡ ସ୍ପଷ୍ଟ କରିଛି ଯେ, ଏହି ନୂତନ ମୂଲ୍ୟ ୨୨ ସେପଟେମ୍ବର ୨୦୨୫ ରୁ ସାରା ଦେଶରେ ଲାଗୁ ହେବ । ଏହା ସହ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀମାନେ ରେଳ ଷ୍ଟେସନ ଏବଂ ଟ୍ରେନରେ କମ ମୂଲ୍ୟରେ ପାଣି ବୋତଲ ପାଇବେ ।

## ଟାରିଫ୍ ପରେ ଏବେ ଭିସା ‘ବୋମା’: ଟ୍ରମ୍ପ ବଢ଼ାଇଲେ ଏଚ-୧ବି ଶୁଳ୍କ

ୱାଶିଂଟନ,୨୦।୯: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟାରିଫ ଲଗାଇବା ପରେ ଏବେ ‘ଭିଜା ବୋମା’ ଛାଡ଼ିଛନ୍ତି । କହିବାର ଅର୍ଥ ସେ ଏଚ-୧ବି ଭିସା ନିୟମକୁ ନେଇ ବଡ଼ ଘୋଷଣା କରିଛନ୍ତି, ଯାହାକୁ ନେଇ ଭାରତୀୟଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଛି । ଟ୍ରମ୍ପ ଏକ ଘୋଷଣାପତ୍ରରେ ହସ୍ତାକ୍ଷର କରିଛନ୍ତି, ଯାହା ଅନୁଯାୟୀ ଏଚ-୧ବି ଭିସା ଆବେଦନ ଶୁଳ୍କକୁ ବାର୍ଷିକ ୧୦୦,୦୦୦ ଆମେରିକୀୟ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ଭାରତୀୟ ମୁଦ୍ରାରେ ଏହା ନୂଆ ଆବେଦନ ପାଇଁ ପ୍ରତିବର୍ଷ ୮୮ ଲକ୍ଷ ଟଙ୍କା ଆଦାୟ କରିବ । ବର୍ତ୍ତମାନ ଏଚ-୧ବି ଭିସା ଆବେଦନ ଶୁଳ୍କ ୧ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଅନେକ ପ୍ରଶ୍ନ ଉଠାଇଛି । ଯେପରିକି ନୂଆ ଏଚ-୧ବିଭିଜା ଆବେଦନ ନିୟମ କ’ଣ ? ଅମେରିକା କାହିଁକି ଏହି ନିଷ୍ପତ୍ତି ନେଇଛି । ଟ୍ରମ୍ପ ପ୍ରଶାସନ ଘୋଷଣା କରିଛି ଯେ ଏଚ-୧ବି ଭିସା ପାଇଁ ଆବେଦନ କରୁଥିବା ଯେକୌଣସି ବ୍ୟକ୍ତିଙ୍କୁ ଆବେଦନ ପ୍ରକ୍ରିୟା ପାଇଁ ପ୍ରତିବର୍ଷ ୧୦୦,୦୦୦ ଡଲାର ଶୁଳ୍କ ଦେବାକୁ ପଡ଼ିବ । ଗୁରୁତ୍ୱପୂର୍ଣ୍ଣ ଯେ, ଏହି ନିୟମ ନୂଆ ଆବେଦନ ସହ ବର୍ତ୍ତମାନ ଚାଲୁଥିବା ଆବେଦନଗୁଡ଼ିକ ଉପରେ ମଧ୍ୟ ଲାଗୁ ହେବ । ଏହି ନୂଆ ଶୁଳ୍କ ବର୍ତ୍ତମାନର ଶୁଳ୍କର ଅତିରିକ୍ତ ହେବ, ଯାହାକି ବହୁତ କମ । ବର୍ତ୍ତମାନର ଏଚ-୧ବି ଶୁଳ୍କରେ ବାର୍ଷିକ ଲଟେରୀ ପାଇଁ ୨୧୫ ଡଲାରର ପଞ୍ଜିକରଣ ଶୁଳ୍କ ଏବଂ ଅନ୍ୟ ଆବେଦନ ଶୁଳ୍କ ସାମିଲ ରହିଛି । ଏଚ-୧ବି ଭିସା ଧାରକମାନଙ୍କୁ ଭିସା ପାଇଁ କରାଯାଇଥିବା ପେମେଣ୍ଟର ସାର୍ଟିଫିକେଟ ରଖିବାକୁ ପଡ଼ିବ । ଅନ୍ୟପକ୍ଷେ ଏଚ-୧ବି ଭିସା ଉପରେ ବାର୍ଷିକ ୧ ଲକ୍ଷ ଡଲାର ଫିସ୍ ଲାଗୁ କରିବା ପାଇଁ ଆମେରିକାର ନିଷ୍ପତ୍ତି ଉପରେ ଭାରତ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି । ବୈଦେଶିକ ମନ୍ତ୍ରଣାଳୟ ଶନିବାର କହିଛି ଯେ ଏହି ପଦକ୍ଷେପର ‘ମାନବୀୟ ପ୍ରଭାବ‘ ପଡ଼ିପାରେ, ବିଶେଷକରି ସେହି ପରିବାରମାନଙ୍କ ପାଇଁ ଯେଉଁମାନଙ୍କର ଜୀବନ ଭିସା ସହିତ ଜଡିତ । ବୈଦେଶିକ ମନ୍ତ୍ରଣାଳୟ (ଏମଇଏ) କହିଛି ଯେ ସରକାର ନିଷ୍ପତ୍ତିର ପ୍ରଭାବ ଅଧ୍ୟୟନ କରୁଛନ୍ତି ।

# ଯଦି ଖର୍ଚ୍ଚ ସମ୍ଭାଳିପାରୁନାହଁ, ଏତେ କାହିଁକି ବାହା ହେଉଛ

ନୂଆଦିଲ୍ଲୀ,୨୦।୯: ଯଦି ସମ୍ଭାଳିପାରୁନ, ଏତେ କାହିଁକି ବାହା ହେଉଛ । କେରଳ ହାଇକୋର୍ଟ ଏକ ମାମଲାର ଶୁଣାଣି ସମୟରେ ଏଭଳି ଭାଷାରେ ମହକିଲଙ୍କୁ ପ୍ରଶ୍ନ ପଚାରିଛନ୍ତି । କୋର୍ଟ କହିଛନ୍ତି ଯେ ଯଦି ଜଣେ ମୁସଲିମ ପୁରୁଷ ତାଙ୍କ ସ୍ତ୍ରୀଙ୍କୁ ପ୍ରତିପାଳନ କରିବାରେ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଦ୍ୱିତୀୟ କିମ୍ବା ତୃତୀୟ ବିବାହ କରିବାର କୌଣସି ଅଧିକାର ନାହିଁ, ଏପରିକି ମୁସଲିମ ପର୍ଶନଲ ଲ ଅନୁଯାୟୀ ମଧ୍ୟ ବିବାହ କରିବାର ଅଧିକାର ନାହିଁ । ଜଣେ ୩୯ ବର୍ଷୀୟ ମହିଳାଙ୍କ ଦ୍ୱାରା ଦାଖଲ ହୋଇଥିବା ଯାଚିକା ଉପରେ ଶୁଣାଣି କରି ଏଭଳି ରାୟ ଦେଇଥିଲେ । ବାସ୍ତବରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କଠାରୁ ମାସିକ ୧୦୦୦୦




ଟଙ୍କା ଭଡ଼ା ପାଇବା ପାଇଁ ମାମଲା ଦାୟର କରିଥିଲେ । ମହିଳା ଜଣକ ଅଭିଯୋଗ କରିଥିଲେ ଯେ ତାଙ୍କର ୪୬ ବର୍ଷୀୟ ଦୃଷ୍ଟିହୀନ ସ୍ୱାମୀ, ଯିଏ ଭିକ୍ଷା ମାଗି ଜୀବିକା ଅର୍ଜନ କରନ୍ତି, ତାଙ୍କୁ ଛାଡ଼ି ତାଙ୍କ ପ୍ରଥମ ସ୍ତ୍ରୀ ସହିତ ରହୁଛନ୍ତି ଏବଂ ବର୍ତ୍ତମାନ ତୃତୀୟ ବିବାହ କରିବାକୁ ଧମକ ଦେଉଛନ୍ତି । ଆବେଦନକାରୀ ପୂର୍ବରୁ ଏକ ପରିବାର ଅଦାଲତକୁ ଯାଇଥିଲେ, ଯାହା ତାଙ୍କ ଆବେଦନକୁ ଖାରଜ କରିଦେଇଥିଲା, ଯେଉଁଥିରେ କୁହାଯାଇଥିଲା ଯେ ଭିକ୍ଷା ମାଗି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କୁ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । କୋର୍ଟ କହିଛନ୍ତି ଯେ ଏହା ସତ୍ୟ ଯେ ପ୍ରତିପକ୍ଷ ମୁସଲିମ ସମ୍ପ୍ରଦାୟର ଏବଂ ସେମାନଙ୍କର ପାରମ୍ପରିକ ଆଇନର ସୁଯୋଗ ନେଉଛନ୍ତି, ଯାହା ସେମାନଙ୍କ ଅନୁଯାୟୀ, ତାଙ୍କୁ ଦୁଇ କିମ୍ବା ତିନିଥର ବିବାହ କରିବାକୁ ଅନୁମତି ଦିଏ । ଦ୍ୱିତୀୟ କିମ୍ବା ତୃତୀୟ ପତ୍ନୀଙ୍କୁ ପ୍ରତିପାଳନ କରିବାକୁ ଅସମର୍ଥ ବ୍ୟକ୍ତି ମୁସଲିମ ପର୍ଶନଲ ଲ ଅନୁଯାୟୀ ମଧ୍ୟ ପୁନଃବିବାହ କରିପାରିବେ ନାହିଁ । କୋର୍ଟ କହିଛନ୍ତି, ‘ମୁସଲିମ ସମ୍ପ୍ରଦାୟରେ ଏପରି ବିବାହ କମ ଶିକ୍ଷା ଏବଂ ମୁସଲମାନଙ୍କ ପାରମ୍ପରିକ ଆଇନର ଜ୍ଞାନ ଅଭାବରୁ ହେଉଛି । କୌଣସି କୋର୍ଟ ଜଣେ ମୁସଲିମ ପୁରୁଷଙ୍କ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ବିବାହକୁ ସ୍ୱୀକୃତି ଦେଇପାରିବେ ନାହିଁ ଯଦି ସେ ତାଙ୍କ ପତ୍ନୀମାନଙ୍କୁ ପ୍ରତିପାଳନ କରିବାକୁ ଅକ୍ଷମ ହୁଅନ୍ତି ଏବଂ ତାଙ୍କ ପତ୍ନୀମାନଙ୍କ ମଧ୍ୟରୁ ଜଣେ ଭରଣପୋଷଣ ପାଇଁ ଆବେଦନ ଦାଖଲ କରିଛନ୍ତି ।

# କ୍ୟାବ୍ ଡ୍ରାଇଭରଙ୍କୁ ଅପହରଣ ପରେ ହତ୍ୟା !

ଭୁବନେଶ୍ୱର(ନିପ୍ର) : ଭୁବନେଶ୍ୱର ଚ଼ନ୍ଦକା ଥାନା ଅଞ୍ଚଳରୁ କାର ସହ ଜଣେ କ୍ୟାବ୍ ଡ୍ରାଇଭରଙ୍କ ମୃତ ଦେହ ମିଳିଛି। ମୃତକ ହେଲେ ଖୋର୍ଦ୍ଧା ବାଣପୁର ଅରାଙ୍ଗ ଗାଁର ବିଦ୍ୟାଧର ସାହୁ। ଗତ ୧୫ ତାରିଖରୁ ସେ ଘରୁ ବାହାରି ଆଉ ଫେରିନଥିଲେ। ସ୍ତ୍ରୀଙ୍କୁ ଫୋନ୍ କରି କହିଥିଲେ ତୁମେ ଖାଇଦିଅ, ମୁଁ ପଛରେ ଯିବି। ହେଲେ ସେଦିନ ଆଉ ଘରକୁ ଫେରିନଥିଲେ। ପରଦିନ ଅର୍ଥାତ ୧୬ ତାରିଖ ସଂଧ୍ୟାରେ ପୁଣି ସ୍ତ୍ରୀଙ୍କୁ ଫୋନ୍ କରିଥିଲେ ବିଦ୍ୟାଧର। କହିଥିଲେ, ଯାଜପୁର ଭଡ଼ା ମିଳିଥିବାରୁ ସେ ଯାଉଛନ୍ତି। ୧୬ ରାତି ୯ଟାରେ ବିଦ୍ୟାଧରଙ୍କ କାର୍ ମଙ୍ଗୁଳି ଟୋଲ ଗେଟ୍ ପାର୍ କରିଥିବା ଫାସ୍ ଟ୍ୟାଗ୍ ମେସେଜରୁ ଜଣାପଡ଼ିଥିଲା। ସେହିଭଳି ୧୭ ତାରିଖ ସକାଳ ୬ଟାରେ ପୁଣି ସେହି ମଙ୍ଗୁଳି ଟୋଲଗେଟ୍ କ୍ରସ୍ କରିଥିଲା। ଅର୍ଥାତ୍ ସେ ୧୭ ତାରିଖ ସକାଳୁ ଯାଜପୁରରୁ ଭୁବନେଶ୍ୱର ଫେରିଥିବା ଅନୁମାନ କରାଯାଉଛି। ବିଦ୍ୟାଧରଙ୍କ ସାନଭାଇଙ୍କ ମୋବାଇଲକୁ ଆସିଥିବା ଫାସଟ୍ୟାଗ୍ ମେସେଜରୁ ଏହା ସ୍ପଷ୍ଟ ହୋଇଛି। ତେବେ ୧୭ ତାରିଖ ଦିନ ବିଦ୍ୟାଧର ଘରକୁ ନଫେରିବାରୁ ପରିବାର ଲୋକ ସନ୍ଦେହ କରିଥିଲେ। ଏନେଇ ପରିବାର ଲୋକେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ତେବେ ଗତ ଦୁଇ ଦିନ ହେଲା କୌଣସି ଏକ ଅଜଣା ନମ୍ବରରୁ ବିଦ୍ୟାଧରଙ୍କ ପରିବାର ପାଖକୁ ଲଗାତର ଫୋନ୍ ଆସୁଥିଲା। ବିଦ୍ୟାଧରଙ୍କ ବଦଳରେ ୨ କୋଟି ଟଙ୍କା ଦାବି କରୁଥିଲେ ଅପହରଣକାରୀ। ଆଉ ଶନିବାର ସକାଳେ ଚ଼ନ୍ଦକା ରାସ୍ତାରେ ବିଦ୍ୟାଧରଙ୍କ କାର୍ ଠିଆ ହୋଇଥିବା ତାଙ୍କ ଗାଁର ଜଣେ ଡ୍ରାଇଭର ଦେଖିଥିଲେ। ସେଠାରେ ସେ ଅଟକି ଦେଖିବା ବେଳକୁ ରାସ୍ତାକଡ଼ ବୁଦା ମୂଳେ ବିଦ୍ୟାଧରଙ୍କ ମୃତଦେହ ପଡ଼ିଥିଲା। ଏହା ପରେ ପିସିଆର୍ ଭ୍ୟାନ୍ ଓ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବଡ଼ଗଡ଼ ଓ ଚ଼ନ୍ଦକା ଥାନା ପୋଲିସ ସହ ସାଇଂଟିଫିକ୍ ଟିମ୍ ପହଁଚି ତଦନ୍ତ ଆରମ୍ଭ କରିଛି। ବିଦ୍ୟାଧରଙ୍କ ବେକରେ ଏକ ଧଳା ଗାମୁଛା ଗୁଡ଼ାଇ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ମଧ୍ୟ ରହିଛି। ପାଖ ରାସ୍ତାରେ ଏକ କଳା ରଙ୍ଗର ଛତା ଓ ଏକ ମନିପର୍ସ ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ପୋଲିସ ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ତଦନ୍ତ ଜାରି ରଖିଛି। କିଏ ଓ କାହିଁକି ବିଦ୍ୟାଧରଙ୍କୁ ଅପହରଣ କରି ହତ୍ୟା କରିଛି ତାକୁ ନେଇ ପୋଲିସ ଖୋଳତାଡ଼ ଚ଼ଳାଇଛି। ସେପଟେ ଆଉ ଏହି ଘଟଣାର ଆଉ ଏକ ଦିଗ ମଧ୍ୟ ସାମ୍ନାକୁ ଆସିଛି। ଚ଼ାକିରି କରାଇଦେବାକୁ କହି ବିଦ୍ୟାଧର କିଛି ଲୋକଙ୍କ ଠାରୁ ଟଙ୍କା ନେଇଥିବା କୁହାଯାଉଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

## ୨୫୪ ଛାତ୍ରଛାତ୍ରୀ ଦେଲେ ନବମ ଶ୍ରେଣୀ ଏନ୍ଆରଟିଏସ୍ ପରୀକ୍ଷା



ବୁଗୁଡ଼ା (ନିପ୍ର): ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ଆଜି ନବମ ଶ୍ରେଣୀ ଜାତୀୟ ଗ୍ରାମୀଣ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟର ୨୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ପିପୁଲ୍ସ ହାଇସ୍କୁଲର ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା ଏବଂ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଓ କାହ୍ନୁ ଚରଣ ଗୌଡ ରହିଥିବା ବେଳେ , ଉଷାରାଣୀ ସିଂ, ବିଶ୍ୱେଶ୍ୱର ଗିରି, ସୁଚିତ୍ରା ବିଷୋୟୀ, ସିମାଞ୍ଚଳ ପାଇକ, ଶିବାନନ୍ଦ ସୁବୁଦ୍ଧି, ସସ୍ମିତା ତ୍ରିପାଠୀ ମମତା ଚୌଧୁରୀ ପ୍ରମୁଖ ଶିକ୍ଷକ-ଶିକ୍ଷୟିତ୍ରୀ କକ୍ଷ ନିରୀକ୍ଷକ ଭାବେ ନିୟୋଜିତ ଥିଲେ ।

## ଦିଲ୍ଲୀପ ନାୟକ ଗିରଫଦାରି ରାଜନୈତିକ ଷଡ଼ଯନ୍ତ୍ର !

ନିମାପଡ଼ା, (ନି.ପ୍ର.): ବିଜୁ ଜନତା ଦଳର ଗତ ୨୦୨୪ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଗିରଫ କରାଯିବା ନେଇ ନିମାପଡ଼ା ଜନସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗିରଫଦାରିକୁ ନିନ୍ଦା କରି ବିଜୁ ଜନତା ଦଳର ନେତା ମାନସ ପ୍ରଧାନ ଏହା ଏକ ରାଜନୈତିକ ଆକ୍ରୋଶ ଭଳି ସ୍ପଷ୍ଟ ବାରି ହୋଇପଡୁଛି ବୋଲି କହିଛନ୍ତି । କଂଗ୍ରେସ ବ୍ଲକ୍ ସଂଯୋଜକ କାଳନ୍ଦୀ ବାରିକ କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରେ ସଠିକ୍ ଘଟଣା ସାଧାରଣ ଜନତା ଜାଣି ପାରିବେ । ବରିଷ୍ଠ ସିପିଆଇ ନେତା ଦେବେନ୍ଦ୍ର ସାହୁ ଅଭିଯୋଗର ସତ୍ୟାସତ୍ୟ ଅନୁସନ୍ଧାନ ନିମନ୍ତେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି ଗିରଫଦାରିକୁ ଯଥାର୍ଥ ଦର୍ଶାଇ ଯିଏ ଯେଭଳି କର୍ମ କରିବ ତା'ଫଳ ସେ ପାଇବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ତେବେ ଗିରଫଦାରୀକୁ ନେଇ ଅନେକ ନେତୃବର୍ଗ ଘଟଣା ସଂକ୍ରାନ୍ତରେ କ୍ରାଇମ୍‌ବ୍ରାଞ୍ଚ ସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ତଦନ୍ତ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରନ୍ତା ବୋଲି ମତବ୍ୟକ୍ତ କରିଛନ୍ତି।

## କର୍କଟ ରୋଗ ସଚେତନତା ଶିବିର

ଆସିକା (ନିପ୍ର): ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ କର୍କଟ ରୋଗ ସଚେତନତା ଶିବିର ଅଧାପକ ଗଣେଶ୍ୱର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଯୁବ ରେଡ଼କ୍ରସ ବାହିନୀ ସଂଯୋଜିକା ଡ଼ ଲିନା ଲିଳୀୟାନଙ୍କ ସଂଯୋଜନା କରିଥିଲେ। ଏହି ଶିବିରରେ ଭୁବନେଶ୍ୱର ଉତ୍କଳ ହସ୍ପିଟାଲର ଅଙ୍କଲୋଜିଷ୍ଟ ସର୍ଜନ ଡାକ୍ତର ରଞ୍ଜନ କୁମାର ମହାନ୍ତି ସ୍ତ୍ରୀ କର୍କଟ ଓ ତାର ଚିକିତ୍ସା ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମେଡିକାଲ ପ୍ରତିନିଧି ଦେବାଶିଷ ସେଠୀ ଓ ସଞ୍ଜୟ କୁମାର ପୃଷ୍ଟି ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟ ସମସ୍ତ ଛାତ୍ର ଛାତ୍ରୀ ଅଧାପକ ଓ ଅଧାପିକା ଅଂଶଗ୍ରହଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ ମେଳା

ବୁଗୁଡା,(ନିପ୍ର): ବୁଗୁଡା ବ୍ଲକ ଅନ୍ତର୍ଗତ ବେଠିଆ ବୋରଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ୬୧ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଏମଏସ ଅଧ୍ୟକ୍ଷା ସୁଲୋଚନା ସ୍ୱାଇଁ, କାନସୁକା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରା ଓ ସିଆରସିସି ଦିଲ୍ଲୀପ କୁମାର ବେହେରା ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରଛାତ୍ରୀଙ୍କୁ ବହୁ ମୂଲ୍ୟବାନ ଉପଦେଶ ଦେବା ସହ ସେମାନଙ୍କୁ ପୋଷାକ ବଣ୍ଟନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ନୀଳାଦ୍ରି ବିହାରୀ ପ୍ରଧାନ ଓ ସୀତାରାମ ତ୍ରିପାଠୀ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଅଭିଭାବକ ବୃନ୍ଦ ଓ ପରିଚାଳନା କମିଟି ସଭ୍ୟ/ସଭ୍ୟା ବୃନ୍ଦ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବାଇକ ଚୋର ଗିରଫ

ଭୁବନେଶ୍ୱର,(ନିପ୍ର): ଖଣ୍ଡଗିରି ଥାନା ପୋଲିସ ଶନିବାର ଜଣେ ବାଇକ ଚୋରକୁ ଗିରଫ କରିଛି। ଗିରଫ ବାଇକ ଚୋରର ନାମ ସାଗର ପାହାଡସିଂ (୨୮) ଓ ତାଙ୍କ ଘର ନୟାଗଡ ଜିଲ୍ଲା ଚ଼ନ୍ଦନପୁରରେ ବୋଲି ଜଣାପଡିଛି। ଏନେଇ ନବକିଶୋର ଗୋଛି ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଏମ୍ସ ରାସ୍ତାରେ ଅନ୍ନପୂର୍ଣ୍ଣା ହୋଟେଲ ନାମରେ ଅଭିଯୋଗକାରୀଙ୍କର ଏକ ହୋଟେଲ ଅଛି। ଘଟଣାଦିନ ସେ ନିଜ ବାଇକକୁ ହୋଟେଲ ସମ୍ମୁଖରେ ପାର୍କିଂ କରି ଭିତରେ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସାଗର ତାଙ୍କ ବାଇକକୁ ସେଠାରୁ କୌଶଳକ୍ରମେ ଚୋରିକରି ନେଇଯାଇଥିଲେ। ଅଭିଯୋଗକାରୀ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ କରିବା ସହ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲା। ତଦନ୍ତ ଚ଼ାଲିଥିବା ବେଳେ, ଏକ ବିଶ୍ୱସ୍ତସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ଚ଼ଢଉ କରିବା ସହ ଅଭିଯୁକ୍ତ ସାଗର ପାହାଡସିଂହଙ୍କୁ ପୋଲିସ ଶନିବାର ବରମୁଣ୍ଡା ଅଞ୍ଚଳରୁ କାବୁ କରିବାରେ ସକ୍ଷମ ହୋଇଛି।

## ଯୌନ ନିର୍ଯାତନା ନିବାରଣ ସଚେତନ ଶିବିର

କାଶୀନଗର(ନିପ୍ର): କାଶୀନଗର ପଞ୍ଚାୟତ ସମିତି ବୈଠକ ଗୃହ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ସି ଡ଼ି ପି ଓ କେ.କୋଟେଶ୍ୱରୀ ଙ୍କ ଅଧ୍ୟକ୍ଷତା ରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ରେ କାଶୀନଗର ପୋଲିସ ବିଭାଗ ର ସେକେଣ୍ଡ ଅଫିସର ଆଲୋକ ଜଗଦଲ, ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ର ଇଂରାଜୀ ଅଧାପକ ବିଶୋଇ ବାବୁ, ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ ମଞ୍ଚାସୀନ ହୋଇ ମୁଖ୍ୟତଃ କନ୍ୟା ରତ୍ନ ଏବଂ କିଶୋରୀଙ୍କ ମାନସିକ, ଶାରୀରିକ ବିକାଶ ରେ ଭୂମିକା, ବାଲ୍ୟ ବିବାହ ସହ ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ରେ ନାରୀ ନିର୍ଯାତନା କୁ ରୋକିବା ନିମନ୍ତେ ଏକ ସୁରକ୍ଷା କମିଟି ଗଠନ ଉପରେ ଗୁରୁତ୍ୱ ଦେଇଥିଲେ।

## ସ୍ୱଚ୍ଛତା ହିଁ ସେବା ତାଲିମ କାର୍ଯ୍ୟକ୍ରମ

ହିଞ୍ଜିଳିକାଟୁ,(ନି.ପ୍ର): ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ନିର୍ଦ୍ଦେଶ କ୍ରମେ ଶନିବାର ଦିନ ହିଞ୍ଜିଳିକାଟୁ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଦିବସୀୟ ସ୍ୱଚ୍ଛତା ହିଁ ସେବା ତାଲିମ ଅନୁସାରେ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜନ ପ୍ରତିନିଧି ଓ ଗ୍ରାମ୍ୟ ପରିମଳ କର୍ମଚାରୀ ପ୍ରମୁଖ ସମିତି କାର୍ଯ୍ୟାଳୟ ପରିସରରେ ଯୋଗ ଦେଇଥିଲେ।

### ଅବକାରୀ ମାମଲା

## ୫ବର୍ଷରେ ୨୧୨ ଜଣ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର,(ନିପ୍ର): ଅବକାରୀ ମାମଲାରେ ଗତ ୫ବର୍ଷ ମଧ୍ୟରେ ୨୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ୨୦ ହଜାରରୁ ଅଧିକ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଗତ ୫ବର୍ଷ ମଧ୍ୟରେ ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ଅବକାରୀ ମାମଲାରେ ୨୧୨ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଦେବଗଡ ଜିଲ୍ଲାରେ ସର୍ବାଧିକ ୧୨୪ ଜଣ ଥିବାବେଳେ ବଲାଙ୍ଗିର ଜିଲ୍ଲାରେ ୪୪ଜଣ, ଅନୁଗୁଳରେ ୩୧ଜଣ, ଗଜପତିରେ ୧୦ଜଣ ଓ ବୌଦ୍ଧରେ ୩ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଅନ୍ୟ ଜିଲ୍ଲାଗୁଡିକରେ ଜଣେ ହେଲେ କେହି ଅବକାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ନାହାନ୍ତି । ତେବେ ଏହି ସମୟ ମଧ୍ୟରେ ୨୦,୧୬୫ ଜଣ ଅବକାରୀ ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଖଲାସଙ୍କ ମଧ୍ୟରେ ସର୍ବାଧିକ ୩୨୯୨ ଜଣ ବାଲେଶ୍ୱର ଜିଲ୍ଲାର ଥିବାବେଳେ ୨୨୩୨ ଜଣ ଢେଙ୍କନାଳରେ, ୨୧୯୮ଜଣ ଦେବଗଡରେ, ୧୯୬୭ଜଣ ବ୍ରହ୍ମପୁରରେ ୧୬୬୦ ଜଣ ଭଦ୍ରକରେ ଖଲାସ ହୋଇଛନ୍ତି । ସବୁଠାରୁ କମ ୧୨୯ଜଣ ଅନୁଗୁଳ ଜିଲ୍ଲାରେ ଖଲାସ ହୋଇଛନ୍ତି ।

## ଜମି ଅଧିଗ୍ରହଣ ପାଇଁ ପ୍ରଶାସନର ନୋଟିସ

ଡେରାବିଶ,(ନି:ପ୍ର): ଡେରାବିଶ ତହସିଲ ଅନ୍ତର୍ଗତ ତିଳକପୁର ରାଜସ୍ୱ ମୌଜା ଠାରେ ପ୍ରସ୍ତାବିତ ଉଦ୍ୟୋଗ କ୍ଷେତ୍ର ପାଇଁ ଜମି ଅଧିଗ୍ରହଣ କରାଯିବ । ଏଥିପାଇଁ ଅଞ୍ଚଳର ୧୧୫.୮୩୧ ବେସରକାରୀ ଜମି ଅଧିଗ୍ରହଣ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସୂଚନା ଫଳକ ଲଗାଯାଇଥିବା ବେଳେ ଜନସାଧାରଣ ଆଶା ଓ ଆଶଙ୍କା ଭିତରେ ରହିଛନ୍ତି। ସୂଚନାରୁ ପ୍ରକାଶ ଯେ ଡେରାବିଶ ତହସିଲ ଅଧିନ ଚାଟରାଚକଡା ପଞ୍ଚାୟତର ଚାଟରା ଓ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁର ଗ୍ରାମର ଚାଷଜମିକୁ ଅଧିଗ୍ରହଣ ପାଇଁ ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦୁଇ ପଞ୍ଚାୟତର ସର୍ବସାଧାରଣ ସ୍ଥାନରେ ନୋଟିସ ମରାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଞ୍ଚଳର କିଛି ଚାଷୀ ବହୁ ଗୋଚର ଜମିଥିବା ବେଳେ ପ୍ରଶାସନ କାହିଁକି ଚାଷଜମି ଅଧିଗ୍ରହଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ଅଧିଗ୍ରହଣରୁ ନିବୃତ୍ତ ରହିବା ପାଇଁ ଗ୍ରାମବାସୀ ତହସିଲଦାରଙ୍କୁ ନିବେଦନ କରିଛନ୍ତି। କେତେକ ଚାଷୀ ସରକାରୀ ଉଦ୍ୟୋଗ ପ୍ରତିଷ୍ଠା ହେଲେ ଅଞ୍ଚଳର ଉନ୍ନତି ହେବା ସହ ଅଞ୍ଚଳର ବେକାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମତ ଦେଇଛନ୍ତି। ଏ ସମ୍ପର୍କରେ ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ପଚାରିବାରୁ ଇଡକୋ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ୧୧୫ ଏକର ଜମି ଅଧିଗ୍ରହଣ ପାଇଁ ଜିଲ୍ଲାପାଳଙ୍କ ଚିଠି ଆସିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜମି ଅଧିଗ୍ରହଣ ପାଇଁ ଏହି ଦୁଇ ଗ୍ରାମବାସୀଙ୍କୁ ନୋଟିସ ଦିଆଯାଇଛି। ତେବେ ଏ ସମ୍ପର୍କରେ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହେବା ସହିତ ଅଧିକୃତ ଜମି ଇଡକୋକୁ ହସ୍ତାନ୍ତର କରାଯିବ ବୋଲି ତହସିଲଦାର ଶ୍ରୀ ନାୟକ କହିଛନ୍ତି।

### ଶୁଭମିତ୍ରା ହତ୍ୟା ମାମଲା

## ଜେସିବି ଡ୍ରାଇଭର ଓ ମାଲିକଙ୍କୁ ଜେରା

ଭୁବନେଶ୍ୱର,(ନିପ୍ର): କନଷ୍ଟେବଳ ଶୁଭମିତ୍ରା ହତ୍ୟା ମାମଲାର ତଦନ୍ତ ପାଇଁ କେନ୍ଦୁଝରରେ ପହଞ୍ଚିଛି କମିଶନରେଟ ପୁଲିସ। ଶନିବାର କମିଶନରେଟ ପୁଲିସର ଏକ ଟିମ୍ କେନ୍ଦୁଝରର ଘଟଗାଁ ଅଞ୍ଚଳକୁ ଯାଇ ତଦନ୍ତ କରିଛି। ଶୁଭମିତ୍ରାଙ୍କ ମୃତଦେହ ପୋତିବା ଲାଗି ଯେଉଁ ଜେସିବି ସାହାଯ୍ୟରେ ଗାତ ଖୋଳାଯାଇଥିଲା ତାହାର ଡ୍ରାଇଭର ଏବଂ ମାଲିକକୁ ପୋଲିସ ଜେରା କରିଥିବା ସୂଚନା ମିଳିଛି। ଏହି ହତ୍ୟା ମାମଲାରେ ଜେସିବି ଡ୍ରାଇଭର ଓ ମାଲିକଙ୍କ ଭୂମିକା କ'ଣ ରହିଛି ତାହାର ଖୋଳତାଡ଼ କରୁଛି ପୋଲିସ। ସୂଚନା ଅନୁସାରେ, ପୁଲିସ କମିଶନରଙ୍କ କାର୍ଯ୍ୟାଳୟର ଆକାଉଣ୍ଟ ବିଭାଗରେ କିରାଣି ଭାବେ କାର୍ଯ୍ୟ କରୁଥିବା ଦୀପକ ରାଉତ ଶୁଭମିତ୍ରାଙ୍କୁ ହତ୍ୟା କରିଥିଲେ। ଟଙ୍କା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ଶୁଭମିତ୍ରାଙ୍କୁ ହତ୍ୟା ପରେ ଅଭିଯୁକ୍ତ ଦୀପକ ମୃତଦେହକୁ ଘଟଗାଁ ନେଇ ସେଠାରେ ଏକ ଜଙ୍ଗଲ ଅଞ୍ଚଳରେ ଗାତ ଖୋଳି ପୋତି ଦେଇଥିଲା। ପୂର୍ବ ଯୋଜନା ମୁତାବକ ଦୀପକ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଏହି ଘଟଣାରେ ତା'ର ଦୁଇ ସହଯୋଗୀକୁ ବି ପୋଲିସ ଗିରଫ କରିଥିଲା।

## ମୋବାଇଲ ଚୋରି ଘଟଣାରେ ଜଣେ ଗିରଫ

କଟକ(ନିପ୍ର) : ମୋବାଇଲ ଚୋରି କରି ଅନ୍ୟକୁ ବିକିବା ଘଟଣାରେ ଦରଘାବଜାର ଥାନା ପୋଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ସ୍ଥାନୀୟ ଦରଘା ବଜାର ଥାନା ଅନ୍ତର୍ଗତ ରକି ଟେଲର ଗଳିର ଟି.ଝାଣ୍ଟୁ ଓରଫ ଟି ଭେଙ୍କଟେସ ରାଓ (୩୫) । ଅଭିଯୁକ୍ତଠାରୁ ପୋଲିସ ୧୦ଟି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରେ ପୋଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଦରଘାବଜାର ଥାନା ପୋଲିସ କୌଣସି ଏକ ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଥିଲା ଯେ, ଗୌରୀଶଙ୍କର ପାର୍କ ପଛରେ ଏକ ବ୍ୟକ୍ତି ବ୍ୟାଗରେ ଚୋରି ମୋବାଇଲ ଧରି ଠିଆ ହୋଇଛି । ସଂପୃକ୍ତ ବ୍ୟକ୍ତି ଅଜଣା ଗ୍ରାହକଙ୍କୁ ମୋବାଇଲ ବିକିବାକୁ ଉଦ୍ୟମ କରୁଥିବାବେଳେ ଦରଘାବଜାର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ଟି ଭେଙ୍କେଟସକୁ ଘଟଣା ସ୍ଥଳରୁ ଗିରଫ କରିଥିଲା । ତା ନିକଟରୁ ପୋଲିସ ୧୦ଟି ମୋବାଇଲ ଫୋନ ଜବତ କରିଥିଲା । ମୋବାଇଲ ଫୋନର ମାଲିକାନା କାଗଜପତ୍ର ସଂପର୍କରେ ଅଭିଯୁକ୍ତ ଭେଙ୍କେଟେସ କୌଣସି ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରିନଥିଲା। ପଚରାଉଚରା ପରେ ସେ କଟକର ବିଭିନ୍ନ ସ୍ଥାନରୁ ମୋବାଇଲ ଫୋନ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲା ।

## ରକ୍ତଦାନ ଶିବିରରେ ୭୮ ୟୁନିଟ ସଂଗ୍ରହ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କବରୀବାହାଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଇଁ ସେବାପକ୍ଷ ପାଳନ ଅବସରରେ ଭାଜପାର କେଶାଇବାହାଲ ମଣ୍ଡଳ ତରଫରୁ ଶନିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାଶ,କେଶାଇବାହାଲ ମଣ୍ଡଳ ସଭାପତି ବାବୁଲୁ ସାହୁ, ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୭୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଜଗନ୍ନାଥ ସଂସ୍କୃତି ପରିଷଦ ବାର୍ଷିକ ସାଧାରଣ ସଭା

ଭଦ୍ରକ(ନିପ୍ର) : ପ୍ରାକ୍ତନ ବିଧାୟିକା ସଂଜିତା ମହାନ୍ତିଙ୍କ ତତ୍ୱାବଧାନରେ ପରିଚାଳିତ ଶ୍ରୀଜଗନ୍ନାଥ ଚେତନା ସଂସ୍କୃତି ପରିଷଦର ବାର୍ଷିକ ସାଧାରଣ ଅଧିବେସନରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ କର୍ମକର୍ତା ଗଣ ଯୋଗଦାନ କରିଥିଲେ। ଭୁବନେଶ୍ୱରସ୍ଥ ଶ୍ରୀଜୟଦେବ ଭବନ ପରିସରରେ ଅନୁଷ୍ଠିତ ରାଷ୍ଟ୍ରସ୍ତରୀୟ ଅଧିବେସନରେ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ସହ ଅବାହକ ବାବୁଲାଲ ଦାସ, ଉପଦେଷ୍ଟା ସ୍ନେହାଶିଷ ପଣ୍ଡା, ରଘୁନାଥ ଦାଶ, ରବିନ୍ଦ୍ର ସାହୁ, ସନ୍ତୋଷ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

## ଯୁବକଙ୍କୁ ହାଣି ହତ୍ୟା

ବଲାଙ୍ଗୀର(ନିପ୍ର) : ବଲାଙ୍ଗୀର ଜିଲ୍ଲା ଟାଉନ୍ ଥାନା ଅଞ୍ଚଳରେ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଖଦାଳପଡାରେ ଜଣେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି। ହତ୍ୟା କରିବା ପରେ ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ଜଣାପଡିନଥିବାବେଳେ ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।

## ଧଳା ଜହର ବେପାରୀଙ୍କୁ ଧରିଲା ନନ୍ଦିପଦା ପୋଲିସ

କେନ୍ଦୁଝର, (ନିପ୍ର): ୯୭ ଗ୍ରାମ ବ୍ରାଉନ ସୁଗାର ସହ ଜଣେ ଗିରଫ। ଦୀର୍ଘଦିନ ଧରି ଧଳା ଜହର କାରବାରର ହବ ପାଲଟିଥିବା ହାଟଡିହି ଅଞ୍ଚଳରୁ ପୁଣି ଜଣେ ଧଳାଜହର ବେପାରୀଙ୍କୁ ଧରିଲା ପୋଲିସ। ଧରାପଡ଼ିଥିବା ଯୁବକ ହେଲେ ଭଦ୍ରକ ଜିଲ୍ଲାର କଂଟାପଡ଼ା ଗାଁର ଯୁବକ କାଳନ୍ଦୀ ଦାସଙ୍କ ସାନପୁଅ ରତନ ଦାସ ବୟସ ୩୭। ତାଙ୍କ ନିକଟରୁ ୯୭ ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ନନ୍ଦିପଦା ପୋଲିସ ୨୭୮/୨୫ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି।

## ଦୁଇ ଗଞ୍ଜେଇ ବେପାରୀ କୋର୍ଟଚାଲାଣ

କୋରେଇ,(ନିପ୍ର): ଅପରେସନ ପ୍ରହାର ମାଧ୍ୟମରେ ନିଶା ବେପାରୀଙ୍କୁ ଧରି ଜେଲ୍‌ରେ ପୁରାଇବା ଲାଗି ଯାଜପୁର ଏସ୍‌ପି ସମସ୍ତ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପାଣିକୋଇଲି ଥାନାଧିକାରୀ ଆଜି ଦୁଇ ଜଣ ଗଞ୍ଜେଇ ବେପାରିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ବାବାଜୀ ନାଥଙ୍କ ପୁଅ କୃପାସିନ୍ଧୁ ଓରଫ ଧନିଆକୁ ସୋତି ନିକଟସ୍ଥ ପାନ ଦୋକାନରୁ ଧରି ଥାନାରେ ଅଟକ ରଖିବା ସହିତ ତା' ନିକଟରୁ ୧.୩୬୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି । ଏନେଇ ଏକ ମାମଲା ୩୦୪/୨୫ ରୁଜୁ କରାଯାଇଥିଲା ।

## ସୁନାଚେନ ଲୁଟେରା ଗିରଫ

ଭୁବନେଶ୍ୱର,(ନିପ୍ର): ଖଣ୍ଡଗିରି ଥାନା ପୋଲିସ ଶନିବାର ଜଣେ ଚେନ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଲୁଟେରାଙ୍କ ନାମ ବିଜୟ କୁମାର ସାହୁ (୫୧) ଓ ତାଙ୍କ ଘର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡିଆ ବସ୍ତିରେ ବୋଲି ଜଣାପଡିଛି। ଏନେଇ ଅଭିଯୋଗକାରିଣୀ ବନସ୍ମିତା ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଜଣକ ସିଦ୍ଧେଶ୍ୱର ନଗର ଅନ୍ତର୍ଗତ ପ୍ରମେୟ ଗଳିରେ ରୁହନ୍ତି । ଗତ ୧୨ ତାରିଖ ଦିନ ସକାଳ ସମୟରେ ଅଭିଯୋଗକାରିଣୀଙ୍କ ଶାଶୁ ରାସ୍ତା ଉପରେ ସ୍କୁଲ ବସକୁ ଅପେକ୍ଷା କରିଥିବା ବେଳେ, ଅଭିଯୁକ୍ତ ଜଣକ ଏକ ସ୍କୁଟି ଯୋଗେ ପାଖକୁ ଆସି ଫୁଲ ଯାଚ଼ି ଥିଲେ ଏବଂ ସୁଯୋଗ ଦେଖି ତାଙ୍କ ବେକରୁ ୨୫ ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ଘଟଣାସ୍ଥଳରୁ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ । ଏନେଇ ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲାର ତଦନ୍ତ କରିବା ସହ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିଥିଲା। ତଦନ୍ତ ଚ଼ାଲିଥିବା ବେଳେ, ବିଶ୍ୱସ୍ତ ଏକ ସୂତ୍ରରୁ ମିଳିଥିବା ସୂଚ଼ନା ଆଧାରରେ ଚ଼ଢଉ କରିବା ସହ ଅଭିଯୁକ୍ତ ବିଜୟ କୁମାର ସାହୁଙ୍କୁ ପୋଲିସ ଶନିବାର ତାଙ୍କ ଘରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଏକ ସୁନା ଚେନ ଏବଂ ଘଟଣାରେ ବ୍ୟବହୃତ ଯାନକୁ ଜବତ କରାଯାଇଛି। ଅଭିଯୁକ୍ତ ବିଜୟ କୁମାର ସାହୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୧୪ଟି ଅପରାଧିକ ମାମଲା ରହିଥିବା, ପୋଲିସ ଜାଣିବାକୁ ପାଇଛି ।

## ଏନସିସି ତାଲିମ ନେଇ କୃତିତ୍ୱ ହାସଲ କରିଥିବାରୁ ସମ୍ବର୍ଦ୍ଧନା



କାଶୀନଗର(ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟର ରାସାୟନିକ ବିଜ୍ଞାନ ପଢୁଥିବା ଜଣେ ଛାତ୍ରୀ ବୁରା ହେମା ଦିଲ୍ଲୀରେ ଚାଲିଥିବା ଆଭା ଏନ ସି ସି କ୍ୟାମ୍ପରେ ଗଜପତି ଜିଲ୍ଲା ତରଫରୁ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରି ସେଠାରେ ପ୍ରଶିକ୍ଷଣର ସାତୋଟି ବିଭାଗ ଯେପରି ବନ୍ଧୁକ ଚାଳନା, ପ୍ରତିରୋଧ କୌଶଳ ସହ ଶତ୍ରୁ ପକ୍ଷର ମାନଚିତ୍ର ଚିହ୍ନଟ ପ୍ରକ୍ରିୟା ବିଷୟରେ କୃତିତ୍ୱର ସହ ତାଲିମ ନେଇ ପ୍ରଶଂସା ର ପାତ୍ରୀ ହୋଇପାରିଛନ୍ତି। ତାଙ୍କର ଏହି ପନ୍ଦର ଦିନିଆ ତାଲିମ ଶିବିରରୁ ଫେରିବା ପରେ ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲି,ଏନ ସି ସି ଅଫିସର ଓ ସମସ୍ତ ଷ୍ଟାଫ ସହ ତାଙ୍କ ପିତା ବୁରା ରାମ କ୍ରିଷ୍ଣା ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି ଭାରତ: ଡକ୍ଟର ପି.କେ ମିଶ୍ର

ଭୁବନେଶ୍ୱର/ନୂଆଦିଲ୍ଲୀ,(ପିଆଇବି): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର ଆଜି ଭାରତୀୟ ପ୍ରବନ୍ଧନ ପ୍ରତିଷ୍ଠାନ (ଆଇଆଇଏମ), ମୁମ୍ବାଇର ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରିଛନ୍ତି। ଭାରତର ଅଗ୍ରଣୀ ଆଇଆଇଏମଗୁଡ଼ିକ ମଧ୍ୟରେ ଷଷ୍ଠ ସ୍ଥାନ ହାସଲ କରିଥିବାରୁ ସେ ଶିକ୍ଷାନୁଷ୍ଠାନକୁ ପ୍ରଶଂସା କରିବା ସହିତ ଡିଗ୍ରୀ ହାସଲ କରିଥିବା ସ୍ନାତକୋତ୍ତର ଏବଂ



ପିଏଚଡି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କର ସଫଳତାରେ ଶିକ୍ଷକ, ମାତାପିତା ଏବଂ ସାଥୀମାନଙ୍କର ସ୍ନେହ, ସହଯୋଗ ଏବଂ ମାର୍ଗଦର୍ଶନ ରହିଥିବା ଡକ୍ଟର ମିଶ୍ର ଉଲ୍ଲେଖ କରିଛନ୍ତି। ତାଙ୍କର ଅଭିଭାଷଣରେ, ବର୍ତ୍ତମାନର ଆର୍ଥିକ ପରିଦୃଶ୍ୟରେ ଦେଖା ଦେଇଥିବା ଜଟିଳତା, କୋଭିଡ ୧୯ ମହାମାରୀ, ବାଣିଜ୍ୟ ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଯୁକ୍ତିଗତ ବାଧକ ଭଳି ବିଶ୍ୱସ୍ତରୀୟ ସମସ୍ୟା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ଏସବୁ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ୨୦୪୭ ସଂକଳ୍ପକୁ ସାକାର କରିବା ଲାଗି ଭାରତ "ସଂସ୍କାର, ପ୍ରଦର୍ଶନ ଏବଂ ପରିବର୍ତ୍ତନ"ର ମନ୍ତ୍ର ନେଇ ସାହସ ଏବଂ ଆତ୍ମବିଶ୍ୱାସର ସହିତ ଆଗକୁ ବଢୁଛି। ଡକ୍ଟର ମିଶ୍ର କହିଛନ୍ତି, ଭାରତ ନବସୃଜନ କ୍ଷେତ୍ରରେ ବିଶ୍ୱର ଏକ ପ୍ରମୁଖ ରାଷ୍ଟ୍ର ରୂପେ ପରିଣତ ହୋଇଛି । ଏବେ ଦେଶରେ ୧୦୦ରୁ ଅଧିକ ୟୁନିକର୍ଣ୍ଣ ଏବଂ ୧.୯ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛି। ଏହା ସହିତ ସରକାର ୧ ଲକ୍ଷ କୋଟି ଟଙ୍କାର ଅନୁସନ୍ଧାନ ଜାତୀୟ ଗବେଷଣା ଫଣ୍ଡ, ଇଣ୍ଡିଆ ଏଆଇମିଶ ଏବଂ ଡିପ୍ ଟେକ୍ ଫଣ୍ଡ ଅଫ୍ ଫଣ୍ଡସର ଶୁଭାରମ୍ଭ କରିଛନ୍ତି । ମାନବ ସମ୍ବଳ ବିକାଶ ଉପରେ ଡକ୍ଟର ମିଶ୍ର କହିଛନ୍ତି ବୈଷୟିକ ଦକ୍ଷତା ଯଥେଷ୍ଟ ନୁହେଁ, ଆଭିମୁଖ୍ୟ, ଦଳଗତ କାର୍ଯ୍ୟ, ମୁକ୍ତଭାବନା, ଆପୋସ ସମ୍ମାନ, ସହୃଦୟତା, ନୈତିକତା, ପାରଦର୍ଶିତା ଏବଂ ନିଷ୍ଠା ମଧ୍ୟ ଜରୁରୀ। ବ୍ୟକ୍ତିଗତ ଦକ୍ଷତା ଅପେକ୍ଷା ଦଳଗତ ଭାବନା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ନିରନ୍ତର ଶିକ୍ଷା ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଜ୍ଞାନ ହିଁ କେବଳ ପରିବର୍ତ୍ତିତ ବିଶ୍ୱ ପାଇଁ ଉପଯୋଗୀ ବୋଲି ସେ କହିଛନ୍ତି।




# ବିଧାନସଭା ହାଲଚାଲ



## ଭୁବନେଶ୍ୱରରେ ନିର୍ମାଣ ହେବ ସୁଭଦ୍ରା ଶକ୍ତି ବଜାର

ଭୁବନେଶ୍ୱର,୨୦।୯: ଭୁବନେଶ୍ୱରରେନିର୍ମାଣ ହେବ ସୁଭଦ୍ରା ଶକ୍ତି ବଜାର । ପ୍ରତ୍ୟେକ ଜିଲ୍ଲାରେ ସୁଭଦ୍ରା ଶକ୍ତି ବଜାର ବି ପ୍ରତିଷ୍ଠା କରିବେ ରାଜ୍ୟ ସରକାର । ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତଉତ୍ପାଦଗୁଡ଼ିକୁ ବଜାରୀକରଣ କରିବା ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟସରକାର ବର୍ତ୍ତମାନ ସୁଦ୍ଧା ୧୬ ଲକ୍ଷ ୩୬ ହଜାର 'ଲକ୍ଷପତି ଦିଦି ସୃଷ୍ଟି କରିଛନ୍ତି । ଲକ୍ଷପତି ଦିଦି ଯୋଜନା କେବଳ ଗ୍ରାମାଞ୍ଚଳରେ ସୀମିତ, ତେଣୁ 'ରାଉରକେଲା' ସହରାଞ୍ଚଳରେ କୌଣସି ଲଖପତି ଦିଦି ଚିହ୍ନଟ ହୋଇନାହିଁ ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ୩,୫୨,୭୩୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧୭,୪୫୪.୭୪ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ବିଧାନସଭାରେ ଏପରି ଲିଖିତ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ: ଖୁବଶୀଘ୍ର ଗାଇଡଲାଇନ

ଭୁବନେଶ୍ୱର: ଶ୍ରୀମନ୍ଦିରରେଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଖୁବଶୀଘ୍ର ପ୍ରସ୍ତୁତ ହେବ ଗାଇଡଲାଇନ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ଦର୍ଶନ ନେଇ ପରିଚାଳନା କମିଟି ଅନୁମୋଦନ କରିଛନ୍ତି । ଧାଡ଼ି ଦର୍ଶନବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନକରିବାକୁ ପରିଚାଳନା କମିଟିକୁ ପ୍ରସ୍ତାବ ଦିଆଯାଇଛି । ଏ ନେଇ ସବ୍‌କମିଟି ସେବକ ନିଯୋଗଙ୍କ ସହଆଲୋଚନା କରିବେ । ଯେମିତି ଶ୍ରୀଜିଉଙ୍କ ନୀତିକାନ୍ତି ପ୍ରଭାବିତ ହେବନାହିଁ ସେହି ଅନୁସାରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରିବେ । ଏହି ମାର୍ଗଦର୍ଶିକା ଆଧାରରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛି କମିଟି । ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ।

## ନିର୍ମାଣ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର: ବଦଳିବ ଲୋକସେବା ଭବନର ଠିକଣା । ନିର୍ମାଣ ହେବ ନୂଆ ଲୋକସେବା ଭବନ । ମାଷ୍ଟର ପ୍ଲାନ ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ଦିଆଯାଇଛି ଦାୟିତ୍ୱ । ମାଷ୍ଟର ପ୍ଲାନ ଅନୁମୋଦନ ପରେ ହେବ ବ୍ୟୟ ଅଟକଳ । ବର୍ତ୍ତମାନର ଲୋକସେବା ଭବନ ୬୮ ବର୍ଷ ପୁରୁଣା ହୋଇଥିବା ବେଳେ ପାର୍କିଂ ସମସ୍ୟା ରହୁଥିବାରୁ ନୂଆ ଲୋକସେବା ଭବନ ନିର୍ମାଣ ପାଇଁ ଚିନ୍ତା କରିଛନ୍ତି ସରକାର। ବିଧାନସଭାରେ ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏପରି ଉତ୍ତର ରଖିଛନ୍ତି । ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି,' ଲୋକସେବା ଭବନକୁ ଅନ୍ୟତ୍ର ସ୍ଥାନାନ୍ତରିତ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସରକାର ଭୁବନେଶ୍ୱରରେ ଥିବା ଲୋକସେବା ଭବନ ଏବଂ ବିଧାନସଭା କୋଠାଗୁଡ଼ିକର ପୁନଃନିର୍ମାଣ ପାଇଁ ଯୋଜନା ଘୋଷଣା କରିଛନ୍ତି । ଆଧୁନିକରଣ ଯୋଜନାରେ ଆବଶ୍ୟକତା ଏବଂ ସୌନ୍ଦର୍ଯ୍ୟକୁ ପୂରଣ କରିବା ପାଇଁ ଏହି କୋଠାଗୁଡ଼ିକୁ କିପରି ପୁନଃଆକାର ଦିଆଯିବ ତାହା ସରକାର ମୂଲ୍ୟାଙ୍କନ କରୁଛନ୍ତି। ଅତ୍ୟାଧୁନିକ ଡିଜାଇନ୍ ଏବଂ କାର୍ଯ୍ୟକାରିତାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ନୂତନ ସାଂରଚନିକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର।'

## ୯,୮୭୭ ଶିଶୁ ଗୁରୁତର କୁପୋଷଣର ଶିକାର

ଭୁବନେଶ୍ୱର,୨୦।୯: ଓଡ଼ିଶାରେ ୯,୮୭୭ ଶିଶୁ ଗୁରୁତର ତୀବ୍ର କୁପୋଷଣର ଶିକାର ଓଡିଶାର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ରାଜ୍ୟ ସାରା ୬ ମାସରୁ ୫ ବର୍ଷ ବୟସର ୯,୮୭୭ ଶିଶୁ ବର୍ତ୍ତମାନ ଗୁରୁତର କୁପୋଷଣ ରେ ପୀଡିତ ।ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ପ୍ରଦାନ କରାଯାଇଛି ।ଜିଲ୍ଲାଗୁଡ଼ିକ ମଧ୍ୟରେ, ମୟୂରଭଞ୍ଜ ସର୍ବାଧିକ କୁପୋଷଣ ମାମଲା ରେକର୍ଡ କରିଛି, ଯେଉଁଥିରେ ୧,୦୭୫ ଶିଶୁ ପ୍ରଭାବିତ ହୋଇଛନ୍ତି। ମନ୍ତ୍ରୀ ପୁଷ୍ଟିହୀନତା ମୁକାବିଲା ପାଇଁ ଅନେକ ଚାଲୁଥିବା ପୁଷ୍ଟିକର ପଦକ୍ଷେପ ବିଷୟରେ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ପରିପୂରକ ପୁଷ୍ଟିକର ଯୋଜନା ଅନ୍ତର୍ଭୁକ୍ତ, ଯାହା ପ୍ରତିବର୍ଷ ୩୦୦ ଦିନ ପାଇଁ ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ପିଲାମାନଙ୍କୁ ଖାଦ୍ୟ ଯୋଗାଇଥାଏ।

# ୫୦ ବଲ୍‌ରେ ସ୍ମୃତି ମାନ୍ଧାନାଙ୍କ ଶତକ



ନୂଆଦିଲ୍ଲୀ,୨୦।୯: ଦିନିକିଆରେ ଦ୍ରୁତତମ ଶତକ ହାସଲ କରିଛନ୍ତି ଭାରତୀୟ ମହିଳା କ୍ରିକେଟ ତାରକା ସ୍ମୃତି ମାନ୍ଧାନା । ସେ ଶନିବାର ଦିଲ୍ଲୀରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୫୦ଟି ବଲରେ ଶତକ ଅର୍ଜନ କରିଥିଲେ । ଏହା ସହିତ ସେ ୧୩ ବର୍ଷ ପୁରୁଣା ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗିଛନ୍ତି । ୨୦୧୨-୨୩ ସିଜିନରେ ବିରାଟ ଅଷ୍ଟ୍ରେଲିଆ ବିପକ୍ଷରେ ୫୨ଟି ବଲରେ ଶତକ ଅର୍ଜନ କରିଥିଲେ । ସ୍ମୃତି ଏବେ ପୁରୁଷ ଓ ମହିଳା ବର୍ଗ ନିର୍ବିଶେଷରେ ଭାରତର ଦ୍ରୁତତମ ଦିନିକିଆ ଶତକ ଅର୍ଜନକାରୀରେ ପରିଣତ ହୋଇଛନ୍ତି । ନିଜର ଏହି ଇନିଂସରେ ସେ ମୋଟ ୧୨୫ ରନ କରିଥିଲେ, ଯେଉଁଥିରେ ୧୭ଟି ଚୌକା ଓ ୫ଟି ଛକା ଅନ୍ତର୍ଭୁକ୍ତ । ସ୍ମୃତି ଏବେ ପୁରୁଷ ଓ ମହିଳା ବର୍ଗ ନିର୍ବିଶେଷରେ ଭାରତର ଦ୍ରୁତତମ ଦିନିକିଆ ଶତକ ଅର୍ଜନକାରୀରେ ପରିଣତ ହୋଇଛନ୍ତି । ଏହି ମ୍ୟାଚରେ ଅଷ୍ଟ୍ରେଲିଆ ମହିଳା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଓ ଭାରତ ଆଗରେ ୪୧୩ ରନର ବିଶାଳ ଲକ୍ଷ୍ୟ ରଖିଥିଲା । ଅଷ୍ଟ୍ରେଲିଆ ପକ୍ଷରୁ ବେଥ୍ ମୁନି ୧୩୮ ରନ, ଜର୍ଜିଆ ଭଲ୍ ୮୧ ରନ ଓ ଏଲିସି ପେରି ୬୮ ରନ କରିଥିଲେ । ଏତେ ବଡ଼ ସ୍କୋର କରିଥିଲେ ବି ଅଷ୍ଟ୍ରେଲିଆ ସଂପୂର୍ଣ୍ଣ ୫୦ ଓଭର ଖେଳିପାରି ନଥିଲା ଓ ୪୭.୫ ଓଭରରେ ଅଲଆଉଟ ହୋଇଯାଇ ଥିଲା । ଏହାର ଜବାବରେ ଭାରତ ୨୯ତମ ଓଭର ଶେଷ ସୁଦ୍ଧା ୫ ୱିକେଟ ହରାଇ ୨୬୧ ରନ କରିଛି । ଭାରତକୁ ବିଜୟ ପାଇଁ ଆହୁରି ୧୫୨ ରନ ଆବଶ୍ୟକ ହେଉଛି ।

## ଏମସିଏଲର ତ୍ରିବାର୍ଷିକ ସୁରକ୍ଷା କମିଟି ବୈଠକ

ସମ୍ବଲପୁର,୨୦।୯: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଶନିବାର ଏହାର ୨୮ତମ କମ୍ପାନୀ-ସ୍ତରୀୟ ତ୍ରିବାର୍ଷିକ ସୁରକ୍ଷା କମିଟି ବୈଠକ ସଫଳତାର ସହ ଆୟୋଜନ କରିଛି , ଯେଉଁଥିରେ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ , ଟ୍ରେଡ୍ ୟୁନିଅନ୍ ପ୍ରତିନିଧି ଏବଂ କମ୍ପାନୀର ବରିଷ୍ଠ ପରିଚାଳନା ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ବୈଠକଟି ଏମସିଏଲର ଅଧ୍ୟକ୍ଷ - ସମ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କୱାଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ-ପୂର୍ବ ଜୋନର ଡିଜିଏମଏସ ଉପସ୍ଥିତ ଥିଲେ।

### ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ପଞ୍ଜାବ,ସିନ୍ଧ ବ୍ୟାଙ୍କ ପଦାଧିକାରୀ

## ଅଧିକ ଶାଖା ଏବଂ ନୂଆ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାପନ ସଂପର୍କରେ ପ୍ରସ୍ତାବ

ଭୁବନେଶ୍ୱର,୨୦।୯(ନିପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଶନିବାର ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ମେହେରା ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ସାକ୍ଷାତ ସମୟରେ ଶ୍ରୀ ମେହରା ମୁଖ୍ୟ ଶାସନ ସଚିବଙ୍କୁ ଓଡିଶାରେ ଏହି ବ୍ୟାଙ୍କର ରହିଥିବା ସଂପ୍ରସାରଣ ଯୋଜନା ବିଷୟରେ ଅବଗତ କରାଇଥିଲେ । ଶ୍ରୀ ମେହେରା ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାରେ ପଞ୍ଜାବ ଓ ସିନ୍ଧ ବ୍ୟାଙ୍କ, ବ୍ୟାଙ୍କିଂ ସେବା ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ପ୍ରକାଶ କରି ଜଣାଇଥିଲେ ଯେ, ଓଡ଼ିଶାରେ ଏବେ ଏହି ବ୍ୟାଙ୍କର ବିଭିନ୍ନ ଜିଲ୍ଲାରେ ୩୦ଟି ଶାଖା କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ଏକ କ୍ଷେତ୍ରୀୟ କାର୍ଯ୍ୟାଳୟ(ଜୋନାଲ ଅଫିସ) ସହିତ ଆହୁରି ୨୦ ଟି ଶାଖା ଖୋଲାଯିବା ପାଇଁ ଯୋଜନା ରହିଛି । ସେ ଆହୁରି କହିଥିଲେ ଯେ, ବ୍ୟାଙ୍କରନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଡିଶାର ଭୁବନେଶ୍ୱରରେ ଜୋନାଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଅନୁମୋଦନ କରିଛନ୍ତି, ଯାହାଦ୍ୱାରା ଓଡ଼ିଶାରେ ଏହି ବ୍ୟାଙ୍କଗୁଡ଼ିକର ପରିଚାଳନା, ଆର୍ଥିକ ସେବା ବୃଦ୍ଧି ଅଧିକ ପ୍ରଭାବୀ କରିବାରେ ସମର୍ଥ ହେବ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋଚନାରେ ଆହୁରି ପ୍ରକାଶ କରିଛନ୍ତି ଯେ, ଏହି ବ୍ୟାଙ୍କ ଓଡ଼ିଶାର ବିଭିନ୍ନ ଯୋଜନାମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ବିଶେଷ କରି କୃଷି, ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମଏସଏମଇ), ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଉନ୍ନତି ଆଦିରେ ବ୍ୟାଙ୍କିଂ ସହଯୋଗ କରିଆସୁଛି । ଆଗାମୀ ଦିନରେ ଏହି ସହଯୋଗ ଅଧିକ ସୁଦୃଢ ହେବ ବୋଲି ସେ ପ୍ରକାଶ କରିଥିଲେ ।ଶ୍ରୀ ମେହେରା ମଧ୍ୟ ଓଡ଼ିଶା ସରକାରଙ୍କ "ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭" ଦୃଷ୍ଟିକୋଣକୁ ଲକ୍ଷ୍ୟ ହାସଲରେ ରାଜ୍ୟର ମିଶନକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିବା ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ । ଓଡ଼ିଶାରେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର ନୂଆ ଶାଖା ଏବଂ ଜୋନାଲ କାର୍ଯ୍ୟାଳୟ ଖୋଲାଗଲେ ରାଜ୍ୟ ସରକାରଙ୍କ ତରଫରୁ ଏସଂପର୍କରେ ଆବଶ୍ୟକ ସହଯୋଗ ରହିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କ, ବିଜୟୱାଡା ଜୋନର ଜୋନାଲ ମ୍ୟାନେଜର ବିନୟ ଖଣ୍ଡେଲୱାଲ ମଧ୍ୟ ଉପସ୍ଥିତ ଥିଲେ।

### ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ନିରୀକ୍ଷଣ

## ଟ୍ରେନ ଚଳାଚଳ ପାଇଁ ନିରାପତ୍ତା ଦିଗ ଓ ଅମୃତ ଭାରତ ଷ୍ଟେସନକୁ ଗୁରୁତ୍ୱାରୋପ



ଭୁବନେଶ୍ୱର,୨୦।୯: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଶନିବାର ଭୁବନେଶ୍ୱର – ବ୍ରହ୍ମପୁର ରେଳ ସେକ୍ସନର ସମଗ୍ର ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି । ନିରୀକ୍ଷଣ ସମୟରେ ସେ ବ୍ରହ୍ମପୁର ଓ ବାଲୁଗାଁ ରେଳ ଷ୍ଟେସନରେ ଚାଲିଥିବା ଅମୃତ ଷ୍ଟେସନ ପୁନର୍ବିକାଶ ପ୍ରକଳ୍ପର ପ୍ରଗତିକୁ ସମୀକ୍ଷା କରିଛନ୍ତି । ଏଥି ସହିତ ଯାତ୍ରୀଙ୍କ ସୁବିଧାର ସୁଧାରଣୀୟ ବିଭିନ୍ନ ବ୍ୟବସ୍ଥାକୁ ବିଭିନ୍ନ ଷ୍ଟେସନରେ ନିରୀକ୍ଷଣ କରିଛନ୍ତି । ଶ୍ରୀ ଫୁଙ୍କୱାଲ ଟ୍ରେନ ପରିଚାଳନା ଓ ଆଧାରଯୁକ୍ତ ସଂରଚନା ସମ୍ବନ୍ଧୀୟ ନିରାପତ୍ତା ବ୍ୟବସ୍ଥା ଗୁଡିକୁ ମଧ୍ୟ ନିରୀକ୍ଷଣ କରିଥିଲେ । ମହାପ୍ରବନ୍ଧକ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଚାଲୁରହିଥିବା କାର୍ଯ୍ୟଗୁଡିକୁ ଶୀଘ୍ରତାର ସହିତ ସମ୍ପନ୍ନ କରିବାକୁ ଓ ନିର୍ଦ୍ଧାରିତ ସମୟସୀମାରେ କାର୍ଯ୍ୟ ସମାପ୍ତ ପାଇଁ ପ୍ରୟାସ କରିବାକୁ, ଯାହାଦ୍ୱାରା ଯାତ୍ରୀ ସୁବିଧା ଓ ନିରାପତ୍ତାରେ ଅଧିକ ଗୁରୁତ୍ୱ ଦିଆଯିବ । ଏହି ନିରୀକ୍ଷଣରେ ତାଙ୍କ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରଧାନ ମୁଖ୍ୟାଧ୍ୟକ୍ଷମାନେ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶ୍ରୀ ଫୁଂକୱାଲଙ୍କୁ ଏହି ନିରୀକ୍ଷଣ ସମୟରେ ସହାୟତା କରିଥିଲେ।

## ଅନ୍ତର୍ଜାତୀୟ ସମୁଦ୍ର କୂଳ ସଫେଇ ଦିବସ: ପରିବେଶକୁ ସୁସ୍ଥ ରଖିବା ପାଇଁ ଆହ୍ୱାନ



ପୁରୀ,୨୦।୯(ନିପ୍ର): ପରିବେଶ ସୁସ୍ଥ ରହିଲେ ଜୀବଜଗତ ତିଷ୍ଠି ରହିବ। ଏଥିପାଇଁ ଆମ ସମସ୍ତଙ୍କ ସହଯୋଗ, ଉଦ୍ୟମ ଓ ସଂକଳ୍ପ ଜରୁରୀ ବୋଲି ଆହ୍ୱାନ ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ଶନିବାର ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ୍‌ଠାରେ ଆନ୍ତର୍ଜାତୀୟ ସମୁଦ୍ରକୂଳ ସଫେଇ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପୁରୀ ମହାପ୍ରଭୁଙ୍କ ପବିତ୍ର ଧାମ। ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହାକୁ ନିରନ୍ତର ସ୍ୱଚ୍ଛ ରଖିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। ପୁରୀ ସାଂସଦ ଡା ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା,ସ୍ୱଦେଶୀ ଓ ଶସ୍ତା କଥା ସୂଚନା ଦେଇଛନ୍ତି। ସ୍ୱଚ୍ଛ ରହିଲେ ସୁସ୍ଥ ରହିବା, ସ୍ୱଦେଶୀ ବ୍ୟବହାର ଦ୍ୱାରା ଆମ ଅର୍ଥନୀତି ସୁଦୃଢ ହେବ, ବର୍ତ୍ତମାନ ଜିଏସଟି ହ୍ରାସ କରିଥିବାରୁ ଲୋକମାନେ ପ୍ରାୟ ସବୁ ଜିନିଷପତ୍ର ଶସ୍ତାରେ ପାଇବେ। ତେବେ ସୁସ୍ଥ ପରିବେଶ ପାଇଁ ଆମକୁ ସମର୍ପିତ ହେବାକୁ ପଡିବ ବୋଲି ସେ କହିଥିଲେ। ପ୍ରାରମ୍ଭରେ ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ଉମା ନନ୍ଦୁରୀ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ଦେଇଥିବା ବେଳେ ପୁରୀ ଡିଏଫଓ ମଗର ଧନଜ ରାଓସୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରସ୍ତୁତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସମୁଦ୍ର ବେଳାଭୂମିକୁ ଅତିଥିମାନେ ସଫେଇ କରିଥିଲେ। ପୂର୍ବରୁ ଅତିଥିମାନେ ପେଣ୍ଟକଟା ବେଳାଭୂମି ସଫେଇରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### କୋଟି କୋଟି ଖର୍ଚ୍ଚ

# ଭଗ୍ନାବସ୍ଥାରେ କେନ୍ଦ୍ରାପଡ଼ା ବାଇପାସ ବ୍ରିଜ୍

କେନ୍ଦ୍ରାପଡ଼ା,୨୦।୯(ନିପ୍ର): କେନ୍ଦ୍ରାପଡ଼ା ସହର ଏକ ଜନବହୁଳ ସ୍ଥାନ ହୋଇଥିବା ବେଳେ ସହରରେ ଏକ ବଡ ଟ୍ରକ ପଶିଯିବା ଫଳରେ ସହରର ରାସ୍ତା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଏ । ଏସବୁକୁ ନଜରରେ ରଖି ସେତେବେଳର ସରକାର କେନ୍ଦ୍ରାପଡ଼ା ବାଇପାସ ରାସ୍ତାକୁ ବ୍ୟାପକ କରିବା ନିମନ୍ତେ ଗୋବରୀ ନଦୀ କଡରେ ଥିବା ବାଇପାସ ରାସ୍ତାକୁ ବ୍ୟାପକ କରିବା ପାଇଁ ତିନିମୁହାଣୀ ଚଟି ପୋଲ ନିକଟରୁ ରଣପଡା ପର୍ଯ୍ୟନ୍ତ ଏକ ଓଭର ବ୍ରିଜ ଦ୍ୱାରା ବାଇପାସ ରାସ୍ତାକୁ ବ୍ୟାପକ ପାଇଁ ପାଞ୍ଚ ବର୍ଷ ତଳେ କୋଟି କୋଟି ଟଙ୍କାର ପୂର୍ତ୍ତ ବିଭାଗ ଦ୍ୱାରା ଏକ ଟେଣ୍ଡର ହୋଇଥିଲା । କିନ୍ତୁ କାମ ଆରମ୍ଭର ମାତ୍ର କେଇଟା ଦିନ ମଧ୍ୟରେ ନିର୍ମାଣ ହୋଇଥିବା ବ୍ରିଜ ପିଲରଗୁଡିକ ସାମାନ୍ୟ ଭୁଲ୍ କାରଣରୁ ତଳେ ପଡି ଭାଙ୍ଗି ୨ଖଣ୍ଡ ହୋଇଗଲା । ଏହି କାର୍ଯ୍ୟରେ ପୂର୍ତ୍ତ ବିଭାଗର ଲାଗିଥିବା ବଡ ବଡ଼ ବଡ଼ବାବୁଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଭୂମିକା ବେଶ ଗୁରୁତ୍ୱପୁର୍ଣ୍ଣ ଥିଲା ଏବଂ ତତ୍କାଳୀନ ସରକାର ସେହି କର୍ମଚାରୀ ମାନଙ୍କୁ ଦାୟୀ ମଧ୍ୟ କରାଇଥିଲେ । ପୂର୍ବ ସରକାର ପୂର୍ତ୍ତ ବିଭାଗ ମୁଖ୍ୟ ଅଧିକାରୀ ସମେତ ଯନ୍ତ୍ରୀ ଏବଂ ସେହି କାର୍ଯ୍ୟକୁ କରୁଥିବା ଏକ ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ କରିଥିଲେ । ସରକାର ଦେଇଥିବା ସମୟସୀମା ପରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ସମେତ ପୂର୍ତ୍ତ ବିଭାଗ ମୁଖ୍ୟ ଅଧିକାରୀଙ୍କୁ କେନ୍ଦ୍ରାପଡ଼ାରୁ ବଦଳି କରାଯାଇଥିଲା । ଏହାପରେ ଅନ୍ୟ କର୍ମଚାରୀମାନଙ୍କୁ ଚାକିରିରୁ ଛଟେଇ ମଧ୍ୟ କରାଯାଇଥିଲା । ସେହି ଦିନଠାରୁ ଆଜିଯାଏ ଉକ୍ତ ବାଇପାସ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ନା ତାହା ଉପରେ କୌଣସି ଟେଣ୍ଡର ହେଉଛି ନା ସେ ସମ୍ପର୍କରେ କେହି ମୁହଁ ଖୋଲୁଛନ୍ତି । କିନ୍ତୁ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ବ୍ରିଜର ପିଲରଗୁଡିକ ନଦୀରେ ପଡି ପଡି ଶିଉଳି ଖାଉଛି । ସେହିଭଳି ଯଦି ଦେଖିବା ଗୋବରୀ ନଦୀ ଗ୍ରାମାଞ୍ଚଳରୁ ସହରାଞ୍ଚଳ ନୂତନ ବସଷ୍ଟାଣ୍ଡକୁ ସଂଯୋଗୀ କରଣ କରିବା ପାଇଁ ନିର୍ମାଣ ଚାଲିଥିବା ବ୍ରିଜ କାର୍ଯ୍ୟ ମଧ୍ୟ ହଠାତ୍ ବନ୍ଦ ହୋଇଗଲା । କାରଣ ବାଇପାସ କାର୍ଯ୍ୟକୁ ଯେଉଁ ଘରୋଇ ସଂସ୍ଥା ନେଇଥିଲା ତାକୁ ଯେତେବେଳେ ସରକାର ନିଷିଦ୍ଧ କଲେ ଓ ସେଥିଲାଗି ଉକ୍ତ ଘରୋଇ ସଂସ୍ଥା କାର୍ଯ୍ୟ ବନ୍ଦ ରହିଲା । ଫଳରେ ଉକ୍ତ ବ୍ରିଜ ମଧ୍ୟ ହୋଇପାରିଲା ନାହିଁ । ଯାହାଦ୍ୱାରା ଦୀର୍ଘ ବର୍ଷରୁ ଉପେକ୍ଷା କରିଥିବା ଦୁଇଟି ପଞ୍ଚାୟତବାସୀ ସହରକୁ ବ୍ରିଜ୍ ସଂଯୋଗୀକରଣ ଆଶା ଆଶାରେ ରହିଗଲା । ଏହି ବ୍ରିଜ ହୋଇଥିଲେ କପାଳେଶ୍ୱର ଏବଂ ଗୁଳନଗର ଗ୍ରାମବାସୀ ବହୁ ଉପକୃତ ହୋଇଥାନ୍ତେ । ଏହା ବନ୍ଦ ହୋଇଯିବା ଦ୍ୱାରା ସହରବାସୀ ଏବଂ ପଞ୍ଚାୟତ ଲୋକେ ଦୁଃଖ ପ୍ରକାଶ କରିଥିବାର ଦେଖିବାକୁ ମିଳିଛି । ଏହି ପ୍ରୋଜେକ୍ଟକୁ ପୁନର୍ବାର ଆରମ୍ଭ ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ଦାବି ହେଉଥିବା ବେଳେ ବିଧାୟକ ଗଣେଶ୍ୱର ବେହେରା ଉକ୍ତ ବ୍ରିଜ କାର୍ଯ୍ୟ ପୁନଃ ଆରମ୍ଭ ପାଇଁ ସ୍ୱର ଉଠାଇଲେ ଲୋକେ ଏବଂ ନିଶ୍ଚିନ୍ତ ଭାବେ ଅଞ୍ଚଳରେ ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Banpur dated 20.09.2025 affidavit no.3592. I Kalyani Jani W/o-Nityananda Jani, At-Nuagaon, Po-Niladri Prasad, Ps-Banpur Dist-Khurda, Odisha, Pin-752035 declare that I, have changed my name from Kalyani Nayak to Kalyani Jani. Henceforth I shall be known as Kalyani Jani for all purposes.

Sd/-KALYANI JANI

**AFFIDAVIT**

By virtue of an affidavit sworn before The Executive Magistrate, Banpur on dated 18.09.2025 vide affidavit no.3566, Ranjita Behera W/o-Aswini Kumar Behera, At-Torasingh, Po-Panchugaon Ps-Banpur, Dist-Khurda declare that I have changed my son's name from Prithuiraj Behera to Pruthiraj Behera. Henceforth my son's name shall be known as Pruthiraj Behera for all purposes.

Sd/-RANJITA BEHERA

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.8709 dated 20.09.2025, I, Prashanta Kumar Panda S/o-Late Prafulla Chandra Panda of At/Po/Ps-Dharakote, Dist-Ganjam Odisha do hereby declare that I have changed my name from Prasanta Panda to Prashanta Kumar Panda S/o Prafulla Chandra Panda. Henceforth I shall be known as Prashanta Kumar Panda for all purposes.

Sd/-PRASHANTA KUMAR PANDA

**AFFIDAVIT**

By virtue of an affidavit sworn before The Executive Magistrate, Tangi, Dist-Khordha affidavit no.1463 dated 17.09.2025, I , Dillip Kumar Sahoo S/o-Alia Sahoo, At-Upimara, Po/Ps-Tangi, Dist-Khordha do hereby declare that I have changed my name from Dilip Kumar Sahu S/o Alia Sahu to Dillip Kumar Sahoo S/o-Alia Sahoo. Henceforth I shall be known as Dillip Kumar Sahoo, S/o-Alia Sahoo for all purposes.

Sd/-DILLIP KUMAR SAHOO

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ